


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୩ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 23 NOVEMBER 2023

Vol.No. 34 ■ No. 307■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଉ କିଛି ଘଣ୍ଟାର ଅପେକ୍ଷା: ଶ୍ରମିକଙ୍କ ନିକଟତର ହେଲା ୮୦୦ ମିମି ପାଇପ୍



ନୂଆଦିଲ୍ଲୀ, ୨୨/୧୧ : ଉତରକାଶୀର ସିଲକ୍ୟାରା ସୁଡ଼ଙ୍ଗ ସାମ୍ନାରେ ପ୍ରସ୍ତୁତ ହୋଇ ରହିଛି ଆମ୍ବୁଲାନ୍ସ, ବଡ଼ ଆଶ୍ୱସ୍ତି ଆଣିଦେଇଛି । ଫସିରହିଥିବା ଶ୍ରମିକମାନେ ଶୀଘ୍ର ଉଦ୍ଧାର ପାଇବେ ବୋଲି ଆଶା ସଂଚାର ହୋଇଛି । ସୁଡ଼ଙ୍ଗର ଭଗ୍ନାବଶେଷ ଦେଇ ସମାନ୍ତରାଳ ଭାବେ ଯେଉଁ ପାଇପ ଖଞ୍ଜା ଯାଉଛି, ତାହା ପ୍ରାୟ ୬୭ ପ୍ରତିଶତ ପ୍ରବେଶ କରିସାରିଛି । ଆଉ ମାତ୍ର କିଛି ମିଟରେ ପରେ ଶ୍ରମିକଙ୍କ ପାଖରେ ଏହି ପାଇପ ପହଂଚିଯିବ । ଏବଂ ପ୍ରାୟ ୯୦୦ ମିଟର ଗୋଲେଇର ଏହି ପାଇପ୍ ଦେଇ ସୁଡଙ୍ଗ ଭିତରେ ଫସିରହିଥିବା ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ। ତେଣୁ ଆଗାମୀ କିଛି ଘଂଟା ଉଦ୍ଧାରକାରୀ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ସଡକ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ମହମୁଦ ଅହମ୍ମଦ । ବଡକଥା ହେଉଛି ଶ୍ରମିକମାନଙ୍କ ସହ ଯୋଗାଯୋଗ ଆହୁରି ସହଜ ହୋଇଛି । ମଙ୍ଗଳବାରଠାରୁ ଶ୍ରମିକମାନଙ୍କ ପାଖରେ ପହଂଚିସାରିଥିବା ୬ ଇଂଚ୍ ଓସାରର ଏକ ପାଇପ ଜରିଆରେ ଅତ୍ୟାବଶ୍ୟକ ସାମଗ୍ରୀ ପହଂଚିପାରୁଛି । ଯାହାକୁ କୁହାଯାଉଛି ଦ୍ୱିତୀୟ ଲାଇଫ ଲାଇନ୍ । ଏହି ପାଇପ ଜରିଆରେ ଶ୍ରମିକଙ୍କୁ ରୁଟି, ତରକାରୀ, ଖେଚେଡ଼ି, ଦଲିଆ, କମଳା, କଦଳି ଭଳି ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯେପରିକି ଟି-ସାର୍ଟ, ଅନ୍ତଃବସ୍ତ୍ର, ଟୁଥପେଷ୍ଟ ଓ ସାବୁନ ଆଦି ଯୋଗାଇ ଦିଆଯାଇଛି । ଗତ ୧୨ ତାରିଖରୁ ଉତରାଖଣ୍ଡର ଏହି ସୁଡଙ୍ଗ ଭିତରେ ୪୧ ଜଣ ଶ୍ରମିକ ଫସିରହିଛନ୍ତି । ଏମାନଙ୍କ ଉଦ୍ଧାର ନେଇ ସାକାରାତ୍ମକ ଖବର ଆସିବା ପରେ ଆଶ୍ୱସ୍ତ ହୋଇଛନ୍ତି ଓଡିଶାରୁ ଯାଇଥିବା ୫ ଶ୍ରମିକଙ୍କ ପରିବାର। ଗୋଟିଏ ପଟେ ଆମେରିକାରୁ ଅଣାଯାଇଥିବା ଆର୍ଥ ଅଗର ମେସିନ୍ ସାହାଯ୍ୟରେ ଏକ ପାଇପ ସୁଡଙ୍ଗର ସମାନ୍ତରାଳ ଭାବେ ଖଞ୍ଜା ଯାଉଛି। ଅନ୍ୟପଟେ ସୁଡଙ୍ଗର ଉପରପଟୁ ତେରେଛା ଭାବେ ଆଉଏକ ବିକଳ୍ପ ବାଟ ମଧ କରାଯାଉଛି । ଏଥିପାଇଁ ବର୍ଡର ରୋଡ ଅର୍ଗାନାଇଜେସନ୍-ବିଆରଓ ଏକ ରାସ୍ତା ତିଆରି କରିଥିଲା । ଏହାଫଳରେ ଶ୍ରମିକଙ୍କ ସୁରକ୍ଷିତ ଉଦ୍ଧାର ସମ୍ଭବ ହେବ । ବିଭିନ୍ନ ପ୍ରକାର ବାଧା ଓ ବାରମ୍ବାର ଯୋଜନା ପରିବର୍ତନ ସତ୍ୱେ ଏବେ ଶ୍ରମିକଙ୍କ ମୁକ୍ତି ନେଇ ଆଶା ଦେଖା ଦେଇଛି । ଶୀଘ୍ର ଶ୍ରମିକମାନେ ବାହାରକୁ ବାହାରିଲେ ଚିକିତ୍ସା ପାଇଁ ଏକ ଡାକ୍ତରୀ ଟିମ୍ ମଧ ପ୍ରସ୍ତୁତ ହୋଇ ରହିଛନ୍ତି ।

## ସୁଜାତା କାର୍ତ୍ତିକେୟନଙ୍କୁ ଭାଷା,ସାହିତ୍ୟ ଓ ସଂସ୍କୃତିର ଅତିରିକ୍ତ ଦାୟିତ୍ୱ



ଭୁବନେଶ୍ୱର, ୨୨/୧୧ (ନି.ପ୍ର): ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ମିଳିଲା ଅତିରିକ୍ତ ଦାୟିତ୍ୱ। ଭାଷା,ସାହିତ୍ୟ ଓ ସଂସ୍କୃତି ସଚିବ ଭାବେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ବର୍ତ୍ତମାନ ସେ ମିଶନ ଶକ୍ତି ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏ ନେଇ ବୁଧବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁଜାତା ହେଉଛନ୍ତି ୨୦୦୦ ମସିହା ଓଡ଼ିଶା କ୍ୟାଡରର ଆଇଏଏସ ଅଫିସର। ମିଶନ ଶକ୍ତି ସଚିବଙ୍କୁ ଅତିରିକ୍ତ ଦାୟିତ୍ୱ। ନାରୀ ସଶକ୍ତି କରଣ ସହିତ ଏବେ ଭାଷା ସଂସ୍କୃତି ବିକାଶର ମଧ ଦାୟିତ୍ୱ। ମିଶନ ଶକ୍ତି କମିଶନର ସଚିବ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ଆଜି ରାଜ୍ୟ ସରକାର ଆଉ ଏକ ବିଭାଗର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ୨୦୦୦ ମସିହା ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶ୍ରୀମତୀ କାର୍ତ୍ତିକେୟନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ସେ ଏବେ ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଭାବେ କାର୍ଯ୍ୟ କରୁଛନ୍ତି ।

▶▶ପୃଷ୍ଠା ୭

## କ୍ୟାମେରାରେ ଧରା ପଡ଼ିଲା ମହାବଳ ବାଘ: ଲୋକେ ଛାନିଆ

ଗଜପତି, ୨୨/୧୧ (ନି.ପ୍ର): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଞ୍ଚଳରେ ବୁଲୁଛି ବାଘ । ତାହା ପୁଣି କଲରାପତରାଆ ନୁହେଁ, ମହାବଳ ବାଘ। ବନ ବିଭାଗର ଟ୍ରାପ କ୍ୟାମେରାରେ ଆସିଛି ଏହାର ଫଟୋ । କିଛି ଦିନ ହେଲା ଏହି ବାଘଟି ସୀମାନ୍ତ ଆନ୍ଧ୍ର ପ୍ରଦେଶର ସାରାଳି ଅଞ୍ଚଳରେ ବୁଲୁଥିବାର ଖବର ଆସିଥିଲା। ଉକ୍ତ ବାଘଟି ଏକ ଗାଇକୁ ଝାମ୍ପି ଖାଇଥିବା ଗଜପତି ଜିଲ୍ଲା ଅଁଳାବର ଗାଁର ଲୋକେ କହିଥିଲେ। ବନ ବିଭାଗ କର୍ମଚାରୀ ଆସି ପହଞ୍ଚି ବାଘର ପାଦ ଚିହ୍ନ ଦେଖିବାକୁ ପାଇଥିଲେ। କିଛି ଦୂରରେ ଗାଇର ମୃତଦେହ ପଡ଼ିଥିଲା। ଗାଇଟିକୁ ବାଘଟି ଅଧା ଖାଇ ଛାଡ଼ି ଦେଇଛି।

## ଉଠବସ କରାଇଲେ ଶିକ୍ଷୟିତ୍ରୀ: ଟଳି ପଡ଼ିଲେ ଚତୁର୍ଥ ଶ୍ରେଣୀ ଛାତ୍ର

ଯାଜପୁର, ୨୨/୧୧ (ନି.ପ୍ର): ଷ୍ଟମୁକ୍ତ ଅଞ୍ଚଳରେ ମିଳିଲା ଦଣ୍ଡ। ପାଠ ନ ଆସିବାରୁ ଶାସ୍ତି ଦେଲେ ମ୍ୟାଡାମ୍। ମ୍ୟାଡାମଙ୍କ ନାଲି ଆଖିକୁ ଡରି ଉଠ୍ ବସ୍ ହେଉଥିବା ବେଳେ ହିଁ ଟଳି ପଡ଼ିଲା ଚତୁର୍ଥ ଶ୍ରେଣୀ ଛାତ୍ର। ଏପରି ଏକ ଲୋମଟାଙ୍କୁରା ଘଟଣା ଯାଜପୁର ଜିଲ୍ଲାରେ ଘଟିଛି। ମୃତ ଛାତ୍ରଜଣକ ହେଲେ କୁଆଖିଆ ଥାନା ସାନଓରାଳି ସୂର୍ଯ୍ୟ ନାରାୟଣ ନୋଡାଲ ୟୁପି ସ୍କୁଲର ରୁଦ୍ର ନାରାୟଣ ସେଠୀ ବୋଲି ଜଣାଯାଇଛି। ସହପାଠୀଙ୍କ କହିବା ଅନୁସାରେ, ମ୍ୟାଡମ୍ ରୁଦ୍ରକୁ କିଛି ପାଠ ପଚାରିଲେ, ମାତ୍ର ସେ କହିପାରିଲା ନାହିଁ । ଏହା ପରେ ତାକୁ ଆଣ୍ଠେଇବାକୁ କହିଲେ ମ୍ୟାଡମ। କିଛି ସମୟ ପରେ ପୁଣି ତାକୁ ଉଠବସ୍ କରାଇଲେ । ତିନି ଚାରି ଥର ଉଠ ବସ୍ ହେବା ପରେ ରୁଦ୍ର ବେହୋସ ହୋଇ ପଡ଼ିଯାଇଥିଲା। । ସଙ୍ଗେ ସଙ୍ଗେ ଶିକ୍ଷୟିତ୍ରୀମାନେ ପାଣି ଛାଟି ତାକୁ ଉଠାଇବାକୁ

▶▶ପୃଷ୍ଠା ୭

## ଶ୍ରୀମନ୍ଦିରରେ ବୟସ୍କଙ୍କ ପାଇଁ ହେବ ସ୍ୱତନ୍ତ୍ର ଶେଡ୍



ପୁରୀ, ୨୨/୧୧ (ନି.ପ୍ର): ଶ୍ରୀମନ୍ଦିରରେ ବୟସ୍କଙ୍କ ପାଇଁ ହେବ ସ୍ୱତନ୍ତ୍ର ଶେଡ୍। ନୂଆ ଲାଇନ୍ ହେବ, ପାଣିର ବ୍ୟବସ୍ଥା ମଧ ରହିବ। ଶ୍ରୀମନ୍ଦିରରେ ଦର୍ଶନ ଯନ୍ତ୍ରଣା ନେଇ ବୈଠକ ପରେ ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ ଏନେଇ ସୂଚନା ଦେଇଛନ୍ତି। ଆଜିଠାରୁ ନୀତି ତ୍ୱରାନ୍ୱିତ ବ୍ୟବସ୍ଥା କରାଯିବ। ଶୃଙ୍ଖଳିତ ଦର୍ଶନ ପାଇଁ ଅଧିକ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବ। ଦର୍ଶନ ପାଇଁ ଆସୁଥିବା ସବୁ ଭକ୍ତଙ୍କ ପ୍ରତି ପ୍ରଶାସନର ସମବେଦନା ରହିଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ଗତକାଲି ଶ୍ରୀମନ୍ଦିର ପ୍ରଶାସନର ବୈଠକ ପରେ ଆଜି ସକାଳୁ ନୀତିକାନ୍ତି ସଅଳ ହୋଇଛି। ଶ୍ରୀମନ୍ଦିରରେ ବୟସ୍କଙ୍କ ପାଇଁ ସିଂହଦ୍ୱାର ସମ୍ମୁଖରେ ସ୍ୱତନ୍ତ୍ର ଶେଡ୍ ଓ ବସିବା ପାଇଁ ଚେୟାର ପଡ଼ିଛି। ସେହିପରି ପଞ୍ଚୁକ ପାଞ୍ଚ ଦିନ ଭିଡ଼ ପରିଚାଳନା ଓ ଶୃଙ୍ଖଳିତ ଦର୍ଶନ ପାଇଁ ମରିଚକୋଟ ଛକ ଯାଏଁ ବ୍ୟାରିକେଡ୍ ବଢାଯିବ। ସେଥିପାଇଁ ମରିଚକୋଟ ଛକ ଯାଏଁ ଉଠା ଦୋକାନ ଓ ମାର୍କେଟ ଛକରୁ ଗାଡି ଚଳାଚଳ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ବରିଷ୍ଠ ଏବଂ

▶▶ପୃଷ୍ଠା ୭

# କ୍ୟାବିନେଟ୍ ନିଷ୍ପତ୍ତିକୁ ନେଇ ଗୃହ ଅଚଳ





ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଆଦିବାସୀଙ୍କ ଜମି କିଣାବିକା ପ୍ରସଙ୍ଗରେ କ୍ୟାବିନେଟ୍ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ଦାବିରେ ବିଧାନସଭାରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଉଭୟ ବିଜେପି ଓ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ଠପ୍ ହୋଇଛି । ସର୍ବଦଳୀୟ ବୈଠକ ମଧ ଫେଲ୍ ମାରିଛି । ଆଉ ଏପଟେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଆଜି ଦେଇଥିବା ବୟାନ ରାଜ୍ୟରେ କ୍ୟାବିନେଟ୍ ବୈଠକ କିଭଳି ବସେ ଓ କାର୍ଯ୍ୟ କରେ ତା'ର ଗୁମର ଖୋଲିଛନ୍ତି । କ୍ୟାବିନେଟ୍ ବୈଠକରେ ଆଦିବାସୀଙ୍କ ଜମି ହସ୍ତାନ୍ତର ପ୍ରସଙ୍ଗରେ ନିଆଯାଇଥିବା ନିଷ୍ପତ୍ତି ସରକାରୀସ୍ତରରେ ପରିପକ୍ୱ ନୁହେଁ ବୋଲି କହି ଶ୍ରୀ ମାର୍ଣ୍ଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ କ୍ୟାବିନେଟ ଉପରକୁ ପରୋକ୍ଷରେ ଅଙ୍ଗୁଳି ଉଠାଇଥିବା ଚର୍ଚ୍ଚା ହେଉଛି । ଆଜି ବିଧାନସଭାର ଶୀତ ଅଧିବେଶନର ଦ୍ୱିତୀୟ ଦିନରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ଉଭୟ ବିଜେପି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧଭାଗକୁ ଆସି ହଟ୍ଟଗୋଳ କରିଥିଲେ। ସ୍ପେଶାଲ ମୋସନ ଆଣି ଗୃହରେ କ୍ୟାବିନେଟ୍ ନିଷ୍ପତ୍ତି ଉପରେ ଆଲୋଚନା ପାଇଁ ବିରୋଧୀ ଦଳ ଦାବି କରିଥିଲେ । କିନ୍ତୁ ଏହି ମୋସନକୁ ବାଚସ୍ପତି ଗ୍ରହଣ ନକରିବାରୁ ଉଭୟ ବିଜେପି ଓ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡ଼ିୟମ ତଳେ ହଟ୍ଟଗୋଳ କରିଥିଲେ ।

▶▶ପୃଷ୍ଠା ୭

# ଜମି ପଟ୍ଟା ଦିଅ: ବସ୍ତି ବାସିନ୍ଦା-ପୁଲିସ ଧସ୍ତାଧସ୍ତି



ଭୁବନେଶ୍ୱର, ୨୨/୧୧ (ନି.ପ୍ର): ରାଜସ୍ୱ ଜମି ପଟ୍ଟା ପ୍ରଦାନ ଦାବିରେ ଭୁବନେଶ୍ୱର ସାଲିଆ ସାହିର ତେଜିଲା ଆନ୍ଦୋଳନ। ବିଧାନସଭା ଘେରାଉ ପାଇଁ ବିଶାଳ ରାଲି ସହ ରାଜରାସ୍ତାକୁ ଓହ୍ଲାଇଛନ୍ତି ହଜାର ହଜାର ସାଲିଆ ସାହି ବସ୍ତି ବାସିନ୍ଦା। ୬ଶହ ବର୍ଗଫୁଟ ଜଙ୍ଗଲ ଜମିର ରାଜସ୍ୱ ଜମି ପଟ୍ଟା ପ୍ରଦାନ ଦାବିରେ ଚାଲିଛି ଆନ୍ଦୋଳନ। ରାଜଧାନୀର ସମସ୍ତ ବସ୍ତିକୁ ସର୍ଭେ କରାଜାଇ ଜମି ପଟ୍ଟା ପ୍ରଦାନ କରାଯାଉଥିବା ବେଳେ ସାଲିଆସାହିକୁ ସର୍ଭେରୁ ବାଦ୍ ଦିଆଯାଇଛି। ଏହାକୁ ସେମାନେ ପ୍ରତିବାଦ କରିଛନ୍ତି। ଜଙ୍ଗଲ ଜମି କହି ସାଲିଆ ସାହି ମଧରେ ୨ଶହ ଫୁଟିଆ ରାସ୍ତା ତିଆରିକୁ ମଧ ବିରୋଧ କରୁଛନ୍ତି ବସ୍ତି ବାସିନ୍ଦା। ବସ୍ତି ଭିତରେ ୨ଶହ ଫୁଟର ରାସ୍ତା ନାମରେ ସର୍ଭେ କରାଯାଇ ବସ୍ତି ବାସିନ୍ଦାଙ୍କୁ ଟ୍ରାଂଜିଟ କ୍ୟାମ୍ପକୁ ଠେଲି ଦେବାକୁ ଚକ୍ରାନ୍ତ କରଯାଇଥିବା ଅଭିଯୋଗ କରିଛନ୍ତି ବସ୍ତି ବାସିନ୍ଦା। ଜୟଦେବ ବିହାର ବିଜୁ ପଟ୍ଟନାୟକ କଲେଜ୍ ସମ୍ମୁଖରେ ରାସ୍ତା ଅବରୋଧ କରିଛନ୍ତି ଲୋକେ। ଫଳରେ ଜୟଦେବ ବିହାର-ଏକାମ୍ର କାନନ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ହୋଇଛି। ବ୍ୟାପକ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

## ଗାଇଡେଡ ମିସାଇଲ ବ୍ରହ୍ମୋସର ସଫଳ ପରୀକ୍ଷଣ





ନୂଆଦିଲ୍ଲୀ, ୨୨/୧୧ : ସମୁଦ୍ର ମଧରେ ଆଇଏନଏସ ଇମ୍ଫାଲରୁ ସୁପରସୋନିକ ବ୍ରହ୍ମୋସ ମିଶାଇଲର ସଫଳ ପରୀକ୍ଷଣ । ନୌସେନାର ଯୁଦ୍ଧପୋତରେ ସାମିଲ ହେବା ପୂର୍ବରୁ ଏହାର ପରୀକ୍ଷଣ ସଫଳ ହୋଇଛି । ସମୁଦ୍ର ମଧରେ ହିଁ ଏହି ସୁପରସୋନିକ ମିଶାଇଲ ନିଜର ଲକ୍ଷ୍ୟ ଭେଦ କରିବାରେ ସକ୍ଷମ । ଏଥିରୁ ଶତ୍ରୁରାଷ୍ଟ୍ର ବର୍ତିବା କଷ୍ଟକର ବୋଲି ଭାରତୀୟ ନୌସେନା ପକ୍ଷରୁ କୁହାଯାଇଛି । ଚଳିତବର୍ଷ ଶେଷ ଆଡକୁ ଏହି ମିଶାଇଲ ଭାରତୀୟ ନୌସେନାରେ ସାମିଲ ହେବାକୁ ଯାଉଛି । ଏହି ମିଶାଇଲ ଭାରତୀୟ ଯୁଦ୍ଧପୋତରେ ମୁତୟନ ହେଲେ ନୌସେନାର ଶକ୍ତି ବୃଦ୍ଧି ହେବା ସହିତ ଶତ୍ରୁପକ୍ଷଙ୍କ ନିଦ ହଜାଇବାରେ ସକ୍ଷମ ହେବ ।

# ୪ ଦିନ ପାଇଁ ଯୁଦ୍ଧବିରତି ଘୋଷଣା କଲା ଇସ୍ରାଏଲ



ନୂଆଦିଲ୍ଲୀ, ୨୨/୧୧ : ଇସ୍ରାଏଲ-ହମାସ ମଧରେ ଚାଲିଥିବା ଘମାଘୋଟ ଲଢେଇ ଭିତରେ ଆସିଲା ଶାନ୍ତିର ବାର୍ତା । ଅସ୍ତ୍ରବିରତି ପାଇଁ ରାଜି ହେଲେ ଉଭୟ ହମାସ ଓ ଇସ୍ରାଏଲ । । ଦୀର୍ଘ ଦେଢମାସରୁ ଉର୍ଦ୍ଧ ସମୟ ଧରି ଯୁଦ୍ଧ ହେବା ପରେ ଉଭୟ ପକ୍ଷ ରାଜି ହୋଇଥିବା ଜଣାପଡିଛି । ୪ଦିନ ପାଇଁ ଯୁଦ୍ଧ ବନ୍ଦ ରଖିବାକୁ ଇସ୍ରାଏଲ-ହମାସ ମଧରେ ଚୁକ୍ତି ହୋଇଛି । ଏହି ସମୟରେ ବନ୍ଧକ ରଖିଥିବା ୫୦ରୁ ଅଧିକ ପଣବନ୍ଦୀଙ୍କୁ ମୁକ୍ତ କରିବ ହମାସ । ଇସ୍ରାଏଲ ନେଇ ପୂର୍ବରୁ ସର୍ତ ରଖିଥିଲା । ତେବେ ବେଂଜାମିନ ନେତନ୍ୟାହୁଙ୍କ କ୍ୟାବିନେଟ ବୈଠକ ପରେ ଏହି ଚୁକ୍ତିରେ ମୋହର ବାଜିଛି । ଏହା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ବୟାନ ସାମ୍ନାକୁ ଆସିଛି । ବେଂଜାମିନ ନେତନ୍ୟାହୁ କହିଛନ୍ତି । ଏହା ଏକ କଷ୍ଟସାଧ ନିଷ୍ପତି କିନ୍ତୁ ସଠିକ ନିଷ୍ପତି । ଚୁକ୍ତି ଅନୁଯାୟୀ ୫୦ଜଣ ପଣବନ୍ଦୀଙ୍କୁ ମୁକ୍ତ କରିବ ହମାସ । ୪ଦିନ ଧରି ବନ୍ଦ ରହିବ ଯୁଦ୍ଧ । ସେପଟେ ହମାସ ମାନବିକ ଚୁକ୍ତିକୁ ସ୍ୱାଗତ କରିଛି । ହମାସ ଏକ ବିବୃତି ଜାରି କରିଛି ।ହମାସ କହିଛି ଇସ୍ରାଏଲରେ ବନ୍ଧକ ଥିବା ପାଲେଷ୍ଟାଇନୀୟ ମୁକୁଳିବେ । ୧୫୦ଜଣ ପାଲେଷ୍ଟାଇନ ନାଗରିକ ମୁକ୍ତ କରିବ ଇସ୍ରାଏଲ । କତାର ମଧସ୍ଥତା କରିଛି। ତେବେ ଯୁଦ୍ଧ ବିରାମ ରାଜିନାମାକୁ ୩୮ଜଣ ଇସ୍ରାଏଲ ମନ୍ତ୍ରୀ ସମର୍ଥନ କରିଛନ୍ତି । ଅନ୍ୟପଟେ ଅଜମା ୟହଟିଡ ଓ ରିଲିଜିୟସ ଜିଓନିଜିମ ଦଳମାନେ ବିରୋଧ କରିଛନ୍ତି । ବନ୍ଧକ ରହିଥିବା ମହିଳା ଓ ଶିଶୁଙ୍କ ମୁକୁଳାଇବା ପାଇଁ ଚୁକ୍ତି କରିଛି ଇସ୍ରାଏଲ । ତେବେ ବିଦେଶ ବନ୍ଧକ ମୁକ୍ତ ହେବେ କି ନାହିଁ ସେନେଇ କୌଣସି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିନି। ଯୁଦ୍ଧରେ ବଡ ଧରଣର କ୍ଷୟକ୍ଷତି ସହୁଛନ୍ତି ଉଭୟ ପକ୍ଷ । ନିରୀହ ନାଗରିକଙ୍କ ମୃତ୍ୟୁକୁ ନେଇ ସାରା ବିଶ୍ୱ ନିନ୍ଦା କରିବାସହ ଇସ୍ରାଏଲକୁ ନିବୃତ ରହିବାକୁ ଅପିଲ କରିଛନ୍ତି ।

# ସେନା-ଆତଙ୍କୀ ମୁହାଁମୁହିଁ: ମେଜରଙ୍କ ସମେତ ୩ ସହିଦ



ଜମ୍ମୁ , ୨୨/୧୧ : ପୁଣି ସେନା ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ଜମ୍ମୁ କଶ୍ମୀରର ରଜୌରୀରେ ଭାରତୀୟ ସେନା ଓ ଆତଙ୍କବାଦୀଙ୍କ ମଧରେ ଗୁଳିବିନିମୟ ହୋଇଛି। ଏଥିରେ ଭାରତୀୟ ସେନାର ଜଣେ ମେଜର ଓ ଦୁଇ ଜଣ ଯବାନ ସହିଦ ହୋଇଛନ୍ତି। ସେହିପରି ସେନା ଗୁଳିରେ ଜଣେ ଆତଙ୍କବାଦୀ ମଧ ନିହତ ହୋଇଥିବା ସୂଚନା ମିଳିଛି। ରଜୌରୀର କାଲକୋଟ ଥାନା ଅନ୍ତର୍ଗତ ବାଜି ଗାଁର ଜଙ୍ଗଲରେ ଦୁଇରୁ ତିନି ଆତଙ୍କବାଦୀ ଲୁଚି ରହିଥିବା ନେଇ ସୁରକ୍ଷାକର୍ମୀଙ୍କୁ ଖବର ମିଳିଥିଲା। ଏହାପରେ ଭାରତୀୟ ସେନା ଓ ଜମ୍ମୁ କଶ୍ମୀର ପୁଲିସର ସ୍ପେଶାଲ ଅପରେସନ୍ ଗ୍ରୁପ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ଏହି ସମୟରେ ଜଙ୍ଗଲ ଭିତରେ ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧରେ ଗୁଳିବିନିମୟ ହୋଇଥିଲା। ଏଥିରେ ସେନା ଗୁଳିରେ ଜଣେ ଆତଙ୍କବାଦୀ ନିହତ ହୋଇଥିବା ବେଳେ ଭାରତୀୟ ସେନାର ତିନି ଜଣ ସହିଦ ହୋଇଛନ୍ତି। ଜଙ୍ଗଲ ଭିତରେ ଆହୁରି ଦୁଇରୁ ତିନି ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଡ୍ରୋନ୍ ଓ ହେଲିକପ୍ଟର ସହାୟତାରେ ପୂରା ଅଞ୍ଚଳରେ ଆତଙ୍କବାଦୀଙ୍କ ଗତିବିଧି ଉପରେ ସୁରକ୍ଷାକର୍ମୀ ପକ୍ଷରୁ ନଜର ରଖାଯାଇଛି।

# ଜୟପୁରରେ କ୍ରିକେଟ ଓ ଫୁଟବଲ ଷ୍ଟାଡିୟମ ନିର୍ମାଣ ପାଇଁ ଦାବି

ଜୟପୁର, ୨୨/୧୧ (ନି.ପ୍ର): ଜୟପୁରରେ କ୍ରିକେଟ ଓ ଫୁଟବଲ ଷ୍ଟାଡିୟମ ନିର୍ମାଣ ପାଇଁ ଜୋର ଧରିଛି ଦାବି । ଜିଲା କ୍ରିକେଟ ଆସୋସିଏସନର ସଭାପତି ସୁବାସ ରାଉତ ଏନେଇ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ, ଜଗନ୍ନାଥ ସାଗର ଦକ୍ଷିଣ ପଟେ ଜୟପୁର ମୌଜାର ଖାତାରେ ୮ ଏକର ସରକାରି ଜମି ରହିଛି । ଏହି ସ୍ଥାନରେ କ୍ରିକେଟ ଓ ଫୁଟବଲ ଷ୍ଟାଡିୟମ ନିର୍ମାଣ କରିବାକୁ ଦାବି କରାଯାଇଛି ।

କୋରାପୁଟ ଜିଲା ଜୟପୁର ସହରର ଯୁବଗୋଷ୍ଠୀ ଜାତୀୟ ଓ ଅନ୍ତର୍ଜାତିୟ ସ୍ତରରେ ବିଭିନ୍ନ ଖେଳ ଖେଳି ଅନେକ ସୁନାମ ଅର୍ଜନ କରିଛନ୍ତି । ଯୁବ ଗୋଷ୍ଠୀଙ୍କୁ କ୍ରୀଡା ପ୍ରତି ଆକୃଷ୍ଟ କରାଇବା ସହ ପ୍ରତିଭାର ବିକାଶ ପାଇ ଷ୍ଟାଡିୟମର ଆବଶ୍ୟକତା ରହିଛି । ଷ୍ଟାଡିୟମ ହେଲେ ଆଭ୍ୟାସ କରିବା ସହ କ୍ରିକେଟ ଓ ଫୁଟବଲ ଖେଳ ମଧ ହୋଇପାରିବ । ଜୟପୁରରେ ଖେଳର ପ୍ରତିଭା ରହିଛି କିନ୍ତୁ ଭିତ୍ତିଭୂମି ଅଭାବ ଯୋଗୁଁ ଖେଳାଳିମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି । ତେଣୁ ରାଜ୍ୟ ସରକାର ଏଠାରେ କ୍ରିକେଟ ଓ ଫୁଟବଲ ଷ୍ଟାଡିୟମ ନିର୍ମାଣ କରିବାକୁ ଅନୁରୋଧ କରାଯାଇଛି । ଏହି ଦାବି ପତ୍ରର ନକଲ ୫ଟି ଅଧକ୍ଷ ଭି. କେ ପାଣ୍ଡିଆନ, କୋରାପୁଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।

# ବିଜେପି ତରଫରୁ ପୌର ପାଳିକା ଓ ବ୍ଲକ କାଯ୍ୟାଳୟ ଘେରାଉ

ଜୟପୁର, ୨୨/୧୧ (ନି.ପ୍ର): ବିଜେପି ପକ୍ଷରୁ ଜୟପୁର ପୌରପାଳିକା ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ଦୁର୍ନିତି ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଘେରାଉ କରାଯାଇଛି । କୋରାପୁଟ ଜିଲା ସଭାପତି ସୁମନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅରୁଣ ଭଟ୍ଟ ମିଶ୍ରଙ୍କ ସହଯୋଗରେ ଶତାଧିକ ମହିଳା ଓ ପୁରୁଷ କର୍ମୀ ଦଳୀୟ ପତକା ଧରି ଜୟପୁର ରଜାନହର ଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ । ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଜୟପୁର ପୌରପାଳିକାରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ପତ୍ର ପ୍ରଦାନ କରିଥିଲେ । ଏହାପରେ ଜୟପୁର ବ୍ଲକ କାର୍ଯ୍ୟାଳୟରେ ପହଂଚି ଘେରାଉ କରି ଦାବି ପତ୍ର ପ୍ରଦାନ କରିଥିଲ । ବିଭିନ୍ନ ହିତାଧିକାରି ଯୋଜନାରୁ ବଂଚିତ ହେଉଥିବା ଅଭିଯୋଗ କରିଥିଲେ ବିଜେପି କର୍ମୀ । ବିଶେଷ କରି ବ୍ଲକ ରେ ପିସି କାରବାର, ଆବାସ ଦୁର୍ନୀତି, ମିଶନ ଶକ୍ତି ମହାସଙ୍ଘ ଚୟନରେ ଅନିୟମିତତା, ରାସନ କାର୍ଡ ଦୁର୍ନୀତି. ଭତ୍ତା ଓ ଯୋଗାଣରେ ଅନିୟମିତତା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି ।

# ବିଭାଜିତ ବିଜେଡି ଓ ଦୀଶାହୀନ ବିଜେପିକୁ ମାତ୍ ଦେବ ଐକ୍ୟବଦ୍ଧ କଂଗ୍ରେସ

ଜଳେଶ୍ୱର , ୨୨/୧୧ (ନି.ପ୍ର): ନିର୍ବାଚନ ପୂର୍ବରୁ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ କର୍ମୀ ସମ୍ମିଳନୀ ଆଜି ନୂଆବଜାର ଶୋଭା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ସଂଜିବ ଗିରି ଯୋଗ ଦେଇ ଜଳେଶ୍ୱର ବିଜେଡି ଦୁଇ ଭାଗରେ ବିଭକ୍ତ ହୋଇଥିବା ବେଳେ ଦିଶାହୀନଭାବେ ବିଜେପି କାର୍ଯ୍ୟ କରିଚାଲିଛି । ଏ ସମୟରେ ଜଳେଶ୍ୱର କଂଗ୍ରେ ଏକତ୍ର ହୋଇ ଆସନ୍ତା ନିର୍ବାଚନରେ ସେମାନଙ୍କୁ ପରାସ୍ତ କରିବ ବୋଲି କହିଛନ୍ତି । ଏଥିରେ କଂଗ୍ରେସ ନେତା ତଥା ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଜଳେଶ୍ୱର କଂଗ୍ରେସ ହିଁ ବିକଳ୍ପ ଶକ୍ତିଭାବେ ଏବେ ଉଭା ହୋଇଛି । ଏକ ଦୁର୍ନିତମୁକ୍ତ ବିକଶିତ ଜଳେଶ୍ୱର ଗଢିବା କଂଗ୍ରେସକୁ ଆର୍ଶିର୍ବାଦ ଦେବାକୁ ସେ ନିବେଦନ କରିଥିଲେ । ବ୍ଲକ ସଭାପତି ରାଜୀବ ପରିଡାଙ୍କ ସଭାପତିତ୍ୱରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦେବୀ ଚାନ୍ଦଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ଅଂଜଳୀ ପ୍ରଧାନ, ବସ୍ତା ବ୍ଲକ ସଭାପତି ସତ୍ୟନାରାୟଣ ଗୁପ୍ତା, ଗିରିଜା ଶଂକର ଦାସ, ସୁଧାଂଶୁ ଜେନା, ହେମନ୍ତ ଗିରି, ବିକାଶ ଦାସ, ନଗେନ୍ଦ୍ର ସିଂ, ଜଗନ୍ନାଥ ମହାପାତ୍ର ପ୍ରମୁଖ ଏଥିରେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଆସନ୍ତା ୩୦ ତାରିଖରେ ପିସିସି ପକ୍ଷରୁ ତୁଳୀଯାତ୍ରାକୁ ସଫଳ କରିବା ଓ ନିର୍ବାଚନା ପରିଚାଳନା କମିଟି ଗଠନ ହେବ ବୋଲି ସେମାନେ କହିଛନ୍ତି । ତୁଳସୀ ଯାତ୍ରାରେ ତୁଳସୀ ସଂଗ୍ରହ କରି ଡିସେମ୍ବର ୧ ତାରିଖରେ ପୁରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ଅର୍ପଣ କରାଯିବ ବୋଲି ବକ୍ତାମାନେ କହିଥିଲେ ।

# ସାନ୍ତାଳୀ ଉଇକିପିଡ଼ିଆ ଟିମର ଆଉଟ ରିଚ କାର୍ଯ୍ୟକ୍ରମ

ବାରିପଦା , ୨୨/୧୧ (ନି.ପ୍ର): ସହିଦ ସ୍ମୃତି ଭବନ ବାରିପଦା ଠାରେ ୩୬ତମ ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘର ବାର୍ଷିକ ସମ୍ମିଳନୀର ପରିସରରେ ଥିବା ସାନ୍ତାଳୀ ଉଇକିପିଡ଼ିଆ ଷ୍ଟଲରେ ସାନ୍ତାଳୀ ଉଇକିପିଡ଼ିଆ ଦ୍ୱାରା ଏକ ଆଉଟ ରିଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ମଧ୍ୟରେ ସାନ୍ତାଳୀ ଉଇକିପିଡ଼ିଆର ଷ୍ଟଲକୁ ୩୦୦ ରୁ ଅଧିକ ଲୋକ ପରିଦର୍ଶନ କରିଥିବାବେଳେ, ଉଇକିପିଡ଼ିଆ ଟିମ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ଇଣ୍ଟରନେଟ ଏବଂ ଡିଜିଟାଲ ପ୍ଲାଟଫର୍ମର ଉପଯୋଗୀତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଥିଲେ। ବରିଷ୍ଠ ସାହିତ୍ୟିକ ତଥା ଶିକ୍ଷାବିତ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା, ବିଶିଷ୍ଟ ସାନ୍ତାଳୀ ଲେଖକ ମାଙ୍ଗାତ ମୁର୍ମୁ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗର ସହାୟକ ପ୍ରଫେସର ଡ. ଜତୀନ୍ଦ୍ର ନାଥ ବେଶ୍ରା, ମିସନ ଅଲଚିକି -୨୦୨୫ କର୍ମକର୍ତ୍ତା ଅନୁପ ମାଝୀ ପ୍ରମୁଖ ଉପସ୍ଥିତ ରହି ସାନ୍ତାଳୀ ଉଇକିପିଡିଆ ଟିମକୁ ଉତ୍ସାହିତ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଭାରତ, ବାଂଲାଦେଶ, ନେପାଳର କିଛି ଉଦ୍ୟମୀ ଯୁବକଙ୍କ ପ୍ରଚେଷ୍ଟାରେ ୨୦୧୮ ମସିହା ଅଗଷ୍ଟ ୨ ତାରିଖରେ ଉଇକିପିଡିଆର



ସାନ୍ତାଳୀ ରୂପ ପ୍ରକାଶ ପାଇଥିଲା ଏବଂ ଏହାର ବର୍ତ୍ତମାନ ୧୦,୦୨୪ ଟି ପ୍ରବନ୍ଧ ରହିଛି. ଏହି ଦୁଇ ଦିନିଆ ଇଭେଣ୍ଟରେ ପଶ୍ଚିମବଙ୍ଗରୁ ସୁକୁ ମୁର୍ମୁ, ବୋଦି ବାସ୍କେ, ଝାଡଖଣ୍ଡରୁ ଶେଖର ମୁର୍ମୁ, ଓଡିଶାରୁ କାରିଆ ବାସ୍କେ, ଦୁର୍ଗା ସୋରେନ୍ (ଏ) ଦୁର୍ଗା ସୋରେନ୍ (ବି), ଫାଗୁ ବାସ୍କେ, ସୁରୁକୁନି ମୁର୍ମୁ ସାନ୍ତାଳୀ ଉଇକିପିଡିଆର ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱାଭିମାନ ଅଞ୍ଚଳବାସୀଙ୍କୁ ରୋଜଗାର ଦେଉଛି ଲେମନ ଗ୍ରାସ୍ ତେଲ

ମାଲକାନଗିରି, ୨୨/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ରେ ଏବେ ଆଉ ବେଆଇନ ଗଂଜେଇ ଚାଷ ନୁହେଁ ଲେମନ ଗ୍ରାସ୍ ତେଲ ଦେଉଛି ଚାଷିଙ୍କୁ ରୋଜଗାର । ଆଇଟିଡିଏ ସଂସ୍ଥା ପକ୍ଷରୁ ଦୁଇ ବର୍ଷ ତଳେ ପାପରମେଟଲା ପଞ୍ଚାୟତ ର ତଣ୍ଡାଗୁଡ଼ା, ଯନ୍ତାପାଇ, ଲାଉଗୁଡା ଗ୍ରାମରେ ଲେମନ ଗ୍ରାସ ଚାଷ ପାଇଁ ଚାଷିଙ୍କୁ ଚାରା ଯୋଗାଇ ଦିଆଯାଇଥିଲା ।ଘାସରୁ ତେଲ ଉତ୍ପାଦନ କରିବା ପାଇଁ ତୈଳ ଉତ୍ପାଦନ ପ୍ରୋସେସିଙ୍ଗ ୟୁନିଟର ମଧ ସ୍ଥାପନ କରିଥିଲା ସଂସ୍ଥା । ଏବେ ଫସଲ ଅମଳ ହେବା ପରେ ଜମିରୁ ଘାସ ଗୁଡି କୁ କାଟି ଆଣି ପ୍ରୋସେସିଙ୍ଗ ୟୁନିଟରେ ତେଲ ପ୍ରସ୍ତୁତ କରୁଛନ୍ତି ଚାଷି ।ପ୍ରଶାସନ ତରଫରୁ ଚାଷିଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା ବେଳେ ଏହି ଅଂଚଳର ଚାଷୀ ମାନେ ପ୍ରାୟ ୨୦ ଏକର ଜମିରେ ଏବେ ଲେମନ ଗ୍ରାସ୍ ଚାଷ କରିଛନ୍ତି । ଲେମନ ଗ୍ରାସରୁ ସାଧାରଣତଃ ସୁଗନ୍ଧିତ ତୈଳ ବାହାର କରାଯାଏ । ଏହି ତେଲ କସମେଟିକ ସାମଗ୍ରୀ ଓ ଫାର୍ମା କମ୍ପାନୀରେ ବ୍ୟବହାର କରାଯାଇଥାଏ । ଏହି ତେଲର ଦର ୧୨୦୦ ରୁ ୧୩୦୦ ଟଙ୍କା ପର୍ଯ୍ୟନ୍ତ ବଜାରରେ ବିକ୍ରି ହୋଇଥାଏ । ଲେମନ ଗ୍ରାସ୍ ଏକ ଲାଭ ଦାୟକ ଚାଷ ହୋଇଥିବାରୁ ଚାଷି ଏହି ଚାଷ କରିବା ପାଇଁ ମନ ବଳାଉଛନ୍ତି ।ଜମିରେ ଥରେ ଏହି ଚାଷ ହେଲେ ଚାଷୀଙ୍କୁ ପାଖାପାଖି ୮ ବର୍ଷ ପର୍ଯ୍ୟନ୍ତ ଲାଭ ମିଳିଥାଏ । ଚାଷୀ ମାନେ ଏହି ଚାଷକୁ ବେଶ ଉତ୍ସାହର ସହ କରୁଥିବା ବେଳେ ବିକ୍ରିବଟା ପାଇଁ ଭଲ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ତେବେ ପ୍ରଶାସନ ତରଫରୁ ଲେମନ ଗ୍ରାସ୍ ତେଲ ବିକ୍ରୟ ପାଇଁ ବଜାରର ବ୍ୟବସ୍ଥା କରାଗଲେ ଅନେକ ଚାଷୀ ଉପକୃତ ହୋଇପାରନ୍ତେ ।ପାରମ୍ପରିକ ଚାଷ ଅପେକ୍ଷା ଏଭଳି ଏକ ନୂଆ ପ୍ରକାରର ଚାଷ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲ ଟିଛନ୍ତି ସ୍ୱାଭିମାନ ଅଂଚଳର ଚାଷୀ ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୂବନ, ୨୨/୧୧ (ନି.ପ୍ର): ଭୁବନ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଧମିକ ବିଦ୍ୟାଳୟ ଅଧକ୍ଷ ସୁରେନ୍ଦ୍ର କୁମାର ପୋଥାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ବିବରଣୀ ଯଥା - କ୍ରୀଡା, ସାଂସ୍କୃତିକ, ସମାଜ ସେବା ସଂପର୍କ ରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ସଂସ୍କୃତ ବିଭାଗ ଅଧ୍ୟାପିକା ସୃପ୍ତିମୟୀ ସେନ କ୍ରୀଡା ବିଭାଗ ପାଇଁ କ୍ରୀଡା ଶିକ୍ଷୟିତ୍ରୀ ବାସନ୍ତୀ ବେହେରା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅର୍ଥନୀତି ଅଧ୍ୟାପିକା ମଞ୍ଜୁଶା ମଞ୍ଜରୀ ମିଶ୍ର ଓ ସାମାଜିକ ସେବା ପାଇଁ ଓଡ଼ିଆ ଅଧ୍ୟାପିକା ନମିତା ଦ୍ୱିବେଦୀଙ୍କୁ ଚୟନ କରାଯାଇ ଦାୟିତ୍ୱ ଅର୍ପଣ କରିଥିଲେ। ଏହି ଉଦଘାଟନୀ ଉତ୍ସବ ରେ ଇତିହାସ ଅଧ୍ୟାପକ ଶାନ୍ତନୁ କୁମାର ମିଶ୍ର,ବାଣିଜ୍ୟ ଅଧ୍ୟାପକ ସୁଧାଂଶୁ ଶେଖର ଓଝା, ସୁଧାଂଶୁ ଶେଖର ବେହେରା, ଶିକ୍ଷା ବିଭାଗ ର ସୁରେନ୍ଦ୍ର କୁମାର ଗୁରୁ ପ୍ରମୁଖ ଉପସ୍ଥିତ ରହି ମାର୍ଗ ଦର୍ଶନ କରିଥିଲେ। ଯୁକ୍ତ ଦୁଇ କଳା,ବାଣିଜ୍ୟ ବିଭାଗ ର ସମସ୍ତ ଛାତ୍ରୀ ଯୋଗଦେଇଥିଲେ । ଛାତ୍ରୀ ପ୍ରତିନିଧି ଭାବେ ସୁସ୍ମିତା ଖୁଂଟିଆ, ସଂଯୁକ୍ତା ନାୟକ,ଦିପ୍ତିରାଣି ପଣ୍ଡା ଓ ସ୍ୱପ୍ନ ସାହୁ ଙ୍କୁ ଚୟନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୀଠରେ ହବିଷ୍ୟାଳୀ ଉତ୍ସବ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୨୨/୧୧ (ନି.ପ୍ର): ପବିତ୍ର ତୁଳସୀ କ୍ଷେତ୍ରର କ୍ଷେତ୍ରାଧିପତି ତଥା କେନ୍ଦ୍ରାପଡାର ଆରାଧ ପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୀଠରେ କେନ୍ଦ୍ରାପଡା ଦିବ୍ୟ ଜୀବନ ସଙ୍ଘ ତଥା ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପକ୍ଷରୁ ଆଜି କାର୍ତ୍ତିକ ହବିଷ୍ୟାଳୀ ବ୍ରତ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ତୁଳସୀକ୍ଷେତ୍ରର ଆରାଧ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିସରରେ ଥିବା ଝୁଲଣ ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ କେଆରବାଙ୍କ ମଠର ମହନ୍ତ ସ୍ୱାମୀ ଶିବନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଶତାଧିକ ହବିଷ୍ୟାଳୀଙ୍କୁ ଭାଗବତ ଗୀତା ଉପରେ ବହୁ ମୂଲ୍ୟବାନ ଆଧାତ୍ମିକ ପ୍ରବଚନ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ନିକିରାଇ ମଠର ମହନ୍ତ ବାବା ଅଭୟ ଦାସ, ଓସ୍ତପୁର ମଠର ମହନ୍ତ କୃପାସିନ୍ଧୁ ବାବା ଏବଂ ଫୋରଡ ମଠର ମହନ୍ତ ବାବା ହୃଷିକେଶ ଦାସ ପ୍ରମୁଖ ଯୋଗଦେଇ କାର୍ତ୍ତିକ ପୂଜକ ହବିଷ୍ୟାଳୀ ବ୍ରତ ପାଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଶ୍ରମ ପକ୍ଷରୁ ବିଗତ ୫ବର୍ଷ ହେଲା ହବିଷ୍ୟାଳୀ ବ୍ରତର ଆୟୋଜନ କରାଯାଇ ଆସୁଅଛି। ଶେଷରେ ଭାଗୀରଥି ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ହବିଷ୍ୟାଳୀମାନେ ଶ୍ରୀଜୀଉଙ୍କ ମନ୍ଦିର ପରିସରରେ ରାଇଦାମୋଦର ବେଶ, ଅଁଳା ବେଢା ପରିକ୍ରମା, ମନ୍ଦିର ପରିକ୍ରମା ପ୍ରଭୃତି କରିବା ପରେ ଝୁଲଣ ମଣ୍ଡପରେ ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାପରେ ଭଜନ ଓ କୀର୍ତ୍ତନ କରି ଯାତ୍ରୀନିବାସରେ ମଧ୍ୟାହ୍ନ ଭୋଜନ ଶେଷ କରି ବିଶ୍ରାମ ନେଇଥିଲେ। ସନ୍ଧ୍ୟାରେ ହବିଷ୍ୟାଳୀମାନେ ଶ୍ରୀଜୀଉଙ୍କ ଝୁଲଣ ମଣ୍ଡପରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ହବିଷ୍ୟାଳୀ ମହିଳା ଯୋଗଦେଇ ରୀତିନୀତି ଅନୁଯାୟୀ ଇଶ୍ୱର ଆରାଧନା କରିବା ସହିତ ଆଧାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଏହି ଉତ୍ସବ ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ଚାଲିବ। ସାତଦିନ ଧରି ଶ୍ରୀମା’ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରତ୍ୟେକ ଦିନ ବହୁ ସାଧୁସନ୍ଥମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀମା’ଙ୍କ ପକ୍ଷରୁ ହବିଷ୍ୟାଳୀଙ୍କ ରହିବା ପାଇଁ ଯାତ୍ରୀନିବାସରେ ବ୍ୟବସ୍ଥା କରାଯାଇଥିବା ବେଳେ ସେମାନଙ୍କ ଖାଇବା, ସ୍ୱାସ୍ଥ୍ୟ ପରୀକ୍ଷା, ସତସଙ୍ଗ ପ୍ରଭୃତି ସମ୍ପର୍କରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡଃ. ଅପର୍ଣ୍ଣା ମହାନ୍ତି, ନିଆଳ ଆଶ୍ରମର ସଚିଦାନନ୍ଦ ଜେନା ଓ ରାଜେନ୍ଦ୍ର ନାରାୟଣ ରାୟ, ସାମ୍ବାଦିକ ଚି ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିବା ବେଳେ ଶ୍ରୀବଳଦେବଜୀଉ ଦେବୋ ର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବଳରାମ ସୁଆର ପ୍ରମୁଖ ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମ ପରିଚାଳନାରେ ବଳଦେବ ସେନାର ପୁପୁନ ସ୍ୱାଇଁ, ଅମର ବାରିକ, ଆଶିଷ ପ୍ରଧାନ, ଆଶୁତୋଷ ପଣ୍ଡା, ପ୍ରତୀକ ଦାସ, ଜ୍ଞାନରଞ୍ଜନ ସାହୁ, ରୀତାଞ୍ଜଳି ନାଥ, ଦ୍ରୌପଦୀ ରାଉତ, ପ୍ରାକ୍ତନ କପାଳେଶ୍ୱର ସରପ ଗାୟତ୍ରୀ ମହାନ୍ତି, ବ୍ରହ୍ମଚାରୀ ନୃସିଂହ ନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ମାଲକାନଗିରି, ୨୨/୧୧ (ନି.ପ୍ର): ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଶୁଭ ଉଦଘାଟନ ମାଲକାନଗିରି ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବ ପ୍ରତିଭାର ଉନ୍ମୋଚନ କରିବା ଏବଂ ଯୁବକମାନଙ୍କୁ ସାମାଜିକ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଯୋଗଦେବା ଏବଂ କ୍ରୀଡା କୌଶଳରେ ମନନିବେଶ କରିବା !ପ୍ରଥମ ପର୍ଯ୍ୟାୟରେ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଅଛି। ଯାହା ଆଜି ଠାରୁ ଆରମ୍ଭ ହୋଇ ତା ୨ ୯ ତାରିଖ ରେ ସମାପ୍ତ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟ କ୍ରୀଡା କାର୍ଯ୍ୟକ୍ରମ ୧୩ ତାରିଖରୁ ଆରମ୍ଭ ହୋଇ ୨ ୩ ତା ରିଖ ପର୍ଯ୍ୟନ୍ତ ଚାଲିବ । ଆଜିର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ଼. ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ମାଲକାନଗିରି ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ କାର୍ଯ୍ୟକ୍ରମରେ ଭାଗ ନେଇ ନିଜର ଯୁବ ପ୍ରତିଭାର ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ପ୍ରଭାତୀ ଝଡିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଲକାନଗିରି ଏବଂ ସମ୍ମାନିତ ଅତିଥି ଭାବରେ ମାଧବ ପାଙ୍ଗି, ଜିଲ୍ଲା କ୍ରୀଡା ଅଧିକାରୀ ମାଲକାନଗିରି ଯୋଗଦାନ କରିଥିଲେ।

# ଲକ୍ଷ୍ମୀ ପରିବହନ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ସାର୍ବଜନୀନ ପରିବହନ କ୍ଷେତ୍ରରେ ଯୁବପିଢ଼ିଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ଆଜି ଭୁବନେଶ୍ୱରରେ ଲକ୍ଷ୍ମୀ ପରିବହନ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏବଂ କଟକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ ଯୋଗ ଦେଇ କହିଲେ ଲକ୍ଷ୍ମୀ ପରିବହନ କୁଇଜ କାର୍ଯ୍ୟକ୍ରମ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଜ୍ଞାନର ଆଦାନ ପ୍ରଦାନର ଏକ ଉତ୍ସବ। ନିରନ୍ତର ପରିବହନ ସମାଧାନ ବିଷୟରେ ବାର୍ତାଳାପରେ ଯୁବ ପିଢ଼ିକୁ ସାମିଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯୁବପିଢ଼ିମାନଙ୍କ ମଧ୍ୟରେ ପରିବହନ ସମ୍ପର୍କିତ ସଚେତନତା ସୃଷ୍ଟି କରିବାର ଏହା ଏକ ଉତମ ମାଧ୍ୟମ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ପରିବହନ ସମ୍ପର୍କିତ ବିଷୟବସ୍ତୁ ଉପରେ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିବାର ସୁଯୋଗ ମଧ ପାଇବେ। ସେ ଲକ୍ଷ୍ମୀ ବସର ଉପକାରିତା ବିଷୟରେ ଆଲୋକପାତ କରିଥିଲେ ଓ ସାର୍ବଜନୀନ ପରିବହନ ବ୍ୟବହାର କରି ଏକ ସବୁଜ ପରିବେଶ ଗଠନ କରିବାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ଓଡ଼ିଆ ଅଭିନେତା ସିଦ୍ଧାନ୍ତ ମହାପାତ୍ର ପରିବହନ କ୍ଷେତ୍ରରେ ଲକ୍ଷ୍ମୀ ଯୋଜନା ଏକ ପରିବର୍ତନକାରୀ ପଦକ୍ଷେପ ଏବଂ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶରେ ଲକ୍ଷ୍ମୀ ବସ୍ ଯୋଜନା କିପରି ସକାରାତ୍ମକ ପ୍ରଭାବ ପକାଉଛି ତାହା ଆଲୋଚନା କରିଥିଲେ। ପ୍ରଖ୍ୟାତ କୁଇଜ୍ ମାଷ୍ଟର ବିଭାସ ରଥ ଦକ୍ଷତାର ସହ ଏହି କୁଇଜ୍ ପରିଚାଳନା କରିଥିଲେ । କୁଇଜ୍ କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା -ପ୍ରିଲିମ୍ ଏବଂ ଫାଇନାଲ୍। କୁଇଜ ପ୍ରତିଯୋଗିତା ବ୍ୟତୀତ ଏକ ଆକର୍ଷଣୀୟ ନୁକଡ ନାଟକର ଆୟୋଜନ କରାଯାଇଥିଲା, ଯାହା ସାର୍ବଜନୀନ ପରିବହନ ଏବଂ ସମାଜରେ ଲକ୍ଷ୍ମୀ ବସ ଯୋଜନାର ପ୍ରଭାବକୁ ଜୀବନ୍ତ କରିଥିଲା । ଏଥିସହ ଲକ୍ଷ୍ମୀ ଯୋଜନାର ବୈପ୍ଲବିକ ଆଭିମୁଖ୍ୟ ଏବଂ ଉପକାରିତାକୁ ଦର୍ଶାଯାଇ, ଏହାର ଗୁରୁତ୍ୱ ବିଷୟରେ ଉପସ୍ଥିତ ଲୋକ ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓ କଟକର ବିଭିନ୍ନ ଶିକ୍ଷାନୁଷ୍ଠାନର ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନିରନ୍ତର ପରିବହନ କ୍ଷେତ୍ରରେ ସଚେତନତା ଏବଂ ଆଗ୍ରହ ସୃଷ୍ଟି କରିବା ପାଇଁ ଏହି କୁଇଜ ପ୍ରତିଯୋଗିତାର ଆୟୋଜନ କରାଯାଇଛି ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ବଲାଣି, ୨୨/୧୧ (ନି.ପ୍ର): ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ବଲାଣୀ ପକ୍ଷରୁ ସ୍ଥାନୀୟ ଫୁଟବଲ ପଡିଆ ଠାରେ ମଙ୍ଗଳବାର ୨୮ତମ ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଘାଟନ ହୋଇ ଯାଇଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁକାନ୍ତ ଉପାଧ୍ୟାୟ (ସି.ଏସ.ଆର ମ୍ୟାନେଜର , ଆର୍ଯ୍ୟ ଷ୍ଟିଲ ଲିମିଟେଡ୍) , ସମ୍ମାନୀୟ ଅତିଥି ଭାବେ ବଲାଣି ଖଣିର ପ୍ଲାଂଟ ବିଭାଗର ମହାପ୍ରବନ୍ଧକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୁଦ୍ଧଦେବ ନାୟକ , ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ଉପସଭାପତି ରତନ ଲାଲ ଗୋପ , ମାର୍ଗଦର୍ଶକ କମଳ ଲୋଚନ ମହାନ୍ତି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶୁଭାରମ୍ଭ ମୁଖ୍ୟ ଅତିଥିଙ୍କ ଦ୍ୱାରାକ୍ରୀଡ଼ା ଜ୍ୟୋତି ସ୍ଥାପନ ଓ ଦୀପ ପ୍ରଜାଳନ କରାଯାଇ କ୍ରୀଡା ଉଦ୍‌ଘାଟନ କରାଯାଇଥିଲା । ପ୍ରାକ୍ ଶିଶୁ , ବାଲ ବର୍ଗ ଓ କିଶୋର ବର୍ଗ ଏହି ପରି ତିନୋଟି ବର୍ଗରେ ୩୭୦ ଜଣ ଶିଶୁ ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶ୍ରୀ ବନମାଳୀ ମହାକୁଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ଦିବସର ସମସ୍ତ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପନ୍ନ ହୋଇଥିଲା । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ସ୍ୱରୂପ ଚନ୍ଦ୍ର ବାରିକ ଓ ଶ୍ରୀ କେଶବ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କ୍ରୀଡ଼ା ଶିକ୍ଷକ ଶ୍ରୀ ସୁଜନ କୁମାର ବେହେରା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ସମସ୍ତ ଗୁରୁଜୀ ଗୁରୁମା ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ଶୁଭେଚ୍ଛୁ ଭାଇ, ସାମ୍ବାଦିକ ଭାଇ ଏବଂ ସେଲ୍ କାର୍ଯ୍ୟକର୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁନ୍ଦର ଭାବେ ପରିଚାଳିତ ହୋଇଥିଲା । ଦୌଡ଼ , ଡିଆଁ ଏବଂ ଫିଙ୍ଗା ବିଭାଗରେ କୃତୀତ୍ୱ ଅର୍ଜନ କରିଥିବା ଭାଇ ଭଉଣୀଙ୍କୁ ଅତିଥିଙ୍କ ଦ୍ୱାରା ଉଦ୍ୟାପନୀ ସମାରୋହରେ ପୁରସ୍କୃତ କରାଯିବ ।

# କଳିଙ୍ଗକେଶରୀ ମହତାବଙ୍କ ଜୟନ୍ତୀରେ ଜାଗ୍ରତ ହୁଅ ଓଡ଼ିଆ ପୁଅ : ବିଶ୍ୱଭୂଷଣ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଭୁବନେଶ୍ୱର ଲୋୟର ପିଏମ୍‌ଜି ନିକଟରେ ମଙ୍ଗଳବାର ଅନୁଷ୍ଠିତ ଡ. ହରେକୃଷ୍ଣ ମହତାବ ଜୟନ୍ତୀ ସମାରୋହ ଉତ୍ସବରେ ଛତିଶଗଡ଼ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ କଳିଙ୍ଗକେଶରୀଙ୍କ ଜୟନ୍ତୀରେ ସମସ୍ତ ଓଡ଼ିଶାବାସୀଙ୍କୁ ଜାଗ୍ରତ ହୋଇ ରାଜ୍ୟର ବିକାଶ ଦିଗରେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଛନ୍ତି। ଡ. ହରେକୃଷ୍ଣ ମହତାବ ଥିଲେ ନବ ଉତ୍କଳର ନିର୍ମାତା ଓ ସ୍ଥପତି। ଗଡ଼ଜାତ ରାଜ୍ୟଗୁଡ଼ିକୁ ମିଶ୍ରଣ କରିବାରେ ତାଙ୍କର ଭୂମିକା ଥିଲା ଅନନ୍ୟ ଓ ଅନ୍ୟତମ। ସ୍ୱାଧୀନ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କ କାର୍ଯ୍ୟର ପଟାନ୍ତର ନଥିଲା। ତାଙ୍କ କାର୍ଯ୍ୟକାଳରେ ଓଡ଼ିଶାର ରୂପରେଖ ବଦଳିଥିଲା ଓ ଓଡ଼ିଶାର ବହୁବିଧ ବିକାଶ ହୋଇଥିଲା। ଛାତ୍ରସମୟରେ ଦେଶକୁ ସ୍ୱାଧୀନ ଭାବରେ ଦେଖିବା ପାଇଁ ସ୍ନାତକ ପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ ସ୍ୱାଧୀନଚେତନାର ବାର୍ତା ସାଧାରଣ ଲୋକମାନଙ୍କ ପାଖରେ ପାଖରେ ପହଂଚାଇଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମର ଲଢ଼େଇରେ ଅନେକବାର କାରାବରଣ ଭୋଗିଥିଲେ। ମହତାବ ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରିବା ପାଇଁ ଲୋକମାନଙ୍କ ଭିତରେ ଜାଗରଣ ସୃଷ୍ଟି କରିବା ପାଇଁ ପ୍ରଜାତନ୍ତ୍ର ନାମକ ଦୈନିକ ସମ୍ବାଦପତ୍ର ପକାଶ କରିଥିଲେ। ସ୍ୱାଧୀନତା ପରେ ଏହା ଲୋକପ୍ରିୟତା ହାସଲ କରିବା ସଂଗେ ସଂଗେ ଶାସନର ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପଦାରେ ପକାଇବାରେ ଅସ୍ତ୍ର ସଦୃଶ କାର୍ଯ୍ୟ କରୁଥିଲା ବୋଲି ରାଜ୍ୟପାଳ ଉକ୍ତ ସଭାକୁ ସମ୍ବୋଧନ ଦେଇଥିଲେ। ମହତାବ ତାଙ୍କର ରାଜନୈତିକ ଜୀବନ ବ୍ୟତୀତ ସାହିତ୍ୟ, ସଂସ୍କୃତିର ବିକାଶ ଓ ସୁରକ୍ଷା ଦିଗରେ ଅନେକ କାର୍ଯ୍ୟ କରିଛନ୍ତି ଯାହାକି ତାଙ୍କୁ ଓଡ଼ିଶାବାସୀ ସବୁଦିନ ପାଇଁ ମନେରଖିବେ। ଓଡ଼ିଶା ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଓ ଓଡ଼ିଶାରେ ନୂଆ ନୂଆ ଲେଖକଙ୍କୁ ତିଆରି କରିବା ପାଇଁ ସେ ‘ଝଙ୍କାର’ ସାହିତ୍ୟ ପତ୍ରିକା ପ୍ରକାଶ କରୁଥିଲେ ଓ ସାହିତ୍ୟିକମାନଙ୍କୁ ଏକାଠି କରିବା ପାଇଁ ବାର୍ଷିକ ବିଷୁବ ମିଳନ ଉତ୍ସବ ପ୍ରସ୍ତୁତ କରୁଥିଲେ। ଏତଦ୍ ବ୍ୟତୀତ ଶୀଳ୍ପ, ବାଣିଜ୍ୟ, ସଂସ୍କୃତିର ବିକାଶ ପାଇଁ ସେ ଥିଲେ ଓଡ଼ିଆଙ୍କ ଯୁଗପୁରୁଷ ବୋଲି ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ବିଭିନ୍ନ ସ୍ଥାନରୁ ଢ଼ାଲ, ତଲୱାରଧରି ପାରମ୍ପାରିକ ବେଶପୋଷାକରେ ଆସିଥିବା ଶହ ଶହ ପାଇକମାନଙ୍କୁ ରାଜ୍ୟପାଳ ସେମାନଙ୍କ ପୂର୍ବପୁରୁଷଙ୍କ ଗୌରବ, ବୀରତ୍ୱ ଓ ଦିଗ୍‌ବିଜୟର କାହାଣୀ ବିଷୟରେ ମନେପକାଇଥିଲେ ଓ ତାଙ୍କୁ ସେମାନଙ୍କ ପରି ଅନ୍ୟାୟ ଓ ଅନୀତି ବରୋଧରେ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ବିକଶିତ ଭାରତ ସଂକଳ୍ପ ଯାତ୍ରାର ସଚେତନତା ଅଭିଯାନ ଜାରି

ଭୁବନେଶ୍ୱର, ୨୨/୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ପ୍ରମୁଖ ଲୋକାଭିମୁଖୀ ଯୋଜନା ଗୁଡ଼ିକର ଶତପ୍ରତିଶତ ଲାଭ ହିତାଧିକାରୀଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଜି ସପ୍ତମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲା କାଉଁରିକଳା ପଂଚାୟତରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ରୂପାନ୍ତରଣକାରୀ ପ୍ରଭାବ ଦେଖିବାକୁ ମିଳିଛି । ସରକାରୀ ଯୋଜନାର ସମ୍ପୂର୍ଣ୍ଣ ପ୍ରସାର କ୍ଷେତ୍ରରେ ଏହି ଅଭିଯାନ ବିଶେଷ ସହାୟକ ହୋଇଛି । ଆଜି ସଂକଳ୍ପ ଯାତ୍ରା ଅନ୍ତର୍ଗତ ପଂଚାୟତରେ ମମତା ଯୋଜନା, ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ହିତାଧିକାରୀଙ୍କ ପଞ୍ଜୀକରଣ କରାଯାଇଥିଲା। ଅନ୍ୟପଟେ ମାଲକାନଗିରି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଂଚଳରେ ବିକଶିତ ଭାରତ ସଂକଳ୍ପ ଯାତ୍ରା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ଜାରି ରଖିଛି । ଆଜି ମୋଟୁ ଗ୍ରାମ ପଂଚାୟତରେ ଆୟୋଜିତ ସଂକଳ୍ପ ଯାତ୍ରା ଅବସରରେ ବିକଶିତ ଭାରତ ଗଠନ ପାଇଁ ଶପଥ ପାଠ କରାଯାଇଛି । ଏଥିପୂର୍ବରୁ ଆଦିବାସୀ ସମୁଦାୟର ଲୋକମାନେ ସଂକଳ୍ପ ଯାତ୍ରାକୁ ପାରମ୍ପରିକ ବାଦ୍ୟ ବଜାଇ ସ୍ୱାଗତ କରିଥିଲେ। ଏହି ଅବସରରେ ପୁଷ୍ଟିକର ଖାଦ୍ୟସାମଗ୍ରୀ ମେଳା ଆୟୋଜନ କରାଯାଇଥିଲା। କନ୍ଧମାଳ ଜିଲ୍ଲା ରାଇକିଆରେ ଆୟୋଜିତ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସ୍ଥାନୀୟ ହିତାଧିକାରୀମାନେ ପିଏମ୍ କିସାନ୍ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଦି ସମ୍ପର୍କରେ ସେମାନଙ୍କର ଅନୁଭୂତି କହିଥିଲେ। ଏସବୁ ଯୋଜନାର ସୁଫଳ ପାଉଥିବାରୁ ସେମାନେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଥିଲେ। ହିତାଧିକାରୀଙ୍କ ସକାରାତ୍ମକ ପ୍ରତିକ୍ରିୟାରୁ ସରକାରୀ ଯୋଜନାର ରୂପାନ୍ତରଣକାରୀ ପ୍ରଭାବ ସ୍ପଷ୍ଟ ଭାବେ ବାରି ହୋଇ ପଡ଼ିଥିଲା। ରାଇକିଆ ବିଡିଓ ସୀମାଂଚଳ ମଣ୍ଡଳ ବେରେଡାକିଆ ପଂଚାୟତ ପରିସରରେ ଆୟୋଜିତ ସଂକଳ୍ପ ଯାତ୍ରାରେ ସମସ୍ତଙ୍କୁ ବିକଶିତ ଭାରତ ଗଠନ ପାଇଁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଆଦିବାସୀ ହିତାଧିକାରୀ ଯୋଗ ଦେଇ ପାରମ୍ପରିକ ଲୋକନୃତ୍ୟ ସହ ସଂକଳ୍ପ ଯାତ୍ରାର ସଚେତନତାକୁ ସ୍ୱାଗତ ଜଣାଇଥିଲେ। ଅନ୍ୟପଟେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ଗ୍ରାମପଂଚାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅବସରରେ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ମାଗଣା ଗ୍ୟାସ ସଂଯୋଗ ବଂଟନ କରାଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ହିତାଧିକାରୀଙ୍କୁ ସଚେତନ କରାଯାଇଥିଲା। ସଂକଳ୍ପ ଯାତ୍ରାର ସଚେତନତା ରଥକୁ ସ୍ଥାନୀୟ ଲୋକମାନେ ସ୍ୱାଗତ କରିଥିଲେ। ହିତାଧିକାରୀମାନେ ବିକଶିତ ଭାରତ ଗଠନ ପାଇଁ ଶପଥ ପାଠ କରିଥିଲେ ।



# ମେଥି

ମେଥିରେ ବ୍ୟବହାର ପୂରାକାଳରୁ ରହି ଆସିଛି। ଏହାର ପତ୍ରକୁ ଶାଗ ଭାବେ ବ୍ୟବହାର କରି ହେଉ କି ଏହାର ଦାନା ମସଲା ଭାବେ ଆମର ହାଣ୍ଡିଶାଳରେ ସ୍ଥାନ ପାଇଆସିଛି। ଆୟୁର୍ବେଦରେ ତ ମେଥିର ଭୂମିକା ଅନନ୍ୟ। ଏହା ଅନେକ ରୋଗକୁ ହରଣ କରିଥାଏ। ମେଥିଦାନାରେ ରହିଥାଏ ଫୋଲିକ ଏସିଡ୍, ମ୍ୟାଗ୍ନେସିୟମ୍, ସୋଡ଼ିୟମ୍, ଜିଙ୍କ୍, ନିୟୋସିନ୍, ଥିୟାମିନ୍, କେରୋଟିନ ପରି ଆଉକଛି ପୋଷକତତ୍ୱ। ମେଥିରେ ବ୍ୟବହାର କେବଳ ସ୍ୱାଦ ବଢ଼ାଇବା ଲାଗି ନୁହେଁ, ଏହା ସୌନ୍ଦର୍ଯ୍ୟ ବଢ଼ାଇବାରେ ମଧ୍ୟ ସହାୟକ ହୋଇଥାଏ। ମେଥିରେ କର୍କଟ ପ୍ରତିରୋଧୀ ତତ୍ୱ ମଧ୍ୟ ରହିଛି। ମଧୁମେହ, ଉଚ୍ଚରକ୍ତଚାପ ଏବଂ ପେଟ ସମ୍ବନ୍ଧୀୟ ଅନେକ ସିମସ୍ୟାକୁ ଏହା ଦୂର କରିଥାଏ। ତେବେବି ଏହାର ବ୍ୟବହାରକୁ ନେଇ ସଚେତନ ନୁହଁନ୍ତି। ଏବେ ଜାଣନ୍ତୁ ମେଥି ଆମର କି କି ଉପକାର ଆଉ ଉପକାରରେ ଆସିଥାଏ।





- ଖାଦ୍ୟ ହଜମ ନହେବା ତଥା ଅଗ୍ନିମାନ୍ଦ୍ୟରେ ପୀଡ଼ିତ ବ୍ୟକ୍ତି ଏହାକୁ ବ୍ୟବହାର କରନ୍ତୁ। ଅଧଚାମଚ ମେଥି ଚୂନାକୁ ପାଣି ସହ ପିଅନ୍ତୁ। ଏହା ଅଗ୍ନିମାନ୍ଦ୍ୟ ଦୂର କରିଥାଏ। ଭୋକ ମଧ୍ୟ ବଢ଼ାଇଥାଏ।

- ଆୟୁର୍ବେଦ ଚିକିତ୍ସକଙ୍କ ମତରେ, ମେଥି ଆର୍ଥରାଇଟିସ୍ ଏବଂ ସାଇଟିକାର ଯନ୍ତ୍ରଣାରୁ ରକ୍ଷା କରିଥାଏ। ଏଥିପାଇଁ ଏକ ଗ୍ରାମ ମେଥିଦାନାରେ ଚୂନା ସହ ସାମାନ୍ୟଶୁଣ୍ଠି ଚୂନା ମିଶାଇ ଉଷୁମ ପାଣି ସହ ଦିନକୁ ଦୁଇରୁ ତିନିଥର ସେବନ କରନ୍ତୁ।

-ମଧୁମେହ ଠାରୁ ଦୂରେଇ ରହିବା ପାଇଁ ଚାହୁଁଥିଲେ ପ୍ରତିଦିନ ଏକ ଚାମଚ ମେଥିଦାନା ପାଉଡ଼ର ପାଣି ସହ ସେବନ କରନ୍ତୁ। ଏହାବାଦ୍ ଆପଣ ଏକ ଚାମଚ ମେଥିକୁ ଗୋଟେ କପ୍ ପାଣିରେ ରାତିସାରା ଭିଜାଇ ରଖନ୍ତୁ। ସକାଳୁଏହି ପାଣିକୁ ପିଅନ୍ତୁ। ଏହାଦ୍ୱାରା ଓଜନ ମଧ୍ୟ ସନ୍ତୁଳିତ ରହିଥାଏ।

- ଉଚ୍ଚ ରକ୍ତଚାପ ପାଇଁ ମେଥି ଖାଇବା ବେଶ୍ ଲାଭଦାୟକ। ମେଥିରୁ ପାଞ୍ଚ ଗ୍ରାମ ଏବଂ ସୋୟାରୁ ପାଞ୍ଚ ଗ୍ରାମ ନେଇ ତାକୁ ଚୂନା କରି ସକାଳେସନ୍ଧ୍ୟାରେ ପାଣି ସହ ସେବନ କରିବା ଦ୍ୱାରା ରକ୍ତଚାପ ସନ୍ତୁଳିତ ରହେ।

-ମହିଳାଙ୍କର ଅନେପକ ସମସ୍ୟାକୁ ମେଥି ଦୂର କରିଥାଏ। ମାସିକ ଧର୍ମ ସମୟରେ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା, ଯଥା ବାନ୍ତି ବାନ୍ତି ଲାଗିବା, ଭଲରେ ନିଦ ନହେବା ପରି ସମସ୍ୟାକୁ ଏହା ଦୂର କରେ। ମେନୋପୋଜ ବା ରଜନିବୃତ୍ତି ସମୟରେ ମହିଳାମାନେ ଯେଉଁ ସମସ୍ୟାକୁ ସାମ୍ନା କରନ୍ତି ମେଥି ଖାଇବା ଦ୍ୱାରା ସେଥିରୁ ରକ୍ଷକ୍ଷା ମିଳେ। କିଶୋରୀ ଅବସ୍ଥା, ଗର୍ଭାବସ୍ଥା ଏବଂ ଶିଶୁକୁ ସ୍ତନ୍ୟପାନ କରାଇବା ସମୟରେ ଆଇରନ୍ ଅଭାବକୁ ମେଥି ପୂରଣ କରିଥାଏ। ଏଥିପାଇଁ ମହିଳାମାନେ ଅନ୍ୟାନ୍ୟ ସବୁଜ ପନିପରିବା ସହ ମେଥିଶାଗ ଖାଇବା ଦରକାର।

- ମେଥି ଶରୀରରୁ କୋଲେଷ୍ଟରଲ ସ୍ତରକୁ ହ୍ରାସ କରିଥାଏ।

- ମେଥିଦାନାରେ ଥିବା ଗେଲାକ୍ଟୋମେନନ ହୃଦରୋଗର ସମ୍ଭାବନାକୁ ହ୍ରାସ କରିଥାଏ।

- ନିଜର ଆହାରରେ ଆପଣ ଯଦି କିଛି ମେଥି ଗ୍ରହଣ କରନ୍ତି ତେବେ ଏହା ଅମ୍ଳରୁ ରକ୍ଷା କରିବାସହ ଛାତି ପୋଡ଼ାଜଳାରୁ ରକ୍ଷା କରିଥାଏ। ତେବେ ମେଥି ବ୍ୟବହାର କରିବା ପୂର୍ବରୁ ତାକୁ ପାଣିରେ ଭିଜାଇ ରଖନ୍ତୁ।

- ଚାମଚେ ଲେମ୍ବୁ ରସ, ମହୁ ସହ ମେଥି ଖାଇବାଦ୍ୱାରା ଏହା ଥଣ୍ଡା, ଜ୍ୱର, କାଶ ଏବଂ ଗଳାକଷ୍ଟରୁ ରକ୍ଷା କରିଥାଏ।

- ମେଥିରୁ ପ୍ରସ୍ତୁତ ଫେସପ୍ୟାକ ବ୍ରଣ, ଚର୍ମକୁଞ୍ଚନ, ବ୍ଲାକହେଡ଼ସ ଆଦିରୁ ରକ୍ଷା କରିଥାଏ। ଅଳ୍ପ ପାଣିରେ ମେଥି ପକାଇ ଫୁଟାଇ ନିଅନ୍ତୁ ସେହି ପାଣିରେ ମୁହଁଧୁଅନ୍ତୁ।। ଆହୁରି ମଧ୍ୟ ଆପଣ ମେଥିପତ୍ରକୁ ବାଟି ତାକୁ ମୁହଁରେ ଲଗାନ୍ତୁ। କୋଡ଼ିଏ ମିନିଟ ଛାଡ଼ି ଦିଅନ୍ତୁ। ଲେପ ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ଚମକ ବଢ଼ିଯିବ।

# ସ୍ମାର୍ଟ ଗୃହିଣୀଙ୍କ ପାଇଁ ହ୍ୟାଣ୍ଡ ବ୍ଲେଣ୍ଡର



ରୋଷେଇ ଘରେ ହ୍ୟାଣ୍ଡ ବ୍ଲେଣ୍ଡରର ଗୁରୁତ୍ୱପୂର୍ଣ୍ଣ ରହିଛି। ଏହାକୁ ଚଳାଇବା ଓ ସଫା କରିବା ଅତି ସହଜ। ଗୋଟିଏ ସ୍ଥାନରେ ଅନ୍ୟ ସ୍ଥାନକୁ ନେବା ପାଇଁ ମଧ୍ୟ ସହଜ। ପ୍ୟୁରି ଅର୍ଥାତ୍ କିଛି ମିଶ୍ରଣ ପ୍ରସ୍ତୁତ କରିବାକୁ ହେଲେ ହ୍ୟାଣ୍ଡ୍ ବ୍ଲେଣ୍ଡର କାମରେ ଆସେ।

**ସସ ଓ ତରକାରୀ:** ହ୍ୟାଣ୍ଡ ବ୍ଲେଣ୍ଡରର ବ୍ଲେଡ୍ ଆଟାଚମେଂଟ ଅଧିକ ତାପମାତ୍ରାରେ ସହନ କରିବାକୁ ସମର୍ଥ। ତେଣୁ ତରକାରୀ ଅଥବା ସସ ପ୍ରସ୍ତୁତ କରିବା ସମୟରେ ବ୍ଲେଣ୍ଡରକୁ ସିଧାସଳଖ ପ୍ୟାନରେ ବ୍ୟବହାର କରାଯାଇପାରିବ। ପ୍ୟାନରେ ଚାହିଁବା ମୁତାବକ ସାମଗ୍ରୀ ଢାଳି ତାହାକୁ ଚିକ୍କଣ ହେବା ପର୍ଯ୍ୟନ୍ତ ମିଶାଯାଇପାରିବ।



**ଅଣ୍ଡାର ମିଶ୍ରଣ (ମେୟୋନିଜ୍):** କିଛି ଲେମ୍ବୁ ରସ କିମ୍ବା ଭିନେଗାର, ଅଣ୍ଡାର ହଳଦିଆ ଅଂଶରେ ଅଳ୍ପ ରିଫାଇନ ତେଲ ପକାଇ ମେୟୋନିଜ ପ୍ରସ୍ତୁତ କରାଯାଏ। ଏକ ଉତ୍ତମ ହ୍ୟାଣ୍ଡବ୍ଲେଣ୍ଡର ସହାୟତାରେ ଏହାକୁ ସହଜରେ ପ୍ରସ୍ତୁତ କରାଯାଇପାରିବ।

**ବେବି ଫୁଡ୍:** ଘରେ ଯଦି ଛୋଟ ପିଲା ଅଛନ୍ତି ତେବେ ଫଳ, ସିଝା ପନିପରିବା ଏବଂ ଚିକେନ ଆଦିକୁ ଛୋଟ ଛୋଟ କଟାଯାଇପାରିବ ଏବଂ ତାହାକୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରାଯାଇପାରିବ। ସେହିଭଳି ଆଳୁକୁ ଅତି ଛୋଟଛୋଟ କରି କାଟିବା ପାଇଁ ଏକ ହ୍ୟାଣ୍ଡ ବ୍ଲେଣ୍ଡରକୁ ବ୍ୟବହାର କରାଯାଇପାରିବ।

**ଚଟଣି:** ଧନିଆପତ୍ର, ପୋଦିନା ପତ୍ର ଚଟଣି ପ୍ରସ୍ତୁତ କରିବା ପାଇଁ ହ୍ୟାଣ୍ଡ ବ୍ଲେଣ୍ଡର ବ୍ୟବହାର କରିହେବ।


**ସୁପ୍:** ହ୍ୟାଣ୍ଡ ବ୍ଲେଣ୍ଡର ସହାୟତାରେ ସୁପ ଓ ମିଲ୍କ ସେକ ପ୍ରସ୍ତୁତ କରାଯାଇପାରିବ। ଗରମ ସିଝା ପରିବା ଅଥବା ଅନ୍ୟ ସାମଗ୍ରୀକୁ ବ୍ଲେଣ୍ଡର ଜଗ୍ ମଧ୍ୟକୁ ନଢାଳି ପ୍ୟାନରେ ମଧ୍ୟ ତାହା କରାଯାଇପାରିବ।

**ଆଟାଚକେମେଂଟ:** ହ୍ୟାଣ୍ଡ ବ୍ଲେଣ୍ଡରରେ ଏକାଧିକ ଆଟାଚମେଂଟ ରହିଥାଏ। କ୍ରିମ ଅଥବା ଅଣ୍ଡା ଫେଂଟିବାକୁ ହ୍ୱିସ୍କି, ତରଳ ମିଶ୍ରଣ ପ୍ରସ୍ତୁତି ପାଇଁ ମିକ୍ସଚର, ରସୁଣ, ଶାଗ, ପିଆଜ ଆଦି କଟିବାକୁ ଚପର ଭଳି ଅନେକ ଆଟାଚମେଂଟ ରହିଛି। ଆବଶ୍ୟକସ୍ଥଳେ ଅଧିକ ଆଟାଚମେଂଣ କିଣି ଯୋଡ଼ିପାରିବେ।

**ମୂଲ୍ୟ:** ବ୍ରାଣ୍ଡେଡ୍ ହ୍ୟାଣ୍ଡ ବ୍ଲେଣ୍ଡରର ମୂଲ୍ୟ ୧୨ଶହ ଟଙ୍କାରୁ ଆରମ୍ଭ ହେଉଛି। ସାଧାରଣ କମ୍ପାନୀର ଏହି ଜିନ୍ଷି ଆପଣ ୫ଶହରୁ ୬ଶହ ଟଙ୍କା ପାଇଯିବେ।



# ଖାଇବା ସବୁ ମନା





- **ସ୍ନାନ କରିବା:** ଖାଇସାରିବା ପରେ ଗାଧୋଇବା ଉଚିତ ନୁହେଁ। କାରଣ ଏହା ଶରୀରକୁ ଥଣ୍ଡା କରିଦିଏ। ଫଳରେ ରକ୍ତ ସଞ୍ଚାଳନ ଉପରେ ପ୍ରଭାବ ପଡ଼ିଥାଏ। ହଜମ କ୍ରିୟାରେ ମଧ୍ୟ ବାଧା ପ୍ରାପ୍ତ ହୋଇଥାଏ। ଖାଇବାର ଅଧଘଣ୍ଟାପରେ ସ୍ନାନ କରିପାରିବେ।

- **ଚାଲିବା:** ଖାଇସାରିବା ପରେ ମଧ୍ୟ ଚାଲିବା ଅନୁଚିତ। କାରଣ ଏହା ହଜମ କ୍ରିୟାରେ ବାଧାପ୍ରାପ୍ତ କରିଥାଏ।


- **ଫଳ ଫାଇବାର:** ଖାଇସାରିବା ପରେ ଫଳ ଖାଇବା ଉଚିତ ନୁହେଁ। ଏହା ଭଲ ଭାବରେ ହଜମ ହୋଇନଥାଏ। ଫଳରେ ଶରୀରକୁ ନ୍ୟୁଟ୍ରିସନ ମିଳିନଥାଏ।

- **ଧୂମପାନ:** ଖାଦ୍ୟ ଗ୍ରହଣ କରିସାରିବା ପରେ ସିଗାରେଟ୍ ଟାଣିବା ଅନୁଚିତ। ଏହାପରବର୍ତ୍ତୀ ସମୟରେ କ୍ୟାନ୍ସର, ହାର୍ଟ, ସସଂଯୁକ୍ତ ରୋଗ ଏବଂ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି କରିପାରେ।

- **ଶୋଇବା:** ଖାଇସାରିବା ପରେ ସଙ୍ଗେ ସଙ୍ଗେ ଶୋଇବା ଉଚିତ ନୁହେଁ। କାରଣ ହଜମ ଠିକ୍‌ରେ ହୁଏନାହିଁ। ଫଳରେ ଗ୍ୟାସ ଓ ଏସଦିଡିଟି ହେବାର ଆଶଙ୍କା ରହିଥାଏ। ଅନ୍ତତଃ ଖାଇବାର ୨ଘଣ୍ଟାପରେ ହିଁ ଶୋଇବା ଉଚିତ।

- **ଚା' ପିଇବା:** ଖାଇସାରିବା ପରେ ଚା' ପିଇବା ଅନୁଚିତ। କାରଣ ଚା' ପତିରେ ଥିବା ପ୍ରୋଟିନ ହଜମ କ୍ରିୟାରେ ବାଧା ସୃଷ୍ଟି କରିଥାଏ। ସେଥିପାଇଁ ଖାଇ ସାରିବାର ଅନ୍ତତଃ ଦୁଇଘଣ୍ଟାପରେ ଚା' ପିଇବା ଉଚିତ।

# ଘରେ ଯଦି କେହି ମଧୁମେହ ରୋଗୀ ଅଛନ୍ତି ତ ଏହି ସବୁ ଉପାୟ ଆପଣାନ୍ତୁ



ମଧୁମେହ ଆଜିକାଲି ଏକ ସାଧାରଣ ସମସ୍ୟା। ପ୍ରତ୍ୟେକ ଘରେ ମଧୁମେହ ରୋଗୀ ଆପଣ ପାଇବେ। ହେଲେ ଉପଯୁକ୍ତ ସଚେତନତା ଅବଲମ୍ବନ କଲେ ଆପଣଙ୍କର ଏ ରୋଗ କିଛି କ୍ଷତି କରିପାରିବନି। ତେବେ ଚାଲନ୍ତୁ ଜାଣିବା ଏହି ରୋଗରୁ ନିଜକୁ ବଞ୍ଚାଇ ରଖିବାକୁ କ'ଣ କରିବାକୁ ହେବ।

**ମଧୁମେହ ଉପରେ ଆତ୍ମ-ଶିକ୍ଷା:** ଆତ୍ମ-ଶିକ୍ଷାର ଗୁରୁତ୍ୱକୁ ଅଣଦେଖା କରନ୍ତୁ ନାହିଁ। ଗ୍ଲୁକୋଜ ଟାର୍ଗେଟ୍‌ରୁ ନେଇ ସମ୍ଭାବ୍ୟ ଦୀର୍ଘକାଳୀନ ଜଟିଳତା ବିଷୟରେ ଆବଶ୍ୟକୀୟ ଜ୍ଞାନ ରଖନ୍ତୁ।

**ନିୟମିତ ତଦାରଖ:** ରକ୍ତରେ ଗ୍ଲୁକୋଜର ସ୍ତର ଏବଂ ଏଚ୍‌ବିଏଆଇସି ସଂପର୍କରେ ପ୍ରତି ତିନି ମାସରେ ଥରେ ପରୀକ୍ଷା କରି ଜାଣନ୍ତୁ। ଏହାକୁ ବାରମ୍ବାର ତଦାରଖ କରିବା ଦ୍ୱାରା ଆପଣ ଯାହା ପରିବର୍ତ୍ତନର ଆବଶ୍ୟକତା ଥିବ କରିପାରିବେ। ନିଜ ସ୍ୱାସ୍ଥ୍ୟ ପାଇଁ ଭୁଲ୍ ସଂଶୋଧନ କରିବାକୁ ଜ୍ଞାନ ପାଇବେ।

**ବାର୍ଷିକ ସ୍କ୍ରିନିଂ:** ମଧୁମେହ ସହିତ ଜଡିତ ଜଟିଳତା ରୋଗ ପାଇଁ ବାର୍ଷିକ ସ୍କ୍ରିନିଂ ଆବଶ୍ୟକ। ନିୟମିତ ଚେକ୍ ଅପକୁ ଏକ ସକ୍ରିୟ ପଦକ୍ଷେପ। ଯାହା ଦ୍ୱାରା ଆମେ ଗୁରୁତର ଜଟିଳତାକୁ ରୋକିବାରେ ସକ୍ଷମ ହୋଇପାରିବା।

ଯାତ୍ରା ସମୟରେ, ଖାଦ୍ୟପେୟ ପସନ୍ଦ ପ୍ରତି ଧ୍ୟାନ ଦେବା ଜରୁରୀ ହୋଇଯାଏ। ରକ୍ତରେ ଶର୍କରା ସ୍ତର ବଜାୟ ରଖିବା ନିହାତି ଆବଶ୍ୟକ। କାରଣ ଖାଦ୍ୟପେୟରେ ଟିକେ ଅବହେଳା ହେଲେ ସାଂଘାତିକ ହୋଇପାରେ।

କ୍ୟାଲୋରୀ ଟ୍ରାକିଂ ପାଇଁ ଡିଜିଟାଲ୍ ଘଣ୍ଟା ଏବଂ ଆପ୍ ବ୍ୟବହାର କରି ରକ୍ତରେ ଶର୍କରାର ପରିମାଣକୁ ଜାଣନ୍ତୁ। ଆଜିକାଲି ଏହା ସବୁ ଅତି ସାଧାରଣ ପାଲଟିଗଲାଣି। ଏହି ଉପକରଣଗୁଡ଼ିକ ରିଅଲ୍-ଟାଇମ୍ ଡାଟା ପ୍ରଦାନ କରେ, ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଜୀବନଶୈଳୀ ଏବଂ ଖାଦ୍ୟପେୟ ଅଭ୍ୟାସ ବିଷୟରେ ନିଷ୍ପତ୍ତି ନେବାକୁ ସଶକ୍ତ କରିଥାଏ।

# ବିଶ୍ୱର ପ୍ରଥମ କିନ୍ନର କଣ୍ଢେଇ



ନ୍ୟୁୟର୍କରେ ଆରମ୍ଭ ହୋଇଥିବା କଣ୍ଢେଇ ମେଳା ଅବସରରେ ଚଳିତଥର ବିଶ୍ୱର ପ୍ରଥମ କିନ୍ନର କଣ୍ଢେଇ ଉନ୍ମୋଚିତ ହେବାକୁ ଯାଉଛି। କିନ୍ନର ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା ଜାଜ ଜେନିଙ୍ଗସଙ୍କ ଚେହେରା ଆଧାରରେ କଣ୍ଢେଇଟିକୁ ତିଆରି କରାଯାଇଛି। ଷୋହଳ ବର୍ଷ ବୟସ୍କା ଜାଜ ଏଥିପାଇଁ ସମ୍ମତି ଦେଇଛନ୍ତି ବୋଲି ପ୍ରକାଶ କରାଯାଇଛି। ପ୍ରକୃତରେ ନ୍ୟୁୟର୍କରେ 'ଟୋନର' କମ୍ପାନୀ ପକ୍ଷରୁ ଅନେକ କିନ୍ନର କଣ୍ଢେଇ ତିଆରି କରାଯାଇଛି। ସବୁ କଣ୍ଢେଇ ଗୁଡ଼ିକର ଉଚ୍ଚତା ହେଉଛି ଅଠର୍ ଇଞ୍ଚ୍। କଣ୍ଢେଇ ଗୁଡ଼ିକୁ ନବେରୁ ଶହେ ଡଲାର ମଧ୍ୟରେ ବିକ୍ରି କରାଯିବ ବୋଲି କମ୍ପାନୀ କହିଛି।

# ନୂଆ ଗବେଷଣା: ଶରୀର ବିନା ସକ୍ରିୟ ରହୁଛି ମସ୍ତିଷ୍କ



ଆମ ଶରୀରର ଯାବତୀୟ କାର୍ଯ୍ୟକୁ ମସ୍ତିଷ୍କ ନିୟନ୍ତ୍ରଣ କରିଥାଏ। ଶରୀର ଭିତରେ ଅର୍ଥାତ୍ ଶରୀର ସହ ସଂଯୁକ୍ତ ଥିଲା ବେଳେ ହିଁ ମସ୍କିଷ୍କ ନିଜର ଏହି ସକ୍ରିୟତା ବଜାୟ ରଖିଥାଏ। ମାତ୍ର ଆମେରିକାର ଡାଲାସ୍ଥିତ ଟେକ୍ସାସ ବିଶ୍ୱବିଦ୍ୟାଳୟର ଦକ୍ଷିଣପଶ୍ଚିମ ଭେଷଜ କେନ୍ଦ୍ରର ଗବେଷକମାନେ ଏପରି ଏକ ପ୍ରକ୍ରିୟା ବିକଶିତ କରି ପାରିଛନ୍ତି, ଯାହା ମାଧ୍ୟମରେ ଶରୀର ସହ ସଂଯୁକ୍ତ ନଥାଇ ମଧ୍ୟ ମସ୍ତିଷ୍କ ଅନେକ ସମୟ ଧରି ଜୀବନ୍ତ ତଥା ସକ୍ରିୟ ରହିପାରୁଛି। ଏପରି ଏକ ଅଭିନବ ବୈଜ୍ଞାନିକ ପରୀକ୍ଷାନିରୀକ୍ଷା ବ୍ୟଙ୍ଗାତ୍ମକ ଟେଲିଭିଜନ୍ ଧାରାବାହିକ 'ଫ୍ୟୁଚରମା'ର କାଚ ଜାର ଭିତରେ ବର୍ଷ ବର୍ଷ ଧରି ମସ୍ତିଷ୍କକୁ ସଂରକ୍ଷିତ କରି ରଖିବାର ଦୃଶ୍ୟକୁ ମନେ ପକାଇ ଦେଇଛି। ଏହି ଗବେଷକ ଦଳ ଦୁଇଟି ଘୁଷୁରିର ମସ୍ତିଷ୍କକୁ ସେମାନଙ୍କ ଶରୀରରୁ ଅଲଗା କରି 'ଏକ୍ସ୍ଟ୍ରାକର୍ପୋରିଆଲ୍ ପଲ୍‌ସାଟାଇଲ୍ ସର୍କୁଲାର କଣ୍ଟ୍ରୋଲ୍' (ଇପିସିସି) ନାମକ ଏକ ଅତ୍ୟାଧୁନିକ ଉପକରଣ ସହ ସଂଯୁକ୍ତ ରଖି ଏହି ସଫଳତା ହାସଲ କରିଛନ୍ତି। ଏହି ଉପକରଣ ଶରୀରରେ ପ୍ରାକୃତିକ ରକ୍ତ ପ୍ରବାହ ପରି ଉକ୍ତ ଶରୀର ବାହ୍ୟସ୍ଥ ମସ୍ତିଷ୍କରେ ରକ୍ତ ସଂଚାଳନ ଜାରି ରଖିଥିଲା। ଏହା ଦ୍ୱାରା ଶରୀର ବାହାରେ ମଧ ମସ୍ତିଷ୍କ ଦୁଇଟି ୫ ଘଣ୍ଟା ଧରି ସକ୍ରିୟ ରହିପାରିଥିଲେ। ଏହି ପରୀକ୍ଷାନିରୀକ୍ଷା ସମୟରେ ସେମାନେ ମସ୍ତିଷ୍କ ଉପରେ ଶର୍କରାର ପ୍ରଭାବକୁ ଶରୀରର ଅନ୍ୟାନ୍ୟ ପ୍ରକ୍ରିୟାଠାରୁ ଅଲଗା କରି ଅଧ୍ୟୟନ କରିବାରେ ସକ୍ଷମ ହୋଇଥିଲେ। ଭବିଷ୍ୟତର ପ୍ରୟୋଗକୁ ଦୃଷ୍ଟିରେ ରଖି ଏହି ଗବେଷକ ଦଳ କୌତୂହଳ ପ୍ରକାଶ କରିଛନ୍ତି ଯେ, ହୃତ୍‌ପିଣ୍ଡ ପାଇଁ ବର୍ତ୍ତମାନ ବ୍ୟବହାର କରାଯାଉଥିବା କାର୍ଡିଓପଲ୍‌ମୋନାରି ବାଇପାସ୍ ପ୍ରକ୍ରିୟାର ଜଟିଳତାକୁ ଦୂରେଇ ଦେବା ପାଇଁ ଏହି ଇପିସିସି ଉପକରଣ ଉପାଦେୟ ହୋଇପାରିବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅର୍ଥନୀତିରେ ଭାରତ...

ରବିବାର, ଅର୍ଥାତ୍ ନଭେମ୍ବର ୧୯ ତାରିଖ ଦିନ ଯେତେବେଳେ ଭାରତୀୟ କ୍ରିକେଟ୍ ଦଳ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ସହିତ ଆଇସିସି ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳୁଥିଲା, ସମଗ୍ର ରାଷ୍ଟ୍ର, ବିଶେଷକରି ଯେଉଁମାନେ କେନ୍ଦ୍ରର ଶାସକ ବିଜେପି ଦଳ ପ୍ରତି ଅନୁକୂଳ ମନୋଭାବ ପୋଷଣ କରନ୍ତି, ସେମାନେ କମ୍ପ୍ୟୁଟରର ପରଦା ଉପରେ ବିଶ୍ୱ ଅର୍ଥନୀତିରେ ଭାରତର ସ୍ଥାନ ବାବଦରେ ଦୃଢ଼ ଭାବରେ କିଛି ଦାବି କରିବା ନିମନ୍ତେ ତଥାକଥିତ ତଥ୍ୟଗୁଡ଼ିକର ବୃଥାରେ ନଜର ରଖି ଚାଲିଥିଲେ । ପ୍ରଶ୍ନ ଉଠେ, କାହିଁକି ? କାରଣ ପରଦା ଉପରେ ଯେଉଁ ଛବି ଭାସି ଉଠୁଥିଲା, ତାହା ହେଉଛି– ଭାରତର ଅର୍ଥନୀତି ୪ ଟ୍ରିଲିଅନ୍ ହୋଇଥିବା ସମ୍ପର୍କିତ, ଯାହା ଯଦି ସତ ହୋଇଥାନ୍ତା, ତା'ହେଲେ ଦେଶର ଅର୍ଥନୀତିକ ବିକାଶ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ସାବ୍ୟସ୍ତ ହୋଇଥାନ୍ତା । ଅନେକ ସଂଖ୍ୟକ କେନ୍ଦ୍ର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବ୍ୟବସାୟିକ ନେତୃବୃନ୍ଦ ଏବଂ ଅର୍ଥନୀତି ବିଶ୍ଳେଷକ ଏହି ସମ୍ବାଦର ସତ୍ୟାସତ୍ୟ ସମ୍ପର୍କରେ ବିନା ଅନୁସନ୍ଧାନରେ ବା ସରକାରୀ ଭାବରେ ଏହାକୁ ଘୋଷଣା କରାଯିବା ପୂର୍ବରୁ ସମ୍ବାଦଟିକୁ ସ୍ୱାଗତ କରିଥିଲେ । ପରନ୍ତୁ, ଦିନକ ପରେ କେତେକ ଗମ୍ଭୀର ବିଶ୍ଳେଷଣ ଉଲ୍ଲେଖ କରିଥିଲା ଯେ ଭାରତ ଏ ପର୍ଯ୍ୟନ୍ତ ୪ ଟ୍ରିଲିଅନ୍ ଅର୍ଥନୀତି ହୋଇପାରିନାହିଁ । ଅର୍ଥନୀତିକ ସର୍ବେକ୍ଷଣରେ ପ୍ରଦାନ କରାଯାଇଥିବା ଆଗୁଆ ଆକଳନଗୁଡ଼ିକ ଅନୁସାରେ, ମାର୍ଚ୍ଚ ୩୧, ୨୦୨୩ରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଆକାର ଥିଲା ୨,୭୩,୦୭,୭୫୧ କୋଟି ଟଙ୍କା ମୂଲ୍ୟର ଯାହାକୁ ଟ୍ରିଲିଅନ୍‌ରେ ପ୍ରକାଶ କଲେ ହେବ ୨୭୩.୦୭ ଟ୍ରିଲିଅନ୍ ଟଙ୍କା, ଯାହା ମାର୍ଚ୍ଚ ୩୧,୨୦୨୩ର ବିନିମୟ ଦର ଅନୁସାରେ ୩.୩୨ ଟ୍ରିଲିଅନ୍ ଡଲାର ଥିଲା । ଭାରତକୁ ୪ ଟ୍ରିଲିଅନ୍ ଡଲାରର ଅର୍ଥନୀତି ହେବାକୁ ହେଲେ ଏହାର ଜିଡିପି ଆମେରିକୀୟ ଡଲାର ପିଛା ଟଙ୍କାର ସାମ୍ପ୍ରତିକ ବିନିମୟ ମୂଲ୍ୟ ଟ ୮୩.୪୦ ପଇସା ଦରରେ ୩୩୩.୬ ଟ୍ରିଲିଅନ୍ ଟଙ୍କା ମୂଲ୍ୟର ହେବା ଉଚିତ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପୂର୍ବାନୁମାନ ଅନୁସାରେ, ଭାରତର ଜିଡିପି ସାମ୍ପ୍ରତିକ ଆର୍ଥିକ ବର୍ଷରେ ୬.୫ ପ୍ରତିଶତ ହାରରେ ବୃଦ୍ଧି ପାଇବ । ଏହାର ଅର୍ଥ ହେଉଛି, ମାର୍ଚ୍ଚ ୩୧,୨୦୨୪ ସୁଦ୍ଧା ଦେଶର ଜିଡିପି ୬.୫ ପ୍ରତିଶତ ହାରରେ ବୃଦ୍ଧି ପାଇ ଦେଶର ଅର୍ଥନୀତିରେ ୧୭.୭୫ ଟ୍ରିଲିଅନ୍ ଟଙ୍କା ଯୋଗ କରିବ। ଏହି ହାରରେ ହିସାବ କଲେ ମାର୍ଚ୍ଚ ୩୧, ୨୦୨୪ରେ ଭାରତର ଜିଡିପି ହେବ ୨୯୦.୮୨ ଟ୍ରିଲିଅନ୍ ଟଙ୍କା ବା ନଭେମ୍ବରରେ ଆମେରିକୀୟ ଡଲାର ପିଛା ମୁଦ୍ରାର ବିନିମୟ ଦର ଟ ୮୩.୪୦ ପଇସା ହିସାବରେ ୩.୪ ଟ୍ରିଲିଅନ୍ ଡଲାରର ଅର୍ଥନୀତି । ଏହା ଦର୍ଶାଉଛି ଯେ ୪ ଟ୍ରିଲିଅନ୍‌ର ଅର୍ଥନୀତି ହେବା ପାଇଁ ଭାରତ ଆଗରେ ଏକ ଲମ୍ବା ପଥ ରହିଛି, ଅର୍ଥାତ୍ ଆଉ କିଛି ବର୍ଷ ପର୍ଯ୍ୟନ୍ତ ଭାରତକୁ ଏଥିପାଇଁ ଅପେକ୍ଷା କରିବାକୁ ପଡ଼ିବ, ଯେହେତୁ କିଛି ବିଶେଷଜ୍ଞଙ୍କ ଅନୁସାରେ ସରକାର ରପ୍ତାନୀକୁ ପ୍ରୋତ୍ସାହିତ କରି ବଢ଼ାଇବା ନିମନ୍ତେ ଟଙ୍କାର ମୂଲ୍ୟକୁ କମ୍ ରଖିବାରେ ଏବେ ବ୍ୟାପ୍ରିତ ରହିଛନ୍ତି । ବର୍ତ୍ତମାନ ଆସିବା ଅକ୍ଟୋବର ମାସର ହେଡ୍‌ଲାଇନ୍ ମୁଦ୍ରାସ୍ଫୀତିକୁ, ଯାହା ସରକାରୀ ଭାବରେ ୪.୯ ପ୍ରତିଶତ ହୋଇଥିବା ଜଣାପଡ଼ିଛି । ଗତ ଦୁଇ ମାସ ଭିତରେ ଏହା ଦ୍ୱିତୀୟ ଥର ପାଇଁ ହ୍ରାସ ପାଇଛି । ଏହା ସୂଚାଉଛି ଯେ ମୁଦ୍ରାସ୍ଫୀତି ବିରୋଧରେ ଲଢ଼େଇ ଆଉ ଅଳ୍ପ କିଛି ମାସ ପରେ ଶେଷ ହୋଇଯିବ। କିନ୍ତୁ ଦେଶର ମୁଦ୍ରାସ୍ଫୀତି ସହିତ ଲଢ଼ିବା ପାଇଁ ପ୍ରାଧିକୃତ ଯୋଦ୍ଧା ଆରବିଆଇ ସାବଧାନ କରାଇ ଦେଇଛି ଯେ ଲଢ଼େଇ ଶେଷ ହୋଇନାହିଁ, କାରଣ ଆଗକୁ ଖାଦ୍ୟ ସାମଗ୍ରୀ ଏବଂ ଶକ୍ତିର ମୂଲ୍ୟ ବଢ଼ିପାରେ। କେନ୍ଦ୍ରୀୟ ମୁଦ୍ରାସ୍ଫୀତିରେ ପ୍ରାୟ ୨ ପ୍ରତିଶତର ପତନ ଦ୍ୱାରା ପରିଚାଳିତ ହୋଇ ଯାହା ଏହାର ସ୍ଥିତି ଅକ୍ଟୋବରରେ ୪୩ ମାସର ନିମ୍ନ ସଂଖ୍ୟାକୁ ଆପଣାଇ ଥିଲା, ହେଡ୍‌ଲାଇନ୍ ମୁଦ୍ରାସ୍ଫୀତି ଯଥାକ୍ରମେ ସେପ୍ଟେମ୍ବର ଏବଂ ଅକ୍ଟୋବର ମାସରେ ୫ ଓ ୪.୯ ପ୍ରତିଶତକୁ ଖସି ଆସିଥିଲା ଯାହା ଯଥାକ୍ରମେ ୨୦୨୨-୨୩ରେ ୬.୭ ପ୍ରତିଶତ ଏବଂ ୨୦୨୩ ଜୁଲାଇ-ଅଗଷ୍ଟରେ ୭.୧ ପ୍ରତିଶତରୁ କମ୍। ତେବେ ଆରବିଆଇ ଏହାକୁ ଏକ ଭାସମାନ ଆଶ୍ୱସ୍ତି ଭାବରେ ଦେଖୁଛି । ଉପରୋକ୍ତ ଅବସ୍ଥାଗୁଡ଼ିକୁ ତେଣୁ ଲକ୍ଷ୍ୟ କରିବା ପରେ କହିବା ଅସମୀଚୀନ ହେବନାହିଁ ଯେ ଠିକ୍ ଯେମିତି ଆଇସିସି ବିଶ୍ୱକପ୍‌ରେ ଲଗାତର ଦଶଟି ମ୍ୟାଚ୍‌ରେ ଭାରତୀୟ କ୍ରିକେଟ୍ ଦଳ ବିଜୟ ହାସଲ କରିବା ପରେ ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଦଳର ଫଳାଫଳ ସମସ୍ତଙ୍କୁ ନିରାଶ କରିଥିଲା, ଠିକ୍ ସେମିତି ସମାନ ଦିନରେ ଦେଶର ଅର୍ଥନୀତିର କଠୋର ବାସ୍ତବତା ବା ତଥ୍ୟଗୁଡ଼ିକ, ଯାହାକୁ ପରିବର୍ତ୍ତନ କରାଯାଇ ପାରିବ ନାହିଁ, ତା'ର ଦିନକ ପରେ ଗଭୀର ବିଶ୍ଳେଷଣ ଆନନ୍ଦ ଉତ୍ସାହର ଜୁଆରରେ ଭଟ୍ଟା ପକାଇ ଦେଇଥିଲା । କହିବା ବାହୁଲ୍ୟ, ଏସବୁ କଥା ଜାଣିବା ପରେ ଜଣକ ମନରେ ଆଘାତ ଲାଗିପାରେ । ଭାରତର ଅର୍ଥନୀତି ସମ୍ପ୍ରତି ଜଡ଼ତାକୁ ହାସଲ କରିଛି ଯାହା ନିହାତି କମ୍‌ରେ ଭାରତ ଏହାର ୧୦୦ତମ ସ୍ୱାଧୀନତା ଦିବସ ପାଳନ କରିବା ବେଳକୁ ଏହାର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଭାବରେ ରୂପାନ୍ତରିତ ହେବାର ସ୍ୱପ୍ନକୁ କଦାଚିତ୍ ପୂରଣ କରି ପାରିବ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ଦିଅନ୍ତି।

## ଗାନ୍ଧୀ ମଣିଷ : ନବକୃଷ୍ଣ ଚୌଧୁରୀ



### ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଶାରେ ଗାନ୍ଧିବାଦୀ ଅନୁଚିନ୍ତନର ଚିନ୍ତା ଓ ଚେତନାକୁ ଜାଗରଣ କରିଥିବା ବିଶିଷ୍ଟ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ଆଜି ହେଉଛି ପବିତ୍ର ଜନ୍ମତିଥି । ତମାମ୍ ଜୀବନ ସାଧାରଣ ମେହନତି ଲୋକଙ୍କ ପାଇଁ ଉତ୍ସର୍ଗ କରିଥିବା ସେହି ସଂଗ୍ରାମୀ ବୀରକର୍ଣ୍ଣଧାର ଏକଦା କହିଥିଲେ 'ତୁମେ ଯେତେବେଳେ କୌଣସି କାମ କରିବାକୁ ଗଲାବେଳେ ସଂଶୟରେ ପଡ଼ିଥିବ ଯେତେବେଳେ ଲକ୍ଷ୍ୟ କରିବ ତୁମ କାମଟି ଯଦି ସମାଜର ସବୁଠାରୁ ତଳିଆ ଶ୍ରେଣୀର ଲୋକଙ୍କ ମଙ୍ଗଳ କରୁଛି ତ ତୁମେ ନିର୍ଭୟରେ ଆଗେଇ ଚାଲ' । ନବକୃଷ୍ଣ ଚୌଧୁରୀଙ୍କ କେବଳ ବେଶଭୂଷା ନୁହେଁ ବରଂ ତାଙ୍କ ଜୀବନାଦର୍ଶ ଥିଲା ସମ୍ପୂର୍ଣ୍ଣ ରୂପେ ଅତ୍ୟନ୍ତ ସାଧାସିଧା ଓ ନିରାଡ଼ମ୍ବର । ସମାଜର ତଳସ୍ତରରେ ଜୀବନ ଜୀବିକାକୁ ନେଇ ଅହର୍ନିଶ ସଂଗ୍ରାମ କରୁଥିବା ଲୋକଙ୍କ ପାଇଁ ସେ ସର୍ବଦା କାମ କରୁଥିଲେ । ତାଙ୍କରି ନେତୃତ୍ୱରେ ଚାଷୀ ଆନ୍ଦୋଳନ ଓ ଗଡ଼ଜାତ ଆନ୍ଦୋଳନ ଦ୍ୱାରା ବର୍ଷ ବର୍ଷ ଧରି ଜମିଦାରୀ ଓ ରାଜାମହାରାଜଙ୍କ ରାଜକୀୟ ଶାସନକୁ ଲୋପ କରି ସାଧାରଣ ଲୋକଙ୍କ ଏକ ଯୁଗ ସୃଷ୍ଟି କରିଥିଲା । ସେ ହେଉଛନ୍ତି ଭାରତର ପ୍ରଥମ ବ୍ୟକ୍ତିତ୍ୱ ଯିଏ କି ରାଜ୍ୟର ଭାଷାକୁ ସରକାରୀ ଭାଷା ଭାବରେ ନିଷ୍ଠାପର ଭାବରେ ପ୍ରଚଳନ କରାଇ ବେଶ୍ ପ୍ରଶଂସା ଭାଜନ ହୋଇଥିଲେ କେବଳ ସେତିକି ନୁହେଁ ଛୋଟମୋଟର ମାମଲାକୁ କୋର୍ଟ କଚେରୀକୁ ନନେଇ ଗ୍ରାମ୍ୟସ୍ତରରେ ଅଦାଲତ ଗଠନ କରି ନିରପେକ୍ଷ ବ୍ୟକ୍ତିତ୍ୱମାନଙ୍କ ଦ୍ୱାରା ନ୍ୟାୟ ପ୍ରଦାନର ସେ ବ୍ୟବସ୍ଥା କରାଇଥିଲେ । ଏହାସହ ମହାଜନୀ ଋଣ ନେଇ କ୍ଷତିଗ୍ରସ୍ତ ଲୋକଙ୍କ ସୁରକ୍ଷା ପାଇଁ ସେ ବିଧିବଦ୍ଧ ଭାବେ ଆଇନ ପ୍ରଣୟନ କରିଥିଲେ । ଶାସନ ଓ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରିବା ସହ ପରବର୍ତ୍ତୀ ସମୟରେ ଏହାକୁ କେବଳ କେନ୍ଦ୍ର ସରକାର ନୁହେଁ ଭାରତର ବିଭିନ୍ନ ରାଜ୍ୟ ସରକାରମାନେ ଆଦର୍ଶଣୀୟ ଭାବରେ ଏହାକୁ ଅନୁକରଣ କରିଥିଲେ। ତାଙ୍କ ସମୟରେ ରାଜ୍ୟରୁ ସମସ୍ତ ପ୍ରକାର ନିଶାର ମୂଳୋତ୍ପାଟନ କରିବା ପାଇଁ ବିଧିବଦ୍ଧ ଭାବେ ନିଶାନିବାରଣ ଆଇନ ପ୍ରଣୟନ କରିଥିଲେ ।

ବର୍ତ୍ତମାନ ସରକାର ସାଧାରଣ ଶ୍ରେଣୀର ଲୋକମାନଙ୍କ ପାଇଁ ଟଙ୍କିକିଆ ଚାଉଳ ଠାରୁ ଚଷାପୁଅ ପାଇଁ ମୋବାଇଲ ଠାରୁ ସାଇକେଲ ଯୋଗାଇ ଦେଉଥିଲେ ବି ନିଶା ନିବାରଣ ଉପରେ ସେପରି କିଛି ସରକାରୀ ଅଙ୍କୁଶ ରହୁନଥିବାରୁ ସାଧାରଣ ଲୋକଟି ନିଜର ପରିଶ୍ରମର ମୂଲ୍ୟକୁ ନିଶାପାଣିରେ ଉଡାଇ ଦେଇ ନିଜ ଜୀବନକୁ ବରବାଦ୍ କରିବା ସହ ନିଜ ପରିବାରକୁ କ୍ଷତବିକ୍ଷତ କରୁଛି । ଆଜିର ରାଜନୀତିରେ ଅର୍ଥ ସବୁକିଛି। କ୍ଷମତାକୁ ନିଜ ପାଖରେ ବର୍ଷ ବର୍ଷ ଧରି ବଂଶ ବୁନିଆଦିର ଜାଗିର ପରି ରଖିବା ପାଇଁ ନେତାମାନେ ନିଜର ସମସ୍ତ ବ୍ୟକ୍ତିତ୍ୱକୁ ସମର୍ପି ଦେଉଥିବାବେଳେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ଥିଲା ସଂପୂର୍ଣ୍ଣ ରୂପେ ଭିନ୍ନ । ତାଙ୍କ ଶାସନ ସମୟରେ ସେ ଏହି ରାଜ୍ୟର ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମର ଦାୟିତ୍ୱକୁ ବେଶ୍ ନିଷ୍ଠାପର ଭାବରେ ତୁଲାଉଥିଲେ । ସବୁକିଛି କାମ ଶାସନ ଓ ପ୍ରଶାସନ ଉପରେ ଲଦି ନଦେଇ ବ୍ୟକ୍ତିଗତ ଭାବରେ ସେ ସରକାରୀ ଆଇନ ଓ ବିଧି ବ୍ୟବସ୍ଥାକୁ ନଜରରେ ରଖି ସୁପରିଚାଳନା କରୁଥିଲେ । ସେ ଅନୁଭବ କରିଥିଲେ ଯେ ସେ ସମୟର ସାମାଜିକ ବିଧି ବ୍ୟବସ୍ଥା ଓ ସରକାରୀ କଳର ଢ଼ାଞ୍ଚା ଜନାଭିମୁଖୀ ନହେଲେ ଏହା ଲୋକମାନଙ୍କ ପାଇଁ ଫଳପ୍ରସୂ ହୋଇପାରିବ ନାହିଁ । ନିଜ ସାଧୁତା ଓ ବ୍ୟକ୍ତିଗତ ଜୀବନର ଆଦର୍ଶ ପାଇଁ ସେ ସମଗ୍ର ଭାରତବର୍ଷରେ ନିଜର ସ୍ୱତନ୍ତ୍ରତା ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଭିନ୍ନ ଗଣଆନ୍ଦୋଳନରେ ନିଜକୁ ସାମିଲ କରି ଅନେକ ଯୋଜନାର ଖସଡ଼ାକୁ ବେଶ୍ ପ୍ରଶଂସନୀୟ ଭାବରେ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲେ । ତାଙ୍କ ସମୟରେ ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟଙ୍କ ସମୟରେ ନକ୍ସଲ ଦମନ ନାମରେ ଯେଉଁପରି ଭାବରେ ଦମନଲୀଳା ଚାଲିଥିଲା ତାହାକୁ ପଶ୍ଚିମବଙ୍ଗର ନେତାମାନେ ଏହା ବିରୁଦ୍ଧରେ ପଦୁଟିଏ କହିବାକୁ ସକ୍ଷମ ହୋଇନଥିଲା ବେଳେ ସେ ସମୟରେ କୋଲକତା ବିଶ୍ୱବିଦ୍ୟାଳୟର ଏକ ବୁଦ୍ଧିଜୀବିଙ୍କ ସମାବେଶରେ ଏହାକୁ ବିରୋଧ କରି ଯେଉଁ ଜ୍ଞାନ ଗର୍ଭକ ଭାଷଣ ଦେଇଥିଲେ ତାହାକୁ କୋଲକତାର ବଡ଼ ବଡ଼ ଆଗଧାଡ଼ିର ସମ୍ବାଦପତ୍ରମାନେ ଉଚ୍ଚପ୍ରଶଂସା କରି ଏହା ଉପରେ ଲେଖନୀ ଚାଳନା କରିଥିଲେ। ସାରା ଭାରତର ଜରୁରୀ କାଳୀନ ପରିସ୍ଥିତିରେ ତତ୍କାଳୀନ ଓଡ଼ିଶାର ଜନଆନ୍ଦୋଳନର ନେତୃତ୍ୱର କର୍ଣ୍ଣଧାର ସେ ସାଜିଥିଲେ । ନିଜ ଜୀବନର ଶେଷ ନିଃଶ୍ୱାସ ନେବା ପର୍ଯ୍ୟନ୍ତ ବିଭିନ୍ନ ଜନଆନ୍ଦୋଳନର ନେତୃତ୍ୱ ନେଇଥିଲେ ବି ସେ କେବେ ବି କ୍ଷମତାକୁ ଫେରିବାକୁ ଲାଳାୟିତ ହୋଇନଥିଲେ। ସେ ଭଲଭାବେ ଜାଣିଥିଲେ ଯେ ସମାଜର ମୌଳିକ ପରିବର୍ତ୍ତନ କେବଳ ସମ୍ଭବପର ଲୋକେ ଦୁର୍ଦ୍ଦଶାର କାରଣ ଜାଣିଲେ ଓ ତାକୁ ବଦଳାଇବା ଲାଗି ସଂକଳ୍ପ କଲେ । ଆଜିର ରାଜନୈତିକ, ନୈତିକ ଓ ସାମାଜିକ ଅବକ୍ଷୟ ବଢ଼ି ବଢ଼ି ଚାଲିଥିବାବେଳେ ନବକୃଷ୍ଣ ଚୌଧୁରୀଙ୍କ ପରି ନିରାଡ଼ମ୍ବର ଓ ଆଦର୍ଶଣୀୟ ନେତୃତ୍ୱକୁ ପ୍ରତିଟି ଓଡ଼ିଆ ଖୋଜୁଛନ୍ତି । ନବକୃଷ୍ଣ ଚୌଧୁରୀଙ୍କ ଦୃଷ୍ଟିଭଙ୍ଗୀ ଥିଲା ବେଶ୍ ସାଧାରଣ । ସମାଜର ତଳସ୍ତରର ଲୋକଙ୍କ ବିକାଶ ହେଲେ ସାମାଜିକ ବିଧିବ୍ୟବସ୍ଥା ସୁଦୃଢ଼ ହେବାସହ ଓଡ଼ିଶା ପ୍ରଗତିରେ ଆଗେଇ ପାରିବ ବୋଲି ସେ ବିଶ୍ୱାସ ରଖିଥିଲେ ।


ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦


## ଭଗବାନ ହିଁ ଲକ୍ଷ୍ୟ



### ଅଜୟ କୁମାର ବେହେରା

ଭାରତୀୟ ସଂସ୍କୃତି ସମସ୍ତ ମଧୁରତା, ସମସ୍ତ ସୁଖର ଚରମ ସୀମା ଏବଂ ସମସ୍ତ ଉଚ୍ଚତମ କାମନାର ପରିପୂର୍ଣ୍ଣତା, ଏହି ଆନନ୍ଦ ଲାଭ କରିବା ପାଇଁ ଦିଗ୍‌ଦର୍ଶିକା ସ୍ଥିର କରିଛି। ତଥାପି ମନୁଷ୍ୟ ଛୋଟ ଛୋଟ କଥା, ଅଳୀକ ସୁଖ ଓ ନୀଚ କାମନା ହାସଲ କରିବାକୁ ସଂଘର୍ଷ କରୁଛି। ଆମେ ଭଗବାନଙ୍କର ଅନ୍ୱେଷଣ କରିବା ବେଳେ ବକ୍ରପଥ ଓ ମରୀଚିକାକୁ ପଥଭ୍ରଷ୍ଟ ହେବ ଉଚିତ ନୁହେଁ। ସୁନାର ଅନ୍ୱେଷକ ତାକୁ ବିକର୍ଷିତ ଓ ବିଧ୍ୱଂସ କରୁଥିବା ପିତ୍ତଳ ଓ ଅନ୍ୟ ହଳଦିଆ ଧାତୁଗୁଡ଼ିକୁ ପରିତ୍ୟାଗ କରିବା ଉଚିତ। ନଦୀ ଯେପରି ଗିରିତଟରେ ଲମ୍ଫ ପ୍ରଦାନ କରେ, ଗୁଳ୍ମ ଓ କଣ୍ଟାବୁଦା ଭିତରେ ଧୀରେ ଧୀରେ ଗତି କରେ, ପାହାଡ଼ ଚାରିପଟେ ପ୍ରବାହିତ ହୁଏ, ବାଲିରେ ଶୋଷି ହୋଇଯାଏ, କିନ୍ତୁ ଲକ୍ଷ୍ୟ ସମୁଦ୍ରକୁ ସର୍ବଦା ଦୃଷ୍ଟିରେ ରଖିଥାଏ ସେହିପରି ମନୁଷ୍ୟ ମଧ ଅକ୍ଳାନ୍ତ ଭାବରେ ଭଗବାନଙ୍କ ଆଡ଼କୁ ଗତି କରିବା ଉଚିତ।

ଅବତାର ପୁରୁଷମାନଙ୍କର ପୂର୍ବଜନ୍ମମାନଙ୍କରେ କୌଣସି ପୁଣ୍ୟ ବା ପାପ ସଞ୍ଚିତ ହୋଇ ନଥାଏ, ଯାହା ସେମାନଙ୍କୁ ସାଧାରଣ ମନୁଷ୍ୟ ପରି ଏହି ଜନ୍ମରେ ପରିଶୋଧ କରିବାକୁ ପଡ଼େ। ସେମାନଙ୍କର ଜନ୍ମଗ୍ରହଣ ହେଉଛି ଏକ ଲୀଳା, ସାଧୁମାନଙ୍କର ସାଧୁତା ଏବଂ ଦୁଷ୍ଟମାନଙ୍କର ଦୁରାଚାର ପ୍ରଭୁଙ୍କ ଅବତାର ପାଇଁ କାରଣ ଯୋଗାଇଥାଏ। ଉଦାହରଣ ସ୍ୱରୂପ, ନରସିଂହ ଅବତାର କଥା ଦେଖ; ପ୍ରହ୍ଲାଦଙ୍କର ପୁଣ୍ୟ ଏବଂ ହରିଣ୍ୟକଶିପୁର ଦୁରାଚାର ମିଶି ଏହାର କାରଣ ହୋଇଥିଲା। ଭଗବାନଙ୍କ ଆଗମନ ଫଳରେ ସାଧୁମାନେ ସୁଖୀ ହୁଅନ୍ତି ଓ ଦୁର୍ଜନମାନେ ଦୁର୍ଦ୍ଦଶା ଭୋଗନ୍ତି। ଅବଶ୍ୟ ଅବତାରଙ୍କର ସୁଖ ବା ଦୁଃଖ ନଥାଏ, ଏପରିକି ଧାରଣ କରିଥିବା ଶରୀରରେ ଆଚ୍ଛାଦିତ ଥିବା ବେଳେ ମଧ ନଥାଏ। ଅବତାର ପଞ୍ଚଭୂତରେ ଗଠିତ ନୁହନ୍ତି; ସେ ହେଉଛନ୍ତି ଚିନ୍ମୟ, ମୃଣ୍ମୟ ନୁହଁନ୍ତି; ଆଧାତ୍ମିକ, ଭୌତିକ ନୁହଁନ୍ତି; ସେ କଦାପି ଅହଂକାର ବା ନିଜ-ପର ଭାବନା ଦ୍ୱାରା ବ୍ୟାହତ ହୁଅନ୍ତି ନାହିଁ, ସେ ଅଜ୍ଞାନତାରୁ ଜାତ ଭ୍ରମ ଦ୍ୱାରା ଅସ୍ପୃଷ୍ଟ। ଲୋକମାନେ ଅବତାରଙ୍କୁ ସାଧାରଣ ମନୁଷ୍ୟ ବୋଲି ଭ୍ରମ କଲେ ବି ତାହା ଅବତାରଙ୍କ ସ୍ୱଭାବକୁ ଆଘାତ କରେ ନାହିଁ। ସେ ଯେଉଁ କାମ ପାଇଁ ଆସିଛନ୍ତି ତାହା ନିଶ୍ଚୟ ସମ୍ପନ୍ନ ହେବ।

ଜୀବନର ରଙ୍ଗଭୂମି ଚାରୋଟି ସ୍ତମ୍ଭ ଉପରେ ନିର୍ମିତ - ଧର୍ମ, ଅର୍ଥ, କାମ ଓ ମୋକ୍ଷ। ସେଗୁଡ଼ିକ ଭାର ବହନ କରନ୍ତି ଓ ଓଜନ ସମ୍ଭାଳନ୍ତି। ଯେତେବେଳେ ରଙ୍ଗଭୂମି ଦୁଇଟିକୁ ହରାଇ ବସେ ଏବଂ ଅବଶିଷ୍ଟ ଦୁଇଟି, ଯଥା - ଅର୍ଥ ଓ କାମ ଉପରେ ଦଣ୍ଡାୟମାନ ହେବାକୁ ସଂଘର୍ଷ କରେ ସେତେବେଳେ ସ୍ୱାଭାବିକ ଭାବରେ ଉଦ୍‌ବେଗ, ଛଳନା, ଶୋକ ଓ ଲୋଭ ମାନବଜାତିକୁ ଆକ୍ରାନ୍ତ କରେ। ପ୍ରତ୍ୟେକ ସ୍ତମ୍ଭ ଅନ୍ୟ ତିନୋଟିକୁ ସହଯୋଗ ଓ ସମର୍ଥନ କରିବା ଆବଶ୍ୟକ। ଧର୍ମ ଅର୍ଥକୁ ପର୍ଯ୍ୟୁତ୍‌ଥିତ କରିବା ଉଚିତ, ଅର୍ଥାତ୍ କେବଳ ନୈତିକ ଉପାୟରେ ଜୀବିକାର୍ଜ୍ଜନର ସାଧନ ଲାଭ କରାଯିବା ଉଚିତ। ଅର୍ଥ ଧର୍ମବଳରେ ଲାଭ କରାଯିବା ଉଚିତ ଓ ଧର୍ମରେ ବିନିଯୁକ୍ତ ହେବା ଉଚିତ। କାମ ପ୍ରଥମତଃ ମୋକ୍ଷ ପାଇଁ ହେବା ଉଚିତ, ଅର୍ଥାତ୍ କାମନା ବନ୍ଧନରୁ ମୁକ୍ତି ପାଇଁ ନିର୍ଦ୍ଦେଶିତ ହେବା ଉଚିତ। ଜନ୍ମ ଓ ମୃତ୍ୟୁର ଶୃଙ୍ଖଳରେ ନୂତନ ଶୃଙ୍ଖଳ ଯୋଗ କରିବା ପାଇଁ ନୁହେଁ। ଚାରୋଟି ମଧ୍ୟରେ ପ୍ରଥମ ଧର୍ମ ପରବର୍ତ୍ତୀ ଦୁଇଟିରେ ଅନୁପ୍ରବେଶ କରି ସେଗୁଡ଼ିକୁ ଶକ୍ତିଶାଳୀ କରିବା ଉଚିତ, ଯଦ୍ୱାରା ସତ୍ର ଲାଭ କରିହେବ। ପ୍ରଥମ ଓ ଶେଷରୁ ବିରହିତ ହୋଇ ମାନବଜାତି ପଶୁ ଓ ପକ୍ଷୀ ସ୍ତରକୁ ଖସିଆସିଛି। ସନାତନ ଶକ୍ତି ସମୟ ଅନୁସାରେ ମାର୍ଗ ସଂସ୍କାର ପାଇଁ ଆସନ୍ତି। ଲୀଳା ଲଗାଇ ଶୋକ ଦେଇ ଫେରନ୍ତି କିନ୍ତୁ ମୋହରେ ଭକ୍ତ ନରହି ତାଙ୍କର ମାର୍ଗଧରି ସମୟ ପାରିହେବା ଦରକାର। ସେ ଅଛନ୍ତି ଏମିତି ଭାବିଲେ ଅବଶ୍ୟ ଦର୍ଶନ ମିଳିଯିବ, ମାତ୍ର କ୍ଷେତ୍ର ତାଙ୍କରି ମାର୍ଗରେ ପ୍ରସ୍ତୁତ ଆବଶ୍ୟକ। ବାଲ୍ମୀକ ପୁରୀ ଏଇ ପୁଟ୍ଟପର୍ତ୍ତୀ, ଠାରେ ସେହି ରାମଲୀଳା ନାଟକ ପିଲା କାଳରେ କରୁଥିବା ସତ୍ୟ, ସତ୍ୟରେ ଏପରି ସାଇରାମ ଲୀଳା ଲଗାଇବେ ଓ ତାଙ୍କର ଲୀଳାକୁ ଯୁଗ ବାଲ୍ମୀକମାନେ ଲେଖି ଭବିଷ୍ୟତ ପିଢ଼ିକୁ ପ୍ରମାଣ ରଖିବେ ଏହା ବି ଲୀଳା ଅଂଶର ଏକ କ୍ରିୟା ମାତ୍ର।


ଅରୁଣୋଦୟ ନଗର, କଟକ,
ମୋ : ୯୪୩୭୦୩୧୨୫୩


## ଜଳ ଉତ୍ସ ସୁରକ୍ଷା ଓ ପରିବେଶ ପ୍ରଦୂଷଣ

### ଦିପ୍ତିମୟୀ ନାୟକ

ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ହେବା ସହ ପରିବେଶ ଦୂଷିତ ହେଉଛି । ଏହାର ମୁଖ୍ୟ କାରଣ ଗୁଡିକ ହେଲା ଅତ୍ୟଧିକ ଯାନବାହାନ ଚଳାଚଳ,କଳକାରଖାନାର ଦୂଷିତ ଧୂଆଁ, ବ୍ୟବହୃତ ଜଳ ଆଦିର ପରିଚାଳନା ନହେବା । ଆମ ସମାଜରେ ବାର ମାସରେ ତେର ପାର୍ବପର୍ବାଣି ପାଳନ କରାଯାଏ । ତେବେ ଏହି ପାର୍ବପର୍ବାଣି ଗୁଡିକ ମଧ୍ୟରେ କାର୍ତ୍ତିକ ମାସ ଅନ୍ୟତମ । କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କୁମାର ପୂର୍ଣ୍ଣମା ପରଦିନ ଠାରୁ କାର୍ତ୍ତିକ ହବିଷ ଆରମ୍ଭ ହୋଇଥାଏ। ହବିଷ୍ୟାଳୀ ମାନେ ମଧ ଏହି ଓଷାକୁ ତପ ଜପର ସହ ପାଳନ କରିଥାନ୍ତି । ସକାଳ ହେଲେ ତୁଳସୀ ଚଉରା ମୂଳରେ ଠାକୁରଙ୍କ ମୁରୁଜ ଚିତ୍ର କରି ପୂଜାପାଠ ଆରମ୍ଭ କରିଥାନ୍ତି । ସହରର ବିଭିନ୍ନ ମଠ, ଧର୍ମଶାଳା ଓ ବିଶେଷ କରି ହବିଷ୍ୟାଳୀ ଆଶ୍ରୟସ୍ଥଳରେ ଉତ୍ସାହ ଓ ଉଦ୍ଦୀପନା ସହ ଏହି ବ୍ରତ ପାଳନ କରାଯାଇଥାଏ । ଧୂପ, ଦୀପ, ଚନ୍ଦନ, କର୍ପୂର ଗନ୍ଧ ଚଉଦିଗକୁ ସୁବାସିତ କରିଦେଉଥାଏ ।

କାର୍ତ୍ତିକ ପୂର୍ଣ୍ଣମାରେ ପଞ୍ଚୁକ ପଡେ । ପଞ୍ଚୁକ ପାଞ୍ଚ ଦିନ ଅନେକ ଶୈବପୀଠ ଚଳଚଞ୍ଚଳ ଥାଏ । ପଞ୍ଚୁକର ଶେଷ ପାଞ୍ଚ ଦିନକୁ ଗୁରୁତ୍ୱ ଦିଆଯାଏ। ପଞ୍ଚମ ଦିନ ଡ଼ଙ୍ଗାଭସା ବା ବୋଇତ ବନ୍ଦାଣ ହୁଏ। ଡ଼ଙ୍ଗାଭସା ଦିନ ପୂର୍ବରୁ ବଜାରରେ ଭଳିକି ଭଳି ଡ଼ଙ୍ଗା କାଠ, ସୋଲ,ରଙ୍ଗ ଓ ଝାଲେରୀର ପ୍ରସ୍ତୁତ କରି ବିକ୍ରି କରାଯାଇଥାଏ । କୁହାଯାଏ ଉତ୍କଳର ନୌବାଣିଜ୍ୟ ଗୌରବ ବହନ କରୁଥିବା ସାଧବ ପୁଅଙ୍କ ସ୍ମୃତିରେ ଏହା ପାଳନ କରାଯାଏ ।

ସାଧାରଣତଃ କାର୍ତ୍ତିକ ପୂର୍ଣ୍ଣମାରେ ବହୁ ସଂଖ୍ୟକ ଲୋକ ନଦୀ ଘାଟରେ କିମ୍ବା ଅନ୍ୟାନ୍ୟ ଜଳାଶୟ ନିକଟରେ ଏକତ୍ରିତ ହୋଇଥାନ୍ତି ଏବଂ ଭୋର ସମୟରେ ବୁଡ଼ ଦେବା ଗାଧୋଇବାସହ ଡଙ୍ଗାଭଷା ପରମ୍ପରା ରହିଛି । କିନ୍ତୁ ଏହା ପରିବେଶ ଉପରେ କେତେ ଯେ କ୍ଷତିକାରକ ତାର କଳନା କରାଯାଇପାରିବ ନାହିଁ । ଆଜିର ମଣିଷ ସମାଜ ନିଜର ଖୁସି ମନେଇବା ପାଇଁ ପରିବେଶକୁ କେତେ ଦୂଷିତ କରୁଛନ୍ତି ତାହା ସମସ୍ତଙ୍କୁ ଜଣା । କିନ୍ତୁ, ମଣିଷ ଜାଣୁଛି ଏହିସବୁ କଲେ ପରିବେଶ ପ୍ରତି ହାନିକାରକ, କିନ୍ତୁ ସେହି ହାନିକାରକ ଜିନିଷକୁ ଆପଣେଇ ପରିବେଶକୁ ଦୂଷିତ କରାଉଛି । ଜନସଂଖ୍ୟା ବିସ୍ଫୋରଣର ପ୍ରଭାବ ସମଗ୍ର ଜୀବଜଗତରେ ଦେଖିବାକୁ ମିଳୁଛି । ବିଭିନ୍ନ ଧରଣର ପୂଜାପାଠ, ପାର୍ବପର୍ବାଣି ଆମ ପରିବେଶକୁ ଦୂଷିତ କରିବାର ଅନ୍ୟ ଏକ ମୁଖ୍ୟ କାରଣ ପାଲଟିଛି। ବାୟୁ, ଜଳ, ମୃର୍ତ୍ତିକା ଦୂଷିତ ହେବା ସହ ପରିବେଶ ଉପରେ କୁ-ପ୍ରଭାବ ପଡୁଛି । ବୋଇତ ବନ୍ଦାଣ ସହିତ ଧୂପ, ଦୀପ, କ୍ୟାଣ୍ଡେଲ, ଗୁଆ , ପାନପତ୍ର, ବେଲପତ୍ର ଆଦି ଡଙ୍ଗାରେ ରଖାଯାଏ । ଏସବୁ ପାଣିରେ ରହି ପଚି ପାଣିକୁ ଦୂଷିତ କରାଇଦିଏ । ପାଣିରେ ରହୁଥିବା ଜଳଚର ପ୍ରାଣୀ ମାନଙ୍କ ଉପରେ କୁ-ପ୍ରଭାବ ପଡିଥାଏ । ଜଳକୁ ପରିଷ୍କାର କରୁଥିବା ଅନେକ ପ୍ରାଣୀ ମାନଙ୍କର ମୃତ୍ୟୁ ମଧ ହୋଇଥାଏ । ଯେଉଁଠି ଡ଼ଙ୍ଗା ଭସା ଯାଏ ସେଠି ପରମ୍ପରା ନାମରେ ପରିବେଶକୁ ଦୂଷିତ କରାଯାଏ।

ଯଦି ପରିବେଶକୁ ପ୍ରଦୂଷଣ ମୁକ୍ତ କରିବାକୁ ଚାହଁୁଛେ ଜୀବଜଗତକୁ ସୁରକ୍ଷିତ ରଖିବାକୁ ଚାହଁୁଛେ ତେବେ ଆମେମାନେ ହିଁ ଏହି ଦିଗରେ ଲୋକମାନଙ୍କୁ ସଚେତନ କରାଇବା ନିହାତି ଆବଶ୍ୟକ।


ଯୁବ ସାମ୍ବାଦିକା
ମୋ: ୯୦୯୦୬୬୧୫୮୬


## କବିତା କୋଣାର୍କ

### ପରକ୍ରିୟା ପ୍ରୀତି

### ଦୀପକ କୁମାର ନାଏକ



ଏ ପରକ୍ରିୟା ପ୍ରୀତି ଡିଆଁ ରୋଗ ଭଳି
ସବୁଆଡ଼େ ମାଡ଼ିଲାଣି
ଟୋକା ଠାରୁ ବୁଢ଼ା ସଭିଙ୍କୁ ଏ ରୋଗ
ଧିରେଧିରେ ବ୍ୟାପିଲାଣି !

ଏହା ଏମିତିକା ଏକ ବଡ଼ ଡ଼ିଆଁ
ରୋଗ
ଗ୍ରାସ କରୁଥାଏ ସଭିଙ୍କୁ
ସଂପର୍କୀୟ ଅବା ଅନ୍ୟ କେହି ହେଉ
ମାନୁନାହିଁ ଯମା କାହାକୁ !

ବୃଦ୍ଧ ବୟସେ କେ କରେ ବାଲ୍ୟ
ଲୀଳା
କିଏ ପୁଣି ଯୌବନରେ
କେ ମଧ୍ୟମ ବୟସେ କରୁଥାଏ ଖେଳ
କିଏ ପୁଣି ମର୍ତ୍ତ୍ୟକାଳେ !

କେ ସ୍ତ୍ରୀ ପିଲା ଛାଡ଼ି ଅନ୍ୟ ନାରୀ ସହ
କରୁଥାଏ ରାସଲୀଳା
କିଏ ପୁଣି ସ୍ୱାମୀ ସଂସାର କୁ ଛାଡ଼ି
ଅନ୍ୟ ସହ କରେ ପାଲା !

କିଏ କହେ ପାପ ବୋଆଇନି ଏହା
କିଏ କହେ ପୁଣି ବାତେରା
ଯଦି ଏହା ପାପ ବୋଆଇନି ତେବେ
ସ୍ୱୀକୃତି କେମିତି ମିଳିଲା !


ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ ,ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ-୭୫୯୦୨୧
ମୋ: ୮୬୩୭୨୬୧୮୨୮


### କାହା ପାଇଁ ଆନମନା

### ଦିବାକର ନାୟକ

ହାତ ପାଇବନି ଆକାଶକୁ ମୋର
ତଥାପି ମୁଁ ହାତ ବଢ଼ାଏ କିଆଁ
କାହା ପାଇଁ ଏତେ ଆନମନା ହୋଇ
ପାଣି ଭାବି ମୁଁଯେ ଧରୁଛି ନିଆଁ ।
ସାଗର ନୀଳଠୁ ଆହୁରି ସୁନ୍ଦର
ମୋତି ଭଳି ସେଇ ଦୁଇଟି ଆଖି
ମୋନାଲିସାଠାରୁ ଆହୁରି ମଧୁର
ସେ ଓଠରେ ହସ ଯାଇଛି ଲାଖି
ଛୁଇଁ ପାରିବିନି ମନକୁ ଯାହାର
ଦେହକୁ ଛୁଇଁବା ଆକାଶ କୟାଁ...
ତଥାପି ଏ ମନେ ଏତେ ଢେଉ ଉଠେ
କାହିଁକି ତା ଲାଗି ଏମିତି ମାୟା...
ହାତ ପାଇବନି ଆକାଶକୁ ମୋର
ତଥାପି ମୁଁ ହାତ ବଢ଼ାଏ କିଆଁ ।
ରାଜ ସିଂହାସନେ ବସିବା ଲୋକର
ଝୁଲୁଥାଏ ଶିର ଉପରେ ଅସୀ
ପ୍ରେମରେ ପଡ଼ିବା ସହଜ ହେଲେ ବି
ପାଇବା ତା'ଠାରୁ ଜଟିଳ ବେଶୀ
ଯୋଜନେ ପଥକୁ ଚାଲିବା ସହଜ
କାୟା ପାଶେ ଥିଲେ ଯାହାରି ଛାୟା
ତାକୁ ମୁଁ ଭାବିବା ସହଜ, ହେଲେ ତ
ପାଇବାର ଆଶା କୁହୁଡ଼ି ଧୂଆଁ...
ହାତ ପାଇବନି ଆକାଶକୁ ମୋର
ତଥାପି ମୁଁ ହାତ ବଢ଼ାଏ କିଆଁ ।


ପାଟପୁର କନିସି ଗଞ୍ଜାମ
ମୋ: ୯୯୩୮୬୧୯୯୮୧


### ଶେଷ ଗୀତ ଲେଖୁଥିବା ବେଳେ

### ରାହାସ କୁମାର ବେହେରା

ଜୀବନର ଶେଷ ଗୀତ
ଲେଖୁଥିବା ବେଳେ
ଶବ୍ଦଟିଏ ଲୁଚିଗଲା
ଭାବନାର ତଳେ ।
ଉଡୁଥିଲା ମନ ପକ୍ଷୀ
ନିରବ ନିଶ୍ଚଳେ
ଗୁମୁରି କାନ୍ଦି ଉଠିଲା
ଅପ୍ରଭ ନିରୋଳେ ।
ଆୟୁଷକୁ ମାପୁ ମାପୁ
ଶେଷ ଠିକଣାରେ
ଶରୀରଟା ଜଳୁଥିଲା
ଅସହ୍ୟ ମ୍ଳାନରେ ।
ଏମିତି ସତେ କି ମୃତ୍ୟୁ
ଯମ ଦଣ୍ଡ ଆସେ
ଯନ୍ତ୍ରଣା ଲୋତକ ଦେଇ
ନିଜ କଥା ଭାସେ।
ବୟସର ମଧ୍ୟାହ୍ନରେ
କାଳର କବିତା
କେମିତି ଲେଖିବି କୁହ
ଦୁଃଖର ବାରତା ।
ଯେଣୁ ଅଛି ଅବଶୋସ
ପରିବାର ପାଇଁ
ସକାଳ ସୁରୁଜ ମୋର
କାନ୍ଦେ କଇଁ କଇଁ ।
ଘରଣୀର ରାଗ ରୁଷା
ପୀୟୂଷ ଭାବନା
ଝଙ୍କୁରିତ ହୃଦ ତନ୍ତ୍ରେ
କରେ ଆନମନା ।
ହେ ଈଶ୍ୱର ! ଦେଖ ତୁମେ
ମୋ ପ୍ରିୟ ପରମ
ଏବେ ମାୟା ଉପବନେ
ଫୁଟିଛି କୁସୁମ ।
ବାସିଲାଣି ପୂର୍ବପରି
ଲାଗଇ ଆଶ୍ୱସ୍ତ
ମରିବାକୁ ନାହିଁ ତେଣୁ
ଆଉ ଯେ ମନସ୍ତ ।
ବଂଚିଗଲି ତୁମ ବଳେ
ଅଧା ମୋ କବିତା
ଆଉ ବାକି ଲେଖା ହେବ
ଜଳିଲେ ମୋ ଚିତା ।


ବାଲ୍ୟମ୍ଭା,ଭାପୁର
ଢେଙ୍କାନାଳ-୭୫୯୦୧୫
ମୋ : ୯୪୩୮୧୧୪୩୬୮


### ପଞ୍ଚୁକ

### ସତ୍ୟ ସିଂ ବାଗ



ଅନେକ ମହାନ ଆମ ଜନମ
ମାଟିର ସଂସ୍କୃତି ତାର ପରମ୍ପରା
ସବୁମାସ ମଧ୍ୟେଅଟେ କାର୍ତିକଶ୍ରେଷ୍ଠ
ଏ ଧର୍ମ ମାସ ବିଷ୍ଣୁ ଙ୍କ ପ୍ରିୟ ପରା !

କାର୍ତିକ ଶୁକ୍ଳ ପ୍ରତିପଦା ଏକାଦଶୀରେ
ପଞ୍ଚୁକ ବ୍ରତ ଆରମ୍ଭ ଯେ ହୋଇଥାଏ
ଏହି ମହା କାର୍ତିକ ପୂର୍ଣ୍ଣିମା ତିଥିରେ
ଶୁଭ ପଞ୍ଚୁକ ପୂଜାର ସମାପ୍ତ ହୁଏ !


ଏହି ପଞ୍ଚୁକ କୁ ଭୀଷ୍ମ ପଞ୍ଚୁକ ବି କହୁ
ପିତାମା ଭୀଷ୍ମଙ୍କ ରହିଛି ଇତିହାସ
ନିଜ ପିତା ଆଜ୍ଞା ପାଳନ ସେ କଲେ
ସବୁ କାଳ ପାଇଁ ରହିବ ଏ ଯଶ !

ଏ ପଞ୍ଚୁକ ବ୍ରତକୁ ଶରଧା ମନରେ
ଯିଏ ପୂର୍ଣ୍ଣ ଭକତିରେ ପାଳନ କରେ
ପାପ ତାର ସବୁ କ୍ଷୟ ହୋଇ ଯାଏ
ବହୁ ପୂଣ୍ୟ ଅର୍ଜୁନ ସେ ଅଧିକାରେ !

ପଞ୍ଚୁକ ବ୍ରତର ରହିଛି ଅନେକ ନିୟମ
କାମ କ୍ରୋଧ ମୋହ ଲୋଭ ପାଶରୀ
ବ୍ରତ ତପ ନିଷ୍ଠା ହୃଦୟେ କରିଧାରଣ
ପ୍ରାତଃ କାଳରୁ ହିଁ ଦେବା ସ୍ନାନସାରି !

ଗାଁ ସହରେ ସାଇ ପଲ୍ଲୀ ସାରା ରେ
ପୂଣ୍ୟ ପଞ୍ଚୁକ ବ୍ରତ ର ହୁଏ ପାଳନ
ଗାଇ ପୂରାଣ କରି ଭଜନ କୀର୍ତନ
ହରିବୋଲ ହୁଳହୁଳି ସ୍ୱରେ ଏ ମନ !


ଗ୍ରା /ପୋ - ତେରେସିଂହା
ଭାୟା - ରିଷିଡା
ଜି - କଳାହାଣ୍ଡି
ମୋ: ୬୩୫୩୩୭୪୫୦୯



# ପଥଭ୍ରଷ୍ଟ ମାନବ ପାଇଁ ପଦେ



**ଅନୀତା ପଟ୍ଟନାୟକ**



କଥାରେ ଅଛି, ନ ସୁଖ ଲଭ୍ୟତେ ସୁଖମ । ଏହାର ଅର୍ଥ ପ୍ରକୃତ ସୁଖ ଭୌତିକ ସୁଖ ମାଧମରେ ମିଳେନାହିଁ । କର୍ତ୍ତବ୍ୟ ଜ୍ଞାନରେ କରାଯାଉଥିବା କର୍ମ / କର୍ତ୍ତବ୍ୟ ଓ ଉତ୍ସର୍ଗଭାବ ଦ୍ୱାରା ଆବର୍ଜନା, ଶଂସୟ ଓ ମୋହରୁ ମୁକ୍ତି ମିଳିବା ସମ୍ଭବପର ହୋଇଥାଏ । ଶୁଦ୍ଧ ବୁଦ୍ଧି ଓ ନିର୍ମଳତା ସାହାଯ୍ୟରେ ବିଶ୍ୱର ଏକତ୍ୱ ସମ୍ଭବପର ହୋଇଥାଏ । ସର୍ବଂ ବିଷ୍ଣୁମୟଂ ଜଗତଂ, ଇଶାବାସ୍ୟ ଇଦମ ସର୍ବଂ ଏହି ଉକ୍ତିକୁ ଉପଲବ୍ଧି କରିହୁଏ । ବର୍ତ୍ତମାନ ସମୟରେ ଦୂରଦର୍ଶନରେ ଅନେକଥର ରାମାୟଣ ପ୍ରସାରିତ କରାଗଲାଣି, ହେଲେ ରାମାୟଣରେ ଦର୍ଶାଯାଇଥିବା ମନ୍ଥରାର କ୍ରୋଧ, ସୂର୍ପଣଖାର କାମଜାବ, ଲକ୍ଷ୍ମଣଙ୍କର ତ୍ୟାଗଭାବ, ରାମଙ୍କର ବୈରାଗ୍ୟ ଭାବ, ସୀତାଙ୍କର ଏକ ପତ୍ନୀ ବ୍ରତ, ଏସବୁକୁ କେହି ଅନୁଧ୍ୟାନ କରୁନାହିଁ । ଦୁଷ୍ଟ ପ୍ରଭାବରୁ ମନକୁ କିପରି ନିୟନ୍ତ୍ରଣ କରାଯିବ ତାହା ରାମାୟଣରେ ସୂଚନା ଦିଆଯାଇଥିଲେ ମଧ ତାହାକୁ କେହି ଅନୁସରଣ କରନ୍ତି ନାହିଁ ।

ସେଥିପାଇଁ କିଛି କିଛି ପଇସା ସଞ୍ଚୟ କରି ମୋର ସ୍ୱାମୀ ଓ ମୁଁ, ମୋର ପୁଅଝିଅ ପୁରୀ ଅଭିମୁଖେ ବାହାରିଲୁ । ବସରେ ଯାଉଥିବା ସମୟରେ ଅନେକ ଯାତ୍ରୀଙ୍କ ସହ କଥୋପକଥନ ହେଲା ଆମ ପାଖରେ ବସିଥିବା ଜଣେ ଯାତ୍ରୀ ଆଉ ଜଣେ ଯାତ୍ରୀକୁ ବଡ଼ ପାଟିରେ କହୁଥାଏ ଏ ଲୋକ ଗୁଡ଼ିକ ପାଗଳ ହୋଇଗଲେଣି । ମନ୍ଦିର ବେଢ଼ା ପରିକ୍ରମା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁଛି ତେଣୁ ସିଂହଦ୍ୱାର ଛଡ଼ା ଅନ୍ୟ ଦ୍ୱାରରେ ଯିବା ନିଷିଦ୍ଧ କରାଯାଇଛି । ଲୋକେ ବର୍ତ୍ତମାନ ଘଣ୍ଟା ଘଣ୍ଟା ଧରି କଷ୍ଟ କରି ଠିଆ ହେଉଛନ୍ତି । ମନଭରି ଜଗନ୍ନାଥଙ୍କୁ ଦେଖିବାର ସୁଯୋଗ ପାଉନାହାଁନ୍ତି । ମୋର କଣ ନଥିଲା ? ଧନ ସଂପତ୍ତି, ପ୍ରତିପତ୍ତି, ସ୍ତ୍ରୀ ସବୁକିଛି ଜଗନ୍ନାଥ ଛଡ଼ାଇ ନେଇଥିବାରୁ ଓ ମତେ ଦାଣ୍ଡର ଭିକାରୀ କରି ଦେଇଥିବାରୁ ମୁଁ ଆଜିକାଲି ଆଉ ଜଗା ଦର୍ଶନ କରୁନାହିଁ ।

ଏକଥା ମୋ ପୁଅ ମନକୁ ବଡ଼ ପାଇଲା । କହିଲା ବାପା ଏତେ କଷ୍ଟ କରିବା କାହିଁକି ? ଅନ୍ୟତ୍ର କେଉଁଆଡ଼େ ବୁଲି ଯାଇଥିଲେ ଭଲ ହୋଇଥାନ୍ତା । ଏତେ କଷ୍ଟ କରିବା ଅପେକ୍ଷା ସବୁକିଛି ହରାଇବା ଅପେକ୍ଷା ସମୁଦ୍ର କୂଳ ବୁଲି ହୋଟେଲରେ ଖାଇ, କୋଣାର୍କ, ଚନ୍ଦ୍ରଭାଗା ବୁଲି ଆସିଲେ ଭଲ ଲାଗିବ । ଝିଅ ରୂପା ମନକୁ ମଧ ଭାଇର କଥା ଭଲ ପାଇଲା । ସେ କହିଲା ବାପା ! ସମୁଦ୍ରକୂଳ ବୁଲି ସିଧା ଭୁବନେଶ୍ୱରକୁ ଫେରି ନନ୍ଦନକାନନକୁ ଯିବା । ଆଜି ମୋର ଅନେକ ସାଙ୍ଗ ସେଠାରେ ବଣଭୋଜି କରୁଛନ୍ତି । କିନ୍ତୁ ତୁମର ଏହି ଆଧାତ୍ମିକ ପର୍ଯ୍ୟଟନ ମତେ ଭଲ ଲାଗୁନାହିଁ ।

ମୁଁ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲି ଭକ୍ତି ଓ ସମର୍ପଣ ଭାବକୁ ଛାଡ଼ି ଛୋଟ ପିଲା ତାର ଖେଳନା ଖେଳିବାକୁ ଭଲ ପାଆନ୍ତି । ଖେଳନା ଭାଙ୍ଗିଗଲେ ସେମାନେ କାନ୍ଦନ୍ତି । ସେହିପରି କ୍ଷମତା ସୌଭାଗ୍ୟ, ପରିବାର ରୂପକ ଖେଳନାକୁ ପାଇ ମନୁଷ୍ୟ ଭଗବାନଙ୍କୁ ଭୁଲିଯାଏ ଓ ଏଗୁଡ଼ିକ ଚାଲିଗଲେ ସେ ନିଜର କ୍ଷମତା, ସୌଭାଗ୍ୟ ଓ ପରିବାରକୁ ଫେରି ପାଇବା ପାଇଁ ସେ କ୍ରନ୍ଦନ କରେ ଓ ମୋ ପ୍ରଭୁ ଜଗନ୍ନାଥଙ୍କୁ ନିନ୍ଦା କରେ । ତେଣୁ ମୁଁ ଜଗା ଦର୍ଶନ ବିନା ଅନ୍ୟ କେଉଁଆଡ଼େ ଯିବିନାହିଁ । ମୋର ସ୍ୱାମୀ କହିଲେ, ମନୁଷ୍ୟ ନିକଟରେ ଭାଷା, ବିବେକ, ଭକ୍ତିର ଅବର୍ଣ୍ଣନୀୟ ସନ୍ତୋଷ ଅଛି, କିନ୍ତୁ ସେ ଜୀବନକୁ କିପରି ବ୍ୟବହାର କରୁଛି ତାହାକୁ ଅନୁଧ୍ୟାନ କରୁନାହିଁ । ଅଗ୍ନିରେ ଦହନଶକ୍ତି ଥାଏ । ଜଳରେ ଆର୍ଦ୍ର କରିବାର ଶକ୍ତି ଥାଏ, ତେଣୁ କଷ୍ଟ କରି ପ୍ରଭୁଙ୍କର ଦର୍ଶନ କରିବାର ଶକ୍ତି ମନୁଷ୍ୟକୁ ଦିଆଯାଇଛି । ଏହାକୁ ତୁମେ ପିଲାମାନେ ଭୁଲିଯିବା ଉଚିତ ନୁହେଁ । ସାପ କାମୁଡ଼ାରେ କଷ୍ଟ ପାଉଥିବା ଲୋକକୁ ଲଙ୍କା ଚୋବାଇବାକୁ ଦିଆଯାଏ କାରଣ ବିଷର ପ୍ରକ୍ରିୟା ଚାଲିଥିବା ପର୍ଯ୍ୟନ୍ତ ଲଙ୍କାର ରାଗ ଲାଗେ ନାହିଁ । ସାଂସାରିକ ଇନ୍ଦ୍ରିୟ ବିଷ ଜୋର ଧରିଥିବା ପର୍ଯ୍ୟନ୍ତ ପୂଜା, ଜପ, ଧ୍ୟାନ ଶୁଷ୍କ ଲାଗେ ମଣିଷ ଖବରକାଗଜରେ ବାହାରିଥିବା ଗୁଜବ, ସହଯାତ୍ରୀଙ୍କର ଗୁଜବରେ ବିଶ୍ୱାସ କରେ । କିନ୍ତୁ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ଯେଉଁ ଶିକ୍ଷା ଦେଇଥିଲେ ଓ ବ୍ୟାସଦେବ ରଚନା କରିଥିବା କଥାକୁ ବିଶ୍ୱାସ କରିବାକୁ ନାରାଜ । ସମ୍ବାଦପତ୍ର ଇନ୍ଦ୍ରିୟମାନଙ୍କୁ ଖାଦ୍ୟ ଯୋଗାଇ ପାରୁଚି ଓ ଇନ୍ଦ୍ରିୟ ଭୋଗ, ବ୍ୟାକୁଳତାକୁ ତୁଷ୍ଟ କରିପାରୁଛି । କିନ୍ତୁ ଗୀତା ତ୍ୟାଗ ଓ ଶରଣାଗତି ଓ ଇନ୍ଦ୍ରିୟ ବାସନା ଉର୍ଦ୍ଧରେ ରହିବାକୁ ନିର୍ଦ୍ଦେଶ ଦେଉଥିବାରୁ ତାହା ଭଲ ଲାଗୁନାହିଁ । ଏହାକୁ ହିଁ ଅଜ୍ଞତା, ଦୁର୍ଭାଗ୍ୟଜନକ ଓ ପଥଭ୍ରଷ୍ଟ କୁହାଯାଏ ।

ରୂପା କହିଲା ମନ୍ଦିର ଭିତରେ ନଖାଇ ଏକ ବାତାନୁକୂଳ ହୋଟେଲରେ ଆମିଷ ଭୋଜନ କଲେ ଭଲ ହୋଇଥାନ୍ତା । ମୁଁ କହିଲି ରୋଗାକ୍ରାନ୍ତ ହୋଇଯିବା ପରେ ଆଉ ଦୁଃଖ କରି ଲାଭ କ'ଣ ? ସ୍ୱାସ୍ଥ୍ୟକୁ ନଷ୍ଟ କରିବାର ପ୍ରଥମ ଭୁଲ ପଦକ୍ଷେପ ନେଲାବେଳେ ବରଂ ଦୁଃଖ କରିବା ଉଚିତ । ମିତାହାର ଓ ମାତ୍ରାହାର ଅଭ୍ୟାସ କରିପାରିଲେ ଜଣେ ଆଧାତ୍ମିକ ଜୀବନର ଭିତ୍ତି ସ୍ଥାପନା କରିପାରିବ । ମାଦକ ଦ୍ରବ୍ୟ ସେବନ କଲେ, ବେଗ, ଆବେଗ, ବୃତ୍ତି, ପ୍ରବୃତ୍ତି ମନୋଭାବ କଥାବାର୍ତ୍ତା, ଚାଲିଚଳନ ସବୁ ଅସଞ୍ଜତ ହୋଇପଡ଼େ । ମନୁଷ୍ୟ ପଶୁ ସ୍ତରକୁ ଖସିଯାଏ । ମାଂସହାର ଦ୍ୱାରା ପଶୁ ପ୍ରବୃତ୍ତି ଓ ପଶୁମାନଙ୍କର ରୋଗ ଦେଖାଯାଏ । ରାଜସିକ ସେବନ ଦ୍ୱାରା ମନ ଅବାଧ୍ୟ ହୁଏ । ତାମସିକ ଖାଦ୍ୟ ଯାହା ରୁଚିକର ସେଥିରେ ମନ ଆଉ ପୁର୍ନଗଠିତ ହୋଇପାରିନଥାଏ । ଆମର କି ଭାଗ୍ୟ ପୁରୀରେ ପହଞ୍ଚିବା କ୍ଷଣି ଶୁଣିଲୁ ଚାରି ଦ୍ୱାର ଖୋଲି ଦିଆଯାଇଛି । ସରକାର ଶାନ୍ତି ଶୃଙ୍ଖଳା ରକ୍ଷା କରାଇଥିବାରୁ ସୁନ୍ଦର ଜଗା ଦର୍ଶନ କରି, ଆନନ୍ଦ ବଜାରରେ ପେଟ ଭରି ଖାଇ ଜଗାର ଗୁଣକୁ ଗାନ କରି କରି ଘରକୁ ଫେରିଲୁ । କି ବିସ୍ମୟକର ଦେବତା ।

+ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ,
ମୋ : ୯୬୯୨୯୮୦୦୨୬



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମୋହିନୀ

**ଜ୍ୟୋତ୍ସ୍ନାମୟୀ ପଣ୍ଡା**

॥ ଭାଗ-୨୩ ॥
(ପୂର୍ବ ପ୍ରକାଶିତ ଉତ୍ତାରୁ)



ହୁଏତ ହୋଇପାରେ ଅମୃତ ଦେବ ବୈଦ୍ୟ ଧନ୍ୱନ୍ତରୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ଆୟୁର୍ବେଦ ଔଷଧ ଯାହାକୁ ପାନ କଲେ ଅମରତ୍ୱ, ଚିର ଯୌବନ ତଥା ନିରାମୟ ଶରୀର ପ୍ରାପ୍ତହୁଏ । ( ଯେପରି ଏବେ ଇସ୍ରାଏଲ ଓ ପୂର୍ବରୁ ମଧ ବିଭିନ୍ନ ଦେଶର ବୈଜ୍ଞାନିକନି ମାନେ ଏପରି ଏକ ଔଷଧ ପ୍ରସ୍ତୁତ କରିଛନ୍ତି । ଯାହାକୁ ଖାଇ ବା ପ୍ରୟୋଗ କରିବାରେ ବୟସ ପଛକୁ ଫେରିଯାଏ ।)

ଯେତେବେଳେ ଆର୍ଯ୍ୟ ମାନେ ସ୍ଥାୟୀ ଭାବରେ ବସତି ସ୍ଥାପନ କରିଥିଲେ ଏବଂ ଶସ୍ୟ କ୍ଷେତ୍ର ମାନ ଓ ବାଟିକାମାନ ପ୍ରସ୍ତୁତ କରିଥିଲେ, ସେତେବେଳେ ଗାଭୀ ଆଦି ପଶୁପକ୍ଷୀ ମାନଙ୍କୁ ମଧ ପାଳନ କରୁଥିଲେ । ଗାଈ ଠାରୁ ସେମାନେ କ୍ଷୀର, ଦହି, ଘିଅ ଓ ଏହା ସହିତ ଶର୍କରା ଓ ମଧୁ( ଗୁଡ଼ ଓ ମହୁ )ମିଶ୍ରଣ କରି ପଞ୍ଚାମୃତ ତିଆରି କରୁଥିଲେ । ଏହା ପାଞ୍ଚଟି ସ୍ୱାଦିଷ୍ଟ ଖାଦ୍ୟର ମିଶ୍ରଣ ଥିଲା । କିନ୍ତୁ ସମୁଦ୍ର ମନ୍ଥରରୁ ଯେଉଁ ଅମୃତ ମିଳିଥିଲା ତାହା ସେହି ଅମୃତ ନଥିଲା । ତାହା ଥିଲା ହୁଏତ ଯୋଗ ର ଏକ ପରିଣତି । ଯାହାକୁ କି ଭାରତୀୟ ଯୋଗୀମାନେ କଚ୍ଛପ ଅବତାରଙ୍କ ସମୟରେ ହିଁ ଧରାବତରଣ କରାଇ ଥିଲେ ।

ବର୍ତ୍ତମାନଠାରୁ ପ୍ରାୟ ତେଇଶରୁ ଅଣ ତିରିଶ କୋଟି ବର୍ଷ ପୂର୍ବେ କଚ୍ଛପ ପୃଥିବୀ ପୃଷ୍ଠରେ ସୃଷ୍ଟି ହୋଇଥିଲେ । ସେ ଉଭୟ ଜଳ ଓ ସ୍ଥଳଚର ପ୍ରାଣୀ ହୋଇଥିବାରୁ ସ୍ଥଳ ଭାଗର ପରିବେଶ ଓ ପ୍ରକୃତି ମଧ ସ୍ଥଳଚର ପ୍ରାଣୀମାନଙ୍କ ଜୀବନ ଧାରଣ ପାଇଁ ନିଜକୁ ପ୍ରସ୍ତୁତ କରି ସାରିଥିଲା । ଏହି କଚ୍ଛପଙ୍କର ଆବରଣ ଥିଲା ଆବରଣଯୁକ୍ତ ପ୍ରାଣୀମାନଙ୍କ ମଧରେ ସବୁଠାରୁ କଠିନ ଏବଂ କଚ୍ଛପ ଥିଲେ ସବୁଠାରୁ ଦୀର୍ଘଜିବୀ ପ୍ରାଣୀ । ଏମାନେ ପ୍ରାୟ ଏକ ଶତରୁ ଅଢେଇ ଶତ ବର୍ଷ ପର୍ଯ୍ୟନ୍ତ ଜୀବନ ଧାରଣ କରି ପାରୁଥିଲେ । ତାହାର କାରଣ ଏମାନଙ୍କର ଶ୍ୱାସକ୍ରିୟାର ଗତି ଅତୀବ ମନ୍ଥର ଥିଲା । ଏହି ନିୟନ୍ତ୍ରିତ ଶ୍ୱାସ କ୍ରୀୟା ହିଁ ଦୀର୍ଘ ପରମାୟୁର କାରଣ ଥିଲା ।

କଚ୍ଛପର ମାଂସ ଶରୀର ପାଇଁ ଅତି ଉପାଦେୟ ଅଟେ । ଏଥିରେ ପୁଷ୍ଟି ସାର, ଲୌହ ଓ କ୍ୟାଲସିୟମ, ଜିନ, ଭିଟାମିନ ବି୧୨ ଆଦି ଯଥେଷ୍ଟ ପରିମାଣରେ ଥାଏ ଓ ଚର୍ବି ଅଂଶ କମ ଥାଏ । ଏହା ସ୍ନାୟୁ, ମସ୍ତିସ୍କ ଏବଂ ଯୌନ ରୋଗ ନିରାକରଣ ପାଇଁ ଉତ୍ତମ ଔଷଧ ରୂପେ ବ୍ୟବହାର କରାଯାଏ । କିନ୍ତୁ ଆର୍ଯ୍ୟମାନେ କଚ୍ଛପଙ୍କର ଏହି ମାଂସ ଭୋଜନ କରି ନଥିଲେ । କାରଣ ଅତ୍ୟଧିକ ମାଂସ ସେବନରେ ଉଦର ତଥା ଦାନ୍ତ ମାଢି ଜନିତ ରୋଗ ସୃଷ୍ଟିର ସମ୍ଭାବନା ଥିଲା । ତେଣୁ ଦେବ ଓ ଦାନବ ମାନେ ଏହି କଚ୍ଛପଙ୍କୁ ଭିନ୍ନ, ଭିନ୍ନ ଭାବେ ବ୍ୟବହାର କରିଥିଲେ । ସମୁଦ୍ର ମନ୍ଥନରୁ ଲାଭ ହୋଇଥିବା ଅମୃତରେ ସେହି କୂର୍ମଙ୍କ ମାଂସ ନୁହେଁ, ବରଂ ତାଙ୍କ ଆତ୍ମାର ମିଶ୍ରଣ କରାଯାଇଥିଲା ବୋଲି ଲେଖା ଯାଇଅଛି ।

ଏହାର ଅର୍ଥ, କଚ୍ଛପଙ୍କ ସଦୃଶ ନିୟନ୍ତ୍ରିତ, ଧୀର ଶ୍ୱାସକୁ ଗ୍ରହଣ କରି ଯୋଗ ବଳରେ ଦୀର୍ଘ ଓ ନିରାମୟ ଜୀବନ ଲାଭ ହୋଇଥାଏ । ନିଜର ମସ୍ତିଷ୍କ, ସ୍ନାୟୁ ଓ ଯୌନ ଜୀବନକୁ ସୁସ୍ଥ ରଖିବା ପାଇଁ ହୁଏତ ଆର୍ଯ୍ୟମାନେ ଏହି ଔଷଧକୁ ବ୍ୟବହାର କରୁଥିଲେ ।

ଯୋଗର ଉଚ୍ଚତର ସ୍ତରରେ ଯମ, ନିୟମ, ଆସନ, ପ୍ରାଣୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା,ଏହି ସପ୍ତ ମାତୃକାଙ୍କ ସୋପାନର ଉର୍ଦ୍ଧ୍ୱକୁ ଯାଇ ସମାଧିସ୍ଥ ହୋଇ ଯିବାକୁ ହୁଏ । ସେହି ଅବସ୍ଥାରେ ସେ ମୃତ୍ୟୁ ପରେ ମଧ ଜୀବିତ ଥାଏ । ଶରୀର ଦଗ୍ଧ ବା ବିନଷ୍ଟହେଲେ ମଧ ବାସ୍ତବ ରେ ତାହା ସୁକ୍ଷ୍ମ ରୂପରେ ରହିଥାଏ । ସେ ମୃତ୍ୟୁ ପରେ ମଧ ଇଚ୍ଛା ମୁତାବକ ଯେ କୌଣସି କାର୍ଯ୍ୟ ସାଧନ କରିପାରେ । ତାକୁ ଆଉ ଜନ୍ମ, ମୃତ୍ୟୁ, ପୁନର୍ଜନ୍ମ ଓ ବିସ୍ମୃତି ଭୋଗ କରିବାକୁ ହୋଇନଥାଏ । ସେ ଅମରତ୍ୱ ଲାଭକରି ଅମର ଜଗତରେ ବାସ କରେ ତଥା ପୃଥିବୀବାସୀଙ୍କୁ ସାହାଯ୍ୟ କରିବାରେ ମଧ ଏହି ଆତ୍ମ । ଆଗ୍ରହୀ ଥାଏ ।) କିନ୍ତୁ ଯୋଗର ଏହି ସ୍ଥାନରେ ଉପନୀତ ହେବା ପାଇଁ ଦିକ୍ଷୀତଙ୍କୁ ସମଗ୍ର ସଂସାର, ଆତ୍ମୀୟ ସ୍ୱଜନଙ୍କୁ ମନରୁ ବିସର୍ଜନ ଦେଇ କେବଳ ଗୁରୁଙ୍କୁ ହିଁ ସର୍ବସ୍ୱ ମାନିବାକୁ ହୁଏ । ସମସ୍ତ ଇନ୍ଦ୍ରିୟ ମାନଙ୍କୁ ଜୟ କରିବାକୁ ହୁଏ । ସମସ୍ତ ଲୋଭ, ମୋହ, ମାୟା ଆଦି ପରିତ୍ୟାଗ କରିବାକୁ ହୁଏ । ଏହା ମନୁଷ୍ୟକୁ ସୃଷ୍ଟିର ସମସ୍ତ ରହସ୍ୟ ଭେଦ କରିବାର ଶକ୍ତି ଦିଏ । ସେହି ଅମୃତ ପାନର ଆନନ୍ଦ ଓ ପୁଲକ ଅପୂର୍ବ ତଥା ଶାଶ୍ୱତ ।

ଅଥଚ ସେହି ଅସୁରମାନେ ? ନାରୀର ମୋହିନୀଶକ୍ତି ନିକଟରୁ ତ୍ରାହି ପାଇବା ସେମାନଙ୍କ ପକ୍ଷରେ ଏତେ ସହଜ ନଥିଲା । ନାରୀର ଘନ ଜଘନ, କୁଚକୁମ୍ଭ, ନୟନର କଟାକ୍ଷ, ମୃଦୁ ମଧୁର ସ୍ମିତ ହସର ଆକର୍ଷଣ ଏଡାଇ ନାରୀ ମଧରେ ବିଷ୍ଣୁ ଭଗବାନଙ୍କ ସ୍ୱରୂପକୁ ଉପଲବ୍ଧି କରିବା ସେମାନଙ୍କ ପକ୍ଷରେ କଷ୍ଟକର ହେଲା । ତେଣୁ ସେମାନେ ବ୍ରହ୍ମାଙ୍କଠାରୁ ଧନ,ସମ୍ପଦ, ଐଶ୍ୱର୍ଯ୍ୟ, ଯୁଦ୍ଧରେ ଜୟ ଏବଂ ମୃତ୍ୟୁକୁ ଜୟ କରିବାର ବାହ୍ୟ ବିଜ୍ଞାନରେ ସିଦ୍ଧି ଲାଭ କରି ବାସ୍ତବ ଅମୃତ ଲାଭରୁ ବଞ୍ଚିତ ହୋଇଥିଲେ ।

ମତ୍ସ୍ୟଙ୍କ ଠାରୁ(୫୩ ରୁ ୫୭ କୋଟି ବର୍ଷ ପୂର୍ବେ) କଚ୍ଛପ ସୃଷ୍ଟି ତଥା କିଛି ପୂର୍ବ ଓ ପରବର୍ତ୍ତୀ ସମୟ ମଧରେ ହିଁ ବୃକ୍ଷ, କୋଇଲା, ମଣି, ପ୍ରବାଳ, ମୁକ୍ତା, ସୈନ୍ଧବ ଲବଣ ଜୀବାଶ୍ମ, ସମୁଦ୍ର ଅଶ୍ୱ, ଜଳ ହସ୍ତୀ, ଗେଣ୍ଡା ଜାତୀୟ ପ୍ରାଣୀ, ଡ଼ଲଫିନ ଆଦି ସୃଷ୍ଟି ହୋଇଥିଲେ । ଅନ୍ୟାନ୍ୟ ଖଣିଜ ମଧ ମାନବର ଅଗୋଚରରେ ମୃତ୍ତିକାର ଆସ୍ତରଣ ତଳେ ଗ୍ୟାସିୟ ଓ ତରଳ ଲାଭାରୁ କଠିନ ହୋଇ ସାରିଥିଲେ । ତୁହିନର ଆଚ୍ଛାଦନ କିମ୍ବା ଭୂମିର ବୃକ୍ଷ ମାନଙ୍କରେ ସୁଗନ୍ଧିତ କୁସୁମ ମାନ ମଧ ପ୍ରସ୍ଫୁଟିତ ହୋଇ ସାରିଥିଲେ ।(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଈର୍ଷା ନୁହେଁ ସହଯୋଗ କରିବା

ସମ୍ପର୍କର ରଙ୍ଗ

**ଶ୍ୱେତା ରାଉତ୍**



ଆମେ ଯଦି ନିଜକୁ ତର୍ଜମା କରି ଦେଖିବା, ପ୍ରତ୍ୟେକ ଦିନର ଅଧିକାଂଶ ସମୟ ଆମେ ଅନ୍ୟକୁ ଦେଉଛେ । ଅନ୍ୟମାନେ ଆମ ମସ୍ତିଷ୍କକୁ କବଳିତ କରି ରଖୁଛନ୍ତି । ଆମେ ଯେତେ ଚାହିଁଲେ ନିଜକୁ ନିଜ ଭିତରେ ଆୟତ୍ତ କରି ରଖିପାରୁନାହେଁ । କିଏ କଣ ଖାଇଲା, କଣ ପିନ୍ଧିଲା, କୁଆଡ଼େ ଗଲା, କେମିତିକା ଘର କଲା, କେତେ ଦାମୀ ଗାଡ଼ି କିଣିଲା, କାହା ଘରେ କଣ ହେଲା,ଏସବୁ ମୁଣ୍ଡ ଭିତରେ ଚାଲୁଥାଏ ଓ ବେଳେବେଳେ ଆଲୋଚନା କଲାବେଳେ ଅନ୍ୟମାନଙ୍କ ସମ୍ମୁଖରେ ସେଇ କଥା ସବୁ ବଖାଣି ହୋଇଯାଏ ଯାହାକି ଆମର କୌଣସି କାମରେ ଆସିବାର ନଥାଏ ।

ଆମ ବିଚାର ଆମ ବ୍ୟକ୍ତିତ୍ୱ ତିଆରି କରେ । ତେଣୁ ସୁନ୍ଦର ବିଚାର ପାଇଁ ସୁନ୍ଦର ପରିବେଶର ଅବ୍ୟଶକତା ରହିଛି ଓ ସୁନ୍ଦର ପରିବେଶ, ସୁନ୍ଦର ସମ୍ପର୍କରୁ ହିଁ ମିଳିଥାଏ । ଆଜିକାଲି ସେ ସମ୍ପର୍କ କାଇଁ ? ସେ ପରିବେଶ କାଇଁ ? ସେ ବିଚାର କାଇଁ ? ସମୟ ସୁଅରେ ସବୁ ମଳିନ ହୋଇଯାଇଛି । ପଡୋଶୀ ତ ଦୂରର କଥା, ନିଜ ଘରେ, ପରିବାରରେ ଜଣେ ଅନ୍ୟ ଜଣଙ୍କ ଉନ୍ନତିକୁ ପ୍ରୋତ୍ସାହନ ଦେବା ବଦଳରେ ଈର୍ଷା କରୁଛନ୍ତି, ପ୍ରେରଣା ଦେବା ବଦଳରେ ମନୋବଳ ଭାଙ୍ଗୁଛନ୍ତି, ସହଯୋଗ ଦେବା ବଦଳରେ ଗୋଡ ଟାଣୁଛନ୍ତି । ଜଣେ ଅନ୍ୟଜଣଙ୍କ ଉପରେ ଈର୍ଷାପରାୟଣ ହେବା ଫଳରେ ପରିବାର ଭିତରେ ଯେତେବେଳେ ଏକତା ରହୁନାହିଁ, ଆଦର ରହୁନାହିଁ, ଆତ୍ମୀୟତା ରହୁନାହିଁ, ଭଲ ପରିବେଶ ରହିବ କେମିତି ? ଭଲ ବିଚାର ଆସିବ କେଉଁଠୁ ?

ଏ ଜୀବନ ବଡ ବିଚିତ୍ର । ଗୋଟିଏ ମାଆ କୋଳରେ ଜନ୍ମ ନେଇ ସବୁ ସନ୍ତାନ ଯେତେବେଳେ ଏକ ପ୍ରକାର ହୋଇନଥାନ୍ତି, ଗୋଟେ ପରିବାରରେ ସମସ୍ତେ ଏକା ଭଳି କେମିତି ହୁଅନ୍ତେ ! ଜୀବନର ଏ ରହସ୍ୟକୁ ଆମକୁ ବୁଝିବାକୁ ପଡ଼ିବ । ସମସ୍ତେ ନିଜର ପ୍ରାରବ୍ଧ ନେଇ ଦୁନିଆକୁ ଆସିଛେ । ସମସ୍ତଙ୍କ ଭିନ୍ନତାକୁ ଗ୍ରହଣ କରିବା ଦରକାର, ସମସ୍ତଙ୍କ ଉନ୍ନତିରେ ପ୍ରସନ୍ନ ହେବା ଦରକାର, ଈର୍ଷା ଆମର ଲକ୍ଷଣ ନୁହେଁ,ଏହା ଏକ ଅସୁର ପ୍ରବୃତ୍ତି । ସହଯୋଗ ଆମର ସ୍ୱଭାବ ଓ ଈଶ୍ୱରୀୟ ଗୁଣ, ଯାହାକୁ ଧାରଣ କଲେ ଆମ ନିଜକୁ ଏକ ଆତ୍ମସନ୍ତୋଷ ଉପଲବ୍ଧି ହେବ । ଏହା ବ୍ୟତୀତ ନିଜ ପରିବାରରୁ ଯଦି ଜଣେ ଈର୍ଷାର ଶିକାର ହୁଏ, ତେବେ ସେ ଆନନ୍ଦ ପାଇବ କାହାଠାରୁ ?

ଆମମାନଙ୍କ ଦାୟୀତ୍ୱ ଆମ ପରିବାରରେ କେହି କୌଣସି କ୍ଷେତ୍ରରେ ଆଗକୁ ବଢ଼ିଲେ ଆମେ ପ୍ରେରଣା ଦେବା, ସହଯୋଗ କରିବା, ସମର୍ଥନ ଦେବା ଏବଂ ସହଯୋଗ ବଦଳରେ ସ୍ୱାର୍ଥ ରଖିବା ନାହିଁ କି 'ଆମକୁ କଣ ମିଳିବ' ! ଆମେ ଜଣେ ଜଣେ ଈଶ୍ୱରଙ୍କ ପ୍ରତିନିଧି ହୋଇ ପୃଥିବୀକୁ ଆସିଛେ ଆମର ଦାୟିତ୍ୱ ସମ୍ପାଦନ କରିବା ପାଇଁ, ନିଜ କର୍ମ ସୂଚାରୁରୂପେ କରିଯିବା, ତେଣିକି ବିଧାତା ଭାଗ୍ୟରେ ଯାହା ଲେଖୁ । ମିଳିବାର ଆଶା ରଖି କରୁଥିବା କାର୍ଯ୍ୟ ସହଯୋଗ ନୁହେଁ ବରଂ ସ୍ୱାର୍ଥ ହୋଇଥାଏ । ତେବେ ଚାଲନ୍ତୁ ଆମ ମନରୁ ସ୍ୱାର୍ଥ ଦୂରେଇ, ଈର୍ଷା ଦୂରେଇ ସମ୍ପର୍କକୁ ଆପଣେଇବା । ଅଯଥା ଅନ୍ୟକୁ ନିଜ ମସ୍ତିଷ୍କରେ ଜାଗା ନଦେଇ, ନିଜ ଆତ୍ମସନ୍ତୋଷ ପାଇଁ ଜାଗାଟିଏ ରଖିବା ।

+ରାଉତ କମ୍ପ୍ଲେକ୍ସ, କଟକ ରୋଡ,
ଲକ୍ଷ୍ମୀସାଗର, ଭୁବନେଶ୍ୱର
(ମୋ)୯୪୩୯୭୨୬୦୬୦

## ଆଜିର କବିତା



### ଫେରିଆସ ତୁମେ ଗାନ୍ଧୀ

**କ୍ରିଷ୍ଣା ସାହାଣୀ**

ଅସୀମର ଆହ୍ୱାନ ଆସିଛି ନେଇ ଶତାବ୍ଦୀର ସ୍ୱର
ଅହିଂସାର ମାର୍ଗ ଆପଣେଇ ଅହମିକା ଦୂର କର ।
ଆଜି ଆଣ ତୁମେ ଫେରାଇ ତୁମର ପରିଚୟ,
ଇଏ ନିଏ ବାଣୀ ଗାନ୍ଧିଜୀଙ୍କ ସ୍ୱପ୍ନ ସ୍ୱକୀୟ ।

ଇତର କହିବେ ବିଚାର ନକରି ଏକତା ଆଣରେ ଘେନି
ସତ୍ୟ, ଦୟା, କ୍ଷମା, ଜାଗିଉଠୁ ଆଜି ବାଜୁ ପୁଣି ଶଙ୍ଖ ଧ୍ୱନି ।
ଗାନ୍ଧି ତୁମେ ଆଜି ଫେରିଆସ ନେଇ ସେଇ ସ୍ୱଦେଶର ବାର୍ତ୍ତା
ଦେଶ ଗୌରବେ ଖେଳିଯାଉ ପୁଣି ସତ୍ୟର ସେଇ କ୍ଷୁଧା ।

ତୁମେ ଆସିବାର ଅପେକ୍ଷାରେ ଅମେ ଗଲୁଣୁ ସବୁହିଁ ପାଶୋରି,
ତୁମେ କି ଆସିବ, ତୁମେ ରହିଗଲ ଅଫେରାରେ ଘର କରି ।
ଫେରିଆସୁ ଆଜି ସେଇ ସତ୍ୟାଗ୍ରହ, ଲୁଚି ଯାଉ ଆଜି ଦୁର୍ନୀତି,
ପାହିଯାଉ ଆଜି ସେହି କାଳରାତି 'ଉଷା' ନେଇ ଆସୁ ମୁକତି ।

ଘୋ ଘୋ ନାଦରେ କମ୍ପି ଉଠି ଆଜି ପୁର, ପଲ୍ଲୀ ଆଉ ନଗର,
ପାଶ୍ଚାତ୍ୟ ଫିରଙ୍ଗୀ ଦୂରେଇ ଯାଅ ହେ ସମ୍ମାନ ରହୁ ଭାଷାର ।
ବିଭିନ୍ନତା ମଧ୍ୟେ ଏକତା ବାନ୍ଧିବା ପରମ୍ପରା ଆମ ଭାରତର,
ଦୂରେଇ ଦବାହେ କଳୁଷ କାଳିମା 'ସ୍ୱଚ୍ଛତା'କୁ କରି ନିଜର ।

ତୁମେ ଫେରିଆସ ନେଇ କାଟି ପିନ୍ଧି ଆଉ କୁଟି ଖାଇବାର ବାର୍ତ୍ତା,
ଭୁଲିଲୁଣି ଆମେ କହିବା ଆଗରୁ କରିବାର ସ୍ନେହ ସ୍ପର୍ଦ୍ଧା ।
ଫେରିଆସ ତୁମେ ନରହୁ ଦେଶର ମଦ୍ୟର ମାଦକତା,
ନାରୀ ଓଠେ ହସି ଝଡ଼ିପଡୁ ଆଜି ଖେଳିଯାଉ ପୁଲକତା ।

ସଭିଁଏ ପଢ଼ନ୍ତୁ ସଭିଁଏ ବଢ଼ନ୍ତୁ ହଟିଯାଉ ମତଭେଦ,
ତୁମେ ଆସିଯାଅ ସୁମତି ଘେନି ନରହୁ ଆଜି ବିଭେଦ ।

+ଏମ.ଏ ପ୍ରଥମବର୍ଷର ଛାତ୍ରୀ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

# ସୀମାରେ ଅସ୍ତିତ୍ୱ ଖୋଜୁଛି ଓଡ଼ିଆ ଶିକ୍ଷା: ରାୟଗଡ଼ାରେ ବନ୍ଦ ପଡ଼ିଛି ୧୧ଟି ବିଦ୍ୟାଳୟ, ପିଲା ଯାଉଛନ୍ତି ଆନ୍ଧ୍ର

ରାୟଗଡା, ୨୨/୧୧ (ନି.ପ୍ର): ଶିକ୍ଷା ଲାଭ କରିବା ସମସ୍ତଙ୍କର ମୌଳିକ ଅଧିକାର। କିନ୍ତୁ ରାୟଗଡା ଆନ୍ଧ୍ର ସୀମାବର୍ତ୍ତୀ ଅଚଂଳରେ ଏହା ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲ୍ଲା ଶିକ୍ଷା ବିଭାଗର ଅବହେଳା ଓ ଉଦାସୀନତା ଯୋଗୁଁ ସୀମାନ୍ତର ଆଦିବାସୀ ଛାତ୍ରଛାତ୍ରୀ ଓଡ଼ିଆ ଛାଡି ତେଲୁଗୁ ପଢୁଛନ୍ତି, ଯାହାକୁ ନେଇ ଅଭିବାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ବିଦ୍ୟାଳୟ ଗୁଡିକ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି ବନ୍ଦ ରହିଛି। ବିଦ୍ୟାଳୟ ବନ୍ଦ ରହିବା କାରଣରୁ ବିଦ୍ୟାଳୟ ଗୁଡିକ ଭାଙ୍ଗିରୁଜି ଯାଇ ଭୂତ କୋଠି ପଲଟିଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଯେଉଁ ସ୍କୁଲରେ ୨୫ରୁ କମ୍ ପିଲା ଅଛନ୍ତି ସେହି ସ୍କୁଲକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି କାରଣରୁ ସୀମାନ୍ତର ୧୧ଟି ସ୍କୁଲରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ ରହିଥିବା ଦର୍ଶାଇ ବନ୍ଦ କରିଦିଆଯାଇଥିଲା। ବର୍ତ୍ତମାନ ସେଇ ଅଚଂଳରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇଥିଲେ ସୁଦ୍ଧା ବିଦ୍ୟାଳୟ ଖୋଲାଯାଉନାହିଁ। ବର୍ତ୍ତମାନ ଆନ୍ଧ୍ର-ଓଡିଶା ସୀମାନ୍ତ ଗ୍ରାମରେ ଥିବା ଛାତ୍ରଛାତ୍ରୀ କୌଣସି ଉପାୟ ନପାଇ ପଡୋଶୀ ଆନ୍ଧ୍ରକୁ ଯାଇ ସେଠାରେ ତେଲୁଗୁ ଭାଷା ଶିକ୍ଷା ଲାଭ କରୁଛନ୍ତି। ବର୍ତ୍ତମାନ ସୀମାନ୍ତରେ ଥିବା ଛାତ୍ରଛାତ୍ରୀ ଏବେ ଓଡିଆ ଭୁଲି ଗଲେଣି। ଆନ୍ଧ୍ରର ଛାପ ଓଡ଼ିଶାରେ ପଡିଲାଣି। ସୀମାନ୍ତ ଗ୍ରାମଗୁଡିକରେ ଲୋକେ ଓଡ଼ିଆ ବଦଳରେ ତେଲୁଗୁରେ କଥାବାର୍ତ୍ତା ହେବାକୁ ପସନ୍ଦ କରୁଛନ୍ତି। ଏହାର ପ୍ରଭାବ ପିଲାଙ୍କ ଉପରେ ପଡିଛି। ଓଡ଼ିଶାରେ ସ୍କୁଲ ନଥଇବାରୁ ଓଡିଆ ବଦଳରେ ତେଲୁଗୁ ଶିକ୍ଷା ଲାଭ କରିବା ପାଇଁ ପରିବାର ପକ୍ଷରୁ ମଧ ବାଧ କରାଯାଉଛି। ସୀମାରେ ଓଡିଆ ଅସ୍ତିତ୍ୱ ହରାଇ ସାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଥାଶୀଘ୍ର ବନ୍ଦ ଥିବା ବିଦ୍ୟାଳୟକୁ ଖୋଲିବା ପାଇଁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ନେତା, ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ଗୁହାରି କଲେ ମଧ କେହି ଶୁଣୁନଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି।ଯାହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡିଆ ଶିକ୍ଷା ଲାଭ ପାଇଁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଗୁରୁତ୍ୱ



ନଦେବା କାରଣରୁ ସୀମାନ୍ତରେ ରହୁଥିବା ଓଡିଆ ଛାତ୍ରଛାତ୍ରୀ ବାଧ ହୋଇ ପଡୋଶୀ ଆନ୍ଧ୍ରକୁ ଯାଇ ସେଠାରେ ନାମ ଲେଖାଇ ତେଲୁଗୁ ଶିଖିବାକୁ ବାଧ ହଉଛନ୍ତି। ଆନ୍ଧ୍ର-ଓଡିଶା ସୀମାନ୍ତରେ ଥିବା ଓଡିଶାର ୧୧ଟି ବିଦ୍ୟାଳୟ ଦୀର୍ଘ ବର୍ଷ ହେଲାଣି ବନ୍ଦ ହୋଇ ପଡିରହିଛି। ସେଗୁଡିକ ହେଲା ଗାଜିଗାଁ ପଚାଂୟତର ଜଙ୍ଗେଶୁ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ବନ୍ଦ ପଡିଥିବା ବେଳେ କେରେଡା ପଚାଂୟତର ତୁଳସି ବାଲସା ଓ ଚିନାପେଡମ, ଜେମାଦେଇପେଣ୍ଟ ପଚାଂୟତର କନ୍ଧଝିମିଡି ଓ ସାନରାଇସିଂ, ହାଟଶେଷଖାଲ ପଚାଂୟତର କେଶେଡା ଓ ରଣାଗୁଡା, ବୈରାଗିହାଲୁଆ ପଚାଂୟତର ସାନଲୁକୁଟି ଓ ବଡଲୁକୁଟି, ତାଡମା ପଚାଂୟତର ହଲୁକି ଏବଂ ଉର୍ଜଗୁଡାରେ ବିଦ୍ୟାଳୟ ବନ୍ଦ ରହିଛି। ସେହିପରି ଜିଲ୍ଲାରେ ସମୁଦାୟ ୧୮୧୪ଟି ବିଦ୍ୟାଳୟରୁ ୩୮୮ଟି ବିଦ୍ୟାଳୟ ବନ୍ଦ ରହିଛି। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା କହିଛନ୍ତି ଯେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦିଆଯାଇଛି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।ଅନ୍ୟ ଦିଗରେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି କହିଛନ୍ତି ଯେ ଏନେଇ ସରକାରଙ୍କୁ ଅବଗତ କରାଯାଇଛି ଯଥାଶୀଘ୍ର ସରକାର ପଦକ୍ଷେପ ଗ୍ରହଣ କରିବେ। ସମୟ ଉପଯୋଗୀ ପଦକ୍ଷେପ ଗ୍ରହଣ ନକରାଗଲେ ଆଗାମୀ ଦିନରେ ଆହୁରି ଅନେକ ବିଦ୍ୟାଳୟ ବନ୍ଦ ହୋଇଯିବା ଆଶଙ୍କା ରହିଥିବା ବେଳେ ସୀମାନ୍ତରେ ଓଡ଼ିଆ ଶିକ୍ଷା ଲୋପ ପାଇଜିବ ଏଥିରେ ସନ୍ଦେହ ନାହିଁ।

# ଉତ୍କଳକଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ମାଲକାନଗିରି, ୨୨/୧୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦ ଲୋକସଂସଦର କଳା ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ସମଗ୍ର ଓଡ଼ିଶାରେ ଜୁନିଅର ଓ ସିନିୟର ବର୍ଗର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲାରେ ତିନୋଟି କେନ୍ଦ୍ର ଓ ଚାରୋଟି ଉପକେନ୍ଦ୍ରରେ ଉଭୟ ବର୍ଗର ସମୁଦାୟ ୭୭୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରଥମରୁ ପଞ୍ଚମ ଶ୍ରେଣୀକୁ ନେଇ ଗଠିତ ଜୁନିୟର ବର୍ଗରେ ୩୩୦ ଓ ଷଷ୍ଠ ଶ୍ରେଣୀରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସିନିୟର ବର୍ଗରେ ୪୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।ମାଲକାନଗିରି ଜିଲ୍ଲା ଲୋକସଂସଦର ଆଜୀବନ ସଦସ୍ୟ ତଥା ସଭାପତି ଡଃ ରଞ୍ଜନ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ସଂସଦର ସଦସ୍ୟ ତଥା ଦକ୍ଷିଣସଂଭାଗର ସମ୍ପାଦକ ରବୀନ୍ଦ୍ର କୁମାର ମହାରଣା, ଜିଲ୍ଲା କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ନାୟକ, ସଦସ୍ୟା ଅଙ୍ଗୁରବାଳା ସ୍ୱାଇଁ,ପ୍ରତିମା ନାୟକ, ସାଧନା ମଣ୍ଡଳ,ପ୍ରବାସିନୀ ମହାପାତ୍ର,ସଦସ୍ୟ ପିତାମ୍ବର ପାଣି, ସନ୍ତୋଷ ମହାପାତ୍ର,ରଶ୍ମୀ ରଞ୍ଜନ ଜେନା, ଶିକ୍ଷକ କବୀରମୋହନ ବେହେରା,ଲଡୁକିଶୋର ବେହେରା, ନୀଳକଣ୍ଠ ବେହେରା, ତପନ ଦେ, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର କୁମାର ମଲ୍ଲିକ, ଜୟଦେବ ରାଉଳ, ସ୍ଥାନୀୟ ଶିଶୁ ମନ୍ଦିରର ଗୁରୁଜୀ ରାଜକିଶୋର ବେହେରା,ମାଲକାନଗିରି ମହାବିଦ୍ୟାଳୟର ଛାତ୍ରୀ ହେମା ଧର, ସୁଭଦ୍ରା ଗୋସ୍ୱାମୀ, ପୂଜାରାଣୀ ତନ୍ତି ପ୍ରମୁଖ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ୩ ଟି କେନ୍ଦ୍ରର ଜୁନିଅର ଓ ସିନିଅର ବର୍ଗର ୧୮ ଜଣ ଛାତ୍ରଛାତ୍ରୀଙ୍କୁ ଆଗାମୀ ୨୦୨୪ ମସିହା ଜାନୁଆରୀ ମାସ ୧୨ ତାରିଖ ସ୍ୱାମୀ ବିବେକାନନ୍ଦ ଜନ୍ମଜୟନ୍ତୀ ଜାତୀୟ ଯୁବ ଦିବସରେ ଜିଲ୍ଲାସ୍ତରରେ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବ।

# କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ ୧୦ଦିନିଆ ନିଯୁକ୍ତି ଯୋଗ୍ୟତା ତାଲିମ ଶିବିର

ଭବାନୀପାଟଣା, ୨୨/୧୧ (ନି.ପ୍ର): ଗତକାଲି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ରେ ୧୦ ଦିନିଆ ନିଯୁକ୍ତି ଯୋଗ୍ୟତା ବୃଦ୍ଧି ତାଲିମ ଶିବିର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ଶତପଥି ଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଏହି ଶିବିର ରେ ନନ୍ଦୀ ଫାଉଣ୍ଡେସନ ତରଫରୁ ଶେଷ ବର୍ଷ ଛାତ୍ରୀ ମାନଙ୍କ ପାଇଁ ମାଗଣାରେ ଏହି ନିଯୁକ୍ତି ଯୋଗ୍ୟତା ବୃଦ୍ଧି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହେବ। ଏହି ଉଦଘାଟନ ଉତ୍ସବ ରେ କୁଳପତି ମହୋଦୟ ପିଲାମାନଙ୍କୁ ଏହି ତାଲିମ ଶିବିରର ଉପାଦେୟତା ଓ ଭରପୁର ଫାଇଦା ଉଠାଇବା ପାଇଁ ଆହ୍ୱାନ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ପି ଜି କାଉନସିଲର ଅଧ୍ୟକ୍ଷା ଡ଼ ନିବେଦିତା ଦାସ, ଛାତ୍ର କଲ୍ୟାଣ ନିର୍ଦ୍ଦେଶିକା ଡ଼ ମଧୁଲିକା ସାହୁ, ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ପିଲା ମାନଙ୍କୁ କାର୍ଯ୍ୟକ୍ରମ ର ଉପାଦେୟତା ବିଷୟରେ ବୁଝାଇ ଥିଲେ।

# କଂଗ୍ରେସର ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ

ମାଲକାନଗିରି, ୨୨/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା କଂଗ୍ରେସ ପକ୍ଷରୁ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପାପରମେଟେଲା ପଞ୍ଚାୟତ ଲାଉଗୁଡା ଠାରେ ଗତକାଲି ଏକ ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି ! ଚିତ୍ରକୋଣ୍ଡା ବ୍ଲକ ସଭାପତି ବିଦେଶୀ ଗୌଡ଼ ଙ୍କ ଆହ୍ୱାନ କ୍ରମେ ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ଅଧକ୍ଷତାରେ ରାଜ୍ୟ ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ରାଜ୍ୟ ସମ୍ପାଦକ ଡାକ୍ତର ବିଶ୍ୱ ରଞ୍ଜନ ମହାନ୍ତି, ଚିତ୍ରକୋଣ୍ଡା ଏକ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ବିନତି ଖିଲ, ପୂର୍ବତନ ବିଧାୟକ ଭୁଜବଳ ମାଝୀ,ରାମଚନ୍ଦ୍ର କାଡ଼ାମ, ପୂର୍ବତନ ମାଲକାନଗିରି ବିଧାୟକ ନିମାଇଁ ସରକାର,ବରିଷ୍ଠ କଂଗ୍ରେସ କର୍ମୀ ମାଲା ମାଢ଼ି, ଶରତ ବୁରୁଦା, ହୀରାବତୀ ଗଣ୍ଡ, ଜିଲା ପରିଷଦ ସଦସ୍ୟ ମଙ୍ଗୁ ଖିଲ, ଭୀମା ବାର୍ଷେ ପ୍ରମୁଖ ଯୋଗଦେଇଥିଲେ। ଚିତ୍ରକୋଣ୍ଡା ବ୍ଲକ ର ୧୮ ଗୋଟି ପଞ୍ଚାୟତ ର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟତଃ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଜମିକୁ ଜଳ ଯୋଗାଇବା ପାଇଁ କରାଯାଇଥିବା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଫେଲ ହୋଇଛି। ଏଥିରେ ଲକ୍ଷାଧିକ ଟଙ୍କା ହରିଲୁଟ ହୋଇଛି ତାର ତୁରନ୍ତ ତଦନ୍ତ କରି ପଦକ୍ଷେପ ନିଆଯାଉ। ଜନସାଧାରଣଙ୍କୁ ଜଙ୍ଗଲ ଜମି ପଟା ମିଳିଛି ତାହା ଆଜି ଯାଏଁ ଚିହ୍ନଟି କରଣ କରାଯାଇନାହିଁ କି ସେ ପଟାରେ ଜାତି ଲେଖା ଯାଇନାହିଁ ଫଳରେ ଲୋକେ ଜାତି ପ୍ରମାଣ ପତ୍ର ପାଇବାରେ ବ୍ୟାଘାତ ଘଟୁଛି ତୁରନ୍ତ ତାର ସମାଧାନ କରାଯାଉ ! ଏବେବି ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ତଥା ଉପାନ୍ତ ଅଞ୍ଚଳର ବହୁ ସ୍ଥାନରେ ବିଦ୍ୟୁତ ସଂଯୋଗ ହୋଇନାହିଁ ସେ ଗ୍ରାମ ମାନଙ୍କରେ ଶୀଘ୍ର ସଂଯୋଗ କରାଯାଉ। ପ୍ରତି ପଞ୍ଚାୟତରେ ସମସ୍ତ ପ୍ରକାର ମଣ୍ଡି ବ୍ୟବସ୍ଥା କରାଯାଉ ନହେଲେ କଳାବଜାରୀ ଓ ଦଲାଲଙ୍କର ପାଦୁର୍ଭାବ ବଢ଼ିବାରେ ଲାଗିଛି ଓ ଉତ୍ପାଦିତ ଶସ୍ୟରେ ଉଚିତ ସରକାରୀ ମୂଲ୍ୟ ନିର୍ଧାରଣ କରାଯାଉ । ଚିତ୍ରକୋଣ୍ଡା ୧୮ ଗୋଟି ପଞ୍ଚାୟତରେ ଏସବୁ ଦାବୀ ପୂରଣ ନହେଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ପାଇଁ ଚେତାବନୀ ଦେଇଛି।

# ଅସ୍ତବ୍ୟସ୍ତ କଲେଣି ମଶା: ଭୁବନେଶ୍ୱରରେ ୬୭, କଟକରେ ୮୦ ଛୁଇଁଲା ସାନ୍ଦ୍ରତା

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଦ୍ୱୈତ ନଗରୀ ଭୁବନେଶ୍ୱର ଓ କଟକରେ ଏବେ ମଶାଙ୍କ ଉତ୍ପାତ ଅହେତୁକ ଭାବେ ବୃଦ୍ଧି ପାଇଛି। ଦିନ ହେଉ କି ରାତି, ମଶା ଘରେ ରଖାଇ ଦେଉନାହାନ୍ତି। ଏହି ଦୁଇ ସହରରେ ମଶାଙ୍କ ସାନ୍ଦ୍ରତା ଧାର୍ଯ୍ୟ ସ୍ତରଠାରୁ ଅଧିକ ରେକର୍ଡ କରାଯାଇଛି। ଅକ୍ଟୋବର-ନଭେମ୍ବର ମାସରୁ ମଶାଙ୍କ ପ୍ରଜନନ ଆରମ୍ଭ ହୋଇଛି ଏବଂ ଏଭଳି ପରିସ୍ଥିତି ଆସନ୍ତା ୩ ମାସ ପର୍ଯ୍ୟନ୍ତ ରହିପାରେ। ଅନ୍ୟପକ୍ଷରେ ମଶା ନିୟନ୍ତ୍ରଣ ନେଇ ପୌରାଞ୍ଚଳରେ ନିଆଯାଉଥିବା ପଦକ୍ଷେପ ଯଥେଷ୍ଟ ନୁହେଁ। ତେଣୁ ଆଉ କିଛିମାସ ଉଭୟ ସହରର ଲୋକଙ୍କୁ ମଶା ଏଭଳି କଲବଲ କରିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଚଳିତବର୍ଷ ରାଜ୍ୟରେ ଡେଙ୍ଗୁ ନିଜର କାୟା ବିସ୍ତାର କରିଥିଲା। ଡେଙ୍ଗୁ ପ୍ରକୋପ କମିଛି। ହେଲେ ଅନ୍ୟ ମଶା(ନୁଇସାନ୍ସ ମସ୍କିଟୋ)ଙ୍କ ଉତ୍ପାତ ଆରମ୍ଭ ହୋଇଛି। ଯଦିଓ ଏମାନଙ୍କ ମଧ୍ୟରୁ ଅଧିକାଂଶ କୌଣସି ପ୍ରକାର ରୋଗ ସୃଷ୍ଟି କରନ୍ତି ନାହିଁ, ତଥାପି ମଣିଷଠାରୁ ରକ୍ତ ଶୋଷିବାରେ ଏମାନେ ପାରଙ୍ଗମ। ମଶାଙ୍କ ସାନ୍ଦ୍ରତା ଯଦି ୫୦ ତଳେ ରୁହେ, ତେବେ ମଶା ନିୟନ୍ତ୍ରଣରେ ରହିଥିବା କୁହାଯାଏ। ହେଲେ ଗତ ସପ୍ତାହରେ ହୋଇଥିବା ମଶା ସାନ୍ଦ୍ରତା(ଟେନ୍ ମେନ୍ ଆୱାର) ମାପରେ ଏହା ଧାର୍ଯ୍ୟ ସ୍ତରଠାରୁ ଅଧିକ ରହିଛି। ଭୁବନେଶ୍ୱରରେ ଏହା ୬୭ ଥିବା ବେଳେ କଟକରେ ୮୦ ରେକର୍ଡ କରାଯାଇଛି। ଏବେ ଭୁବନେଶ୍ୱରରେ ମଶାଙ୍କ ପ୍ରଜନନ ଆରମ୍ଭ ହୋଇଥିବାରୁ ଏଠାରେ ଖୁବଶୀଘ୍ର ମଶାଙ୍କ ସାନ୍ଦ୍ରତା ୮୦ ଛୁଇଁବ ବୋଲି ବିଶେଷଜ୍ଞ ଆଶଙ୍କା ପ୍ରକାଶ କଲେଣି। ଏକଥା ବି କହିଲେଣି ଯେ ଏବେଠାରୁ ଯଦି ମଶାଙ୍କୁ ନିୟନ୍ତ୍ରଣ କରା ନ ଯାଏ ତାହାଲେ ଆଗକୁ ମଶା ଲୋକଙ୍କ ନାକ ଓ ପାଟିରେ ପଶିବେ। ସହରାଞ୍ଚଳରେ ମଶା ନିୟନ୍ତ୍ରଣ ପାଇଁ ଗତ ମାସରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁ ମହାନଗରକୁ ପତ୍ର ଲେଖାଯାଇଥିଲା। ଏହାସହ ସ୍ୱାସ୍ଥ୍ୟାନୁଷ୍ଠାନ ଗୁଡ଼ିକରେ ମଶା ନିୟନ୍ତ୍ରଣ ପାଇଁ ମଧ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ସବୁ ସିଡିଏମ୍ଓଙ୍କୁ ପତ୍ର ଲେଖିଥିଲେ। ମଶା ନିୟନ୍ତ୍ରଣ ପାଇଁ ଫଗିଂ ସହିତ ଡ୍ରେନ୍‌ରେ ମଶା ତଳେ ପକାଇବା ଓ ମଶା ଲାର୍ଭା ଖାଉଥିବା ଗମ୍ବୁସିଆ ଆଦି ମାଛ ଛଡ଼ା ଯାଇଥାଏ। ଭୁବନେଶ୍ୱରରେ ଏମ୍ଏଲ୍ଓ(ମସ୍କିଟୋ ଲାର୍ଭିସାଇଡ୍ ଅଏଲ୍) ଓ ଟେମିଫସ୍ ବ୍ୟବହାର କରାଯାଇଥାଏ। ଏମ୍ଏଲ୍ଓ ଡ୍ରେନ୍ ପାଣି ଉପରେ ଏକ ଆସ୍ତରଣ ସୃଷ୍ଟି



କରିଥାଏ ଓ ଟେମିଫସ୍ ଲାର୍ଭାକୁ ନଷ୍ଟ କରିଦିଏ। ସରକାରଙ୍କ ପକ୍ଷରୁ ଏହାର ଯୋଗାଣ ହେଉଥିବା ବେଳେ ଏହି ଦୁଇ ପଦ୍ଧତି ପ୍ରକୃତରେ ଫଳପ୍ରଦ ହେଉଛି କି ନାହିଁ ତାହାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହେଉଛି। କାରଣ ମଶା କମିବା ବଦଳରେ ବଢ଼ିବାରେ ଲାଗିଛନ୍ତି। ତେଣୁ ଏହି କୀଟନାଶକର ନମୁନା ସଂଗ୍ରହ କରାଯାଇ ଲାବୋରେଟାରିରେ ପରୀକ୍ଷା କରିବା ଲାଗି ଦାବି ହୋଇଛି। ଏହାସହ ଠିକଣା ଢଙ୍ଗରେ ଫଗିଂ ହେଉଛି କି ନାହିଁ ତାହାକୁ ନେଇ ମଧ ପ୍ରଶ୍ନ ଉଠିଛି। ବୟସ୍କ ମଶାଙ୍କ ପାଇଁ ଫଗିଂର ଆବଶ୍ୟକତା ପଡ଼ିଥାଏ। ତେଣୁ ଲୋକ ରହୁଥିବା ସ୍ଥାନ ବଦଳରେ ଯଦି ରାସ୍ତାଘାଟରେ ଫଗିଂ କରାଯାଏ ତାହାଲେ ଏଥିରେ ମଶା କିଭଳି ମରିବେ ? ଏମ୍‌ସର କମ୍ୟୁନିଟି ମେଡିସିନ୍ ବିଭାଗର ସହକାରୀ ପ୍ରଫେସର ଡା.ବିନୋଦ ବେହେରାଙ୍କ କହିବାନୁଯାୟୀ, ବିପର୍ଯ୍ୟସ୍ତ ଡ୍ରେନ୍ ବ୍ୟବସ୍ଥା ହିଁ ଏଥିପାଇଁ ମୁଖ୍ୟତଃ ଦାୟୀ। ଭୁବନେଶ୍ୱର ଆଖପାଖରେ ଯେଉଁ ଅନେକ ଆପାର୍ଟମେଣ୍ଟ ଗଢ଼ି ଉଠିଛି ଏହାର ଚାରିପାଖରେ ପାଣି ଜମି ରହୁଛି। ସହର ବଢୁଥିବା ବେଳେ ସବୁ ଅଞ୍ଚଳକୁ ଯାଇ ମଶା ତେଲ ପକାଇବା କିମ୍ବା ଫଗିଂ କରିବା ପୌର ସଂସ୍ଥା ପକ୍ଷରେ ସମ୍ଭବ ନୁହେଁ। ତେଣୁ ଲୋକମାନେ ନିଜ ଆଖପାଖରେ ପାଣି କିଭଳି ନ ଜମିବ ସେଥିପ୍ରତି ଧ୍ୟାନ ଦେବାକୁ ହେବ। ମଶାଙ୍କ ଦାଉରୁ ରକ୍ଷା ପାଇବାକୁ ହେଲେ ମଶାରି ଟାଙ୍ଗି ଶୋଇବା ସହିତ ସଂଧ୍ୟାରେ ଦେହକୁ ଢାଙ୍କୁଥିବା ପୋଷାକ ପିନ୍ଧିବାକୁ ହେବ। ଜିଆଇଏସ୍ ଷ୍ଟଡି ଦ୍ୱାରା କେଉଁ ଅଞ୍ଚଳରେ ଭେକ୍ଟର ବଢୁଛି ତାହାକୁ ଠାବ କରାଯାଇପାରିବ। ହଂକଂରେ ସ୍ଥାନୀୟ ସରକାର ଜେନେଟିକ୍ ପଦ୍ଧତିରେ ଅନେକ ନପୁସଂକ ମଶା ସୃଷ୍ଟି କରୁଛନ୍ତି। ଯାହାଫଳରେ ସେଠାରେ ମଶା ବଂଶ ବଢୁନାହିଁ। ଯଦିଓ ଏହାର ବ୍ୟୟ ସାପେକ୍ଷ, ତଥାପି ସରକାର ଏହି ପଦ୍ଧତିକୁ ଅତିକମ୍‌ରେ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଗଲେ କିଛି ସୁଫଳ ମିଳିପାରିବ ବୋଲି ଡା. ବେହେରା କହିଛନ୍ତି। ଭୁବନେଶ୍ୱର ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡା.ଦୀପକ ବିଶୋୟୀ କହିଛନ୍ତି, ଏବେ ନୁଇସାଣ୍ଟ ମଶାଙ୍କ ପ୍ରଜନନ ସମୟ। ଡିସେମ୍ବର ଶେଷ ବେଳକୁ ଏଥିରେ ନିୟନ୍ତ୍ରଣ ଆସିବ। ରାଜଧାନୀରେ ମଶାକୁ ନିୟନ୍ତ୍ରଣ ପାଇଁ ବ୍ୟବହୃତ ହେଉଥିବା କୀଟନାଶକ ଫଳପ୍ରଦ ହେଉଥିବା ବ୍ୟକ୍ତିଗତ ଭାବେ ଫିଲ୍ଡ ଷ୍ଟଡିରେ ଦେଖିଥିବା ଡା.ବିଶୋୟୀ କହିଛନ୍ତି। ସେହିପରି କଟକ ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡା.ସତ୍ୟବ୍ରତ ମହାପାତ୍ର କହିଛନ୍ତି, କଟକର କିଛି ୱାର୍ଡରେ ହୁଏତ ମଶାଙ୍କ ସାନ୍ଦ୍ରତା ୮୦ ହୋଇପାରେ, ମାତ୍ର ସବୁ ୱାର୍ଡକୁ ମିଶାଇଲେ ହାରାହାରି ସାନ୍ଦ୍ରତା ୫୬ ରହିଛି। ଫଗିଂରେ ଯେଉଁ ଔଷଧ ବ୍ୟବହାର କରାଯାଉଛି ତାହା ହେଉଛି ଏକମାତ୍ର ବୈଜ୍ଞାନିକ ପ୍ରମାଣିତ ଔଷଧ। ତେଣୁ ଏଥିରେ କିଛି ସମସ୍ୟା ନ ଥିବା ଡା.ମହାପାତ୍ର କହିଛନ୍ତି।

# ୩୦ ଖଣ୍ଡ ଶାଗୁଆନ ପଟା ଜବତ: ୨ ଗିରଫ

ମାଲକାନଗିରି, ୨୨/୧୧ (ନି.ପ୍ର): ସୁକୁମା ଅଞ୍ଚଳରୁ ଏକ ମହିନ୍ଦ୍ରା ପିକ୍ଅପ୍ ଗାଡ଼ି ରେ ୩୦ ଖଣ୍ଡ ଶାଗୁଆନ ପଟା ବିଶାଖାପାଟଣା ଅଞ୍ଚଳକୁ ଯାଉଥିବା ବେଳେ ମାଲକାନଗିରି ବନାଞ୍ଚଳ ପଦ୍ମଗିରି ଛକ ନିକଟରେ ବନ କର୍ମଚାରୀମାନେ ଗାଡ଼ିକୁ ଯାଞ୍ଚ କରି କାଠ ପଟାଗୁଡିକୁ ଜବତ କରିଥିଲେ। ଏହା ବ୍ୟତୀତ ଗାଡ଼ିର ଚାଳକ ଓ ଅନ୍ୟ ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ସୁକୁମା ଅଞ୍ଚଳରୁ ମହିନ୍ଦ୍ରା ପିକ୍ଅପ୍ ଗାଡ଼ି ନମ୍ବର ସିଜି ୧୮ ଏଚ ୧୫୮୦ ରେ ୩୦ ଖଣ୍ଡ ଶାଗୁଆନ ପଟାବିଶାଖାପାଟଣାକୁ ଯାଉଥିବା ବେଳେ ପଦ୍ମଗିରି ଛକ ଠାରେ ମାଲକାନଗିରି ବନ କର୍ମଚାରୀମାନେ ଯାଞ୍ଚ କରିଥିଲେ। ଉକ୍ତ ପଟାଗୁଡିକ ଚାଲାଣ ବେଳେ ମିଥ୍ୟା ବିଲ୍ ପ୍ରସ୍ତୁତ କରି ଅଭିନବ ଉପାୟରେ ଅବଲମ୍ବନ କରାଯାଇଥିବା ଯାଞ୍ଚ ସମୟରେ ଜଣା ପଡିଥିଲା ! ଫଳରେ କାଠ ପଟା ଓ ଗାଡ଼ିକୁ ଜବତ କରାଯାଇଥିଲା। ତତ୍ ସହିତ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ସୁକୁମା ଜିଲ୍ଲାର ପେରେମା ପରା ଗ୍ରାମର ରାମୁ ପଡିଆମୀ (୩୪) ଓ ଗଙ୍ଗା ନାଗ (୩୦)। ଦୁହିଁଙ୍କୁ ଗତ କାଲି ମାଲକାନଗିରି କୋର୍ଟ ଚାଲାଣ କରାଯାଇଥିଲା। ଉକ୍ତ ଚଢାଉ ସମୟରେ ମାଲକାନଗିରି ରେଞ୍ଜର ଜଗନ୍ନାଥ ପ୍ରସାଦ ବିଷୋୟୀ, ଡେପୁଟି ରେଞ୍ଜର ବାଣିଶ୍ରୀ ମନସ୍ୱିନୀ ଦେବୀ,ବନପାଳ ଦେବାଶିଷ ପ୍ରଧାନ,ମନତୋଷ ଦେ, ବନରକ୍ଷୀ ବାବୁରାମ ଦୁରୁଆ ଓ ପାରା ଷ୍ଟାଫ ଯୋଗ ଦେଇ ଥିଲେ। ଜବତ ଶାଗୁଆନ କାଠ ପଟାଗୁଡିକର ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି କୁହାଯାଇଛି।

# "ବିକଶିତ ଭାରତ ସଙ୍କଳ୍ପ ଯାତ୍ରା" ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୨/୧୧ (ନି.ପ୍ର): "ବିକଶିତ ଭାରତ ସଙ୍କଳ୍ପ ଯାତ୍ରା" ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆଜି ୧୧ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳ ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର ଶିବାଶିଷ ପରିଡ଼ା, ଜିଲ୍ଲାର ସମସ୍ତ ତହସିଲ୍‌ଦାର ଓ ବିଡିଓ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡକ୍ଟର ମନୋଜ କୁମାର ଚାନ୍ଦ, କେବିକେର ବରିଷ୍ଠ ବୈଜ୍ଞାନିକ ଡଃ ଅରବିନ୍ଦ ଦାସ, ଏଲ୍‌ଡିଏମ୍ ମନୋଜ କୁମାର ପ୍ରଧାନୀ, ଡାକ୍ତର ନୃପେନ୍ ଶତପଥି, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ୍ ଡିପାର୍ଟମେଂଟ୍‌ର ଅଧିକାରୀ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ବାର୍ତ୍ତା ତୃଣମୂଳସ୍ତରରେ ପହଂଚାଇବ "ବିକଶିତ ଭାରତ ସଙ୍କଳ୍ପ ଯାତ୍ରା।" କେବଳ ବାର୍ତ୍ତା ପହଂଚାଇବନି ବରଂ ଯୋଜନାରୁ ବଂଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ ଯୋଜନାରେ ସାମିଲ କରାଯିବ। କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ୯ଟି ବ୍ଲକ୍‌ର ୨୪୯ଟି ଗ୍ରାମ ପଂଚାୟତରେ ଦୁଇଟି ସଚେତନତା ରଥ ପରିଭ୍ରମଣ କରିବ। "ମେରି କାହାନି, ମେରି ଜୁବାନି"ରେ ଲୋକମାନେ କହିବେ ଯୋଜନାର ସଫଳତା ବିଷୟରେ। ବିକଶିତ ଭାରତ ପାଇଁ ସମସ୍ତେ ନେବେ ସଙ୍କଳ୍ପ। ଗ୍ରାମପଂଚାୟତ ସ୍ତରରେ ସଚେତନତା ରଥର ପରିଭ୍ରମଣକୁ ସଫଳ କରିବା ପାଇଁ ଜନ ଭାଗିଧାରୀକୁ ଗୁରୁତ୍ୱାରୋପ କରାଯିବ। ସରପଂଚ, ସମିତିସଭ୍ୟ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନ, ପ୍ୟାକ୍‌ସ କର୍ମକର୍ତ୍ତା ପ୍ରଭୃତିଙ୍କୁ ସଂଶ୍ଳିଷ୍ଟ କରାଇବାକୁ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଗ୍ରାମପଂଚାୟତ ସ୍ତରୀୟ, ବ୍ଲକ୍‌ସ୍ତରୀୟ ଓ ଜିଲ୍ଲାସ୍ତରୀୟ ନୋଡାଲ ଅଫିସର ମନୋନୀତ ହେବା ସହ ଗ୍ରାମପଂଚାୟତ ମାନଙ୍କରେ ସଚେତନତା ରଥର ସ୍ୱାଗତ ନିମନ୍ତେ ଉତ୍ସବ ସମିତି ଓ ସ୍ୱାଗତ ସମିତି ଗଠନ ପାଇଁ ଉପସ୍ଥିତ ବିଡିଓ, ତହସିଲ୍‌ଦାର ଓ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ପ୍ରତିଯୋଗିତା କରିବା ପାଇଁ ଡାକବିଭାଗ ଓ ଶିକ୍ଷା ବିଭାଗକୁ କୁହାଯାଇଛି। ସଚେତନତା ରଥ ପରିଭ୍ରମଣ ସମୟରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଯୋଜନାର ସଫଳତା ବଖାଣିବା ସହ ସଚେତନତା ରଥର ସ୍ୱାଗତ କରିବେ। "ଧରତୀ କହେ ପୁକାର କେ" ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ, ଯୁବପୀଢ଼ି ଓ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଜନାକୁ ଲୋକଙ୍କ ନିକଟରେ ପହଂଚାଇବେ। ସୂଚନାଯୋଗ୍ୟ ଯେ, ନଭେମ୍ବର ୧୫ ତାରିଖ ଜନଜାତୀୟ ଗୌରବ ଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏହି "ବିକଶିତ ଭାରତ ସଙ୍କଳ୍ପ ଯାତ୍ରା"ର ଶୁଭାରମ୍ଭ ହୋଇଥିଲା।

# ସୁବର୍ଣ୍ଣରେଖାରେ ହେବ ନଦୀ ଆରତୀ

ବସ୍ତା, ୨୨/୧୧ (ନି.ପ୍ର): ସଭ୍ୟତା ଭିତରେ ଆମେ ଧୀରେ ଧୀରେ ଭାରତୀୟ ସଂସ୍କୃତିକୁ ଆମେ ଭୁଲି ଯାଉଛୁ। ଆଉ ଆମର ସଂସ୍କୃତି ଓ ଐତିହ୍ୟ ବଞ୍ଚାଇବା ପାଇଁ ପ୍ରଣାମ ଭାରତ ସଂଗଠନ ଏକ ଅଭିନବ ପ୍ରୟାସ ବୋଲି ଆଜି ବସ୍ତା ଥାନା ବେଣାପୁରା କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ .ପ୍ରଣାମ ଭାରତ .ସଂଗଠନ ର ସଭାପତି ଇଂ ତ୍ରିଭୁବନ ଦାସ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପସଭାପତି ଅଜିତ କୁମାର ଦତ୍ତ,ଯୋଗସ୍ମିତା ମହାପାତ୍ର,ଯୁଗ୍ମ ସମ୍ପାଦକ ବିଜୟ କୁମାର ମହାନ୍ତି,କୋଷାଧ୍ୟକ୍ଷ ନୃସିଂହ ପ୍ରସାଦ ଦାସ ମହାପାତ୍ର, ,ଉପଦେଷ୍ଟା ପରମାନନ୍ଦ ମହାପାତ୍ର, ବିରଞ୍ଜନ ଦାସ ମହାପାତ୍ର , ଅଶ୍ୱିନି କୁମାର୍ ପଣ୍ଡା ଓ ପ୍ରତାପ ଗିରି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଣାମ ଭାରତ ପକ୍ଷରୁ ପ୍ରଥମ କରି ଚଳିତ ବର୍ଷ ରାସ ପୂର୍ଣ୍ଣିମା ରେ ଗଙ୍ଗା ଆଳତି ଭଳି ଏବେ ଚିରସ୍ରୋତା ସୁବର୍ଣ୍ଣରେଖା ନଦୀ ରେ ଆରତୀ ଓ ବାଲିଯାତ୍ରା ଅନୁଷ୍ଠିତ ହେବବୋଲି ସୂଚନା ଦେଇଥିଲେ। ଏହି ଉତ୍ସବରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ,ପୂର୍ବାଞ୍ଚଳ ଆଇ ଇ ଜି ହିମାଂଶୁ ଲାଲ,ଭିଜିଲାନ୍ସ ଏସପି ନରହରି ନାୟକ,ବସ୍ତା ପଞ୍ଚାୟତ ସମିତି ଅଧକ୍ଷା ଅଞ୍ଜଳି ଦାସ,ବିଶିଷ୍ଟ ସମାଜସେବୀ ଭଗବାନ ଦାସ,ବାଲେଶ୍ୱର ଚେମ୍ବର୍ ଅଫ କମର୍ସ ସଞ୍ଜୟ କୁମାର ଦାସ ଏବଂ ସୃଷ୍ଟିଧର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିବାକୁ ସହମତି ପ୍ରଦାନ କରିଥିବା ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରାଯାଇଥିଲା।

# ଶିକ୍ଷା ସୁରକ୍ଷା ଓ ରୋଜଗାର ଦାବିରେ ଏବିଭିପିର ବିଶାଳ ଛାତ୍ର ହୁଙ୍କାର ସମାବେଶ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ତରଫରୁ ଶିକ୍ଷା ସୁରକ୍ଷା ରୋଜଗାର ଦାବିରେ ମଙ୍ଗଳବାର ଏକ ବିଶାଳ ଛାତ୍ର ସମାବେଶ ଅନୁଷ୍ଠିତ ହୋଇ ଯାଇଛି।ଏହି ବିଶାଳ ସମାବେଶରେ ଓଡିଶାର କୋଣ ଅନୁକୋଣରୁ ୨୦୦୦୦ ରୁ ଉର୍ଦ୍ଧ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ଏହି ସମାବେଶରେ ଶିକ୍ଷା ସୁରକ୍ଷା ରୋଜଗାର ଦାବିକୁ ନେଇ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଥିଲା ଏହି ଶୋଭାଯାତ୍ରା ସ୍ୱାଧୀନତା ସଂଗ୍ରାମୀ ପଡିଆ ଠାରୁ ଆରମ୍ଭ ହୋଇ ରାମ ମନ୍ଦିର ଓ ମାଷ୍ଟର କ୍ୟାଂଟିନ ଦେଇ ଲୋୟର୍ ପିଏମଜି ଠାରେ ଏକ ବିଶାଳ ସଭା ଆୟୋଜିତ ହୋଇଥିଲା। ଓଡ଼ିଶାର ୩୦ ଟି ଜିଲ୍ଲାରୁ ୨୦,୦୦୦ ରୁ ଉର୍ଦ୍ଧ ବିଦ୍ୟାର୍ଥୀ ବିଭିନ୍ନ କ୍ୟାମ୍ପସରୁ ଆସି ଏହି ଛାତ୍ର ହୁଙ୍କାର ସମାବେଶ ରେ ଯୋଗ ଦେଇ ନିଜ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ । ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ, ଅଧ୍ୟାପକ ପଦବୀ ପୂରଣ, କ୍ୟାମ୍ପସକୁ ଗୁଣ୍ଡାମି ମୁକ୍ତ କରିବା, ଓଡ଼ିଆ ଯୁବକଙ୍କୁ ଓଡ଼ିଶାରେ ରୋଜଗାର, ରୁଚିକା, ମମିତା ମେହେର୍ ଭଳି ଘଟଣାରେ ନ୍ୟାୟ ଆଦି ୪୧ ଦାବି ନେଇ ଏହି ହୁଙ୍କାର ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଯାଜ୍ଞ ବଲକ୍ ଶୁକ୍ଲା ଯୋଗ ଦେଇ ରାଜ୍ୟ ସରକାରଙ୍କୁ ଭତ୍ସନା କରି କହିଥିଲେଏହି ଅପାରଗ ସରକାର ବୁଢ଼ା ହୋଇ ଗଲାଣି ତାହା ପରିବର୍ତ୍ତନ ହେବା ଦରକାର । ଏହି ସରକାର ବିଦ୍ୟାର୍ଥୀ ମାନଙ୍କ ସହିତ ଧୋଖା କରିବ ସହିତ ତାଙ୍କ ଆଖିରେ ଧୂଳି ଓ ଧୂଆଁ ଦେବା କାର୍ଯ୍ୟ କରୁଛନ୍ତି । ରାଜ୍ୟ ସମ୍ପାଦକ ଅରଜିତ ପଟ୍ଟନାୟକ ରାଜ୍ୟର ଶିକ୍ଷା ବ୍ୟବସ୍ଥା ବିଷୟରେ ବର୍ଣ୍ଣନା ଓ ସମାଲୋଚନା କରି ରାଜ୍ୟ ସରକାରଙ୍କୁ ଦାବି ପୂରଣ କରିବା ପାଇଁ ଚେତାବନୀ ଦେଇଛନ୍ତି ଓ ଶିକ୍ଷା ମନ୍ତ୍ରୀ ଦାବି ନେବା ପାଇଁ ସମୟ ନ ଦେବାରୁ କ୍ଷୋଭ ପ୍ରକାଶ କରିଥିଲେ । ରାଜ୍ୟ ସହସମ୍ପାଦକ ସ୍ୱେତାଂଶୁ ଶେଖର ବରାଇ ରୋଜଗାର ବିଷୟରେ ,ରାଜ୍ୟ ସହ ସମ୍ପାଦକ ଦୀପ୍ତି ମୟୀ ପ୍ରତିହାରୀ ମହିଳା ସୁରକ୍ଷା,ରାଜ୍ୟ ସହ ସମ୍ପାଦକ ସଞ୍ଜନା କହଁର ଜନଜାତି ସୁରକ୍ଷା ଭଳି ବିଭିନ୍ନ ବିଷୟରେ ନିଜର ମତ ଉପସ୍ଥାପନ କରିଛନ୍ତି । ମଂଚ ପରିଚାଳନା କଳାହାଣ୍ଡି ଓ ବଲାଙ୍ଗୀର ବିଭାଗ ସଂଗଠନ ସମ୍ପାଦକ ବୁଦ୍ଧଦେବ ବାଘ କରିଥିଲେ ।

# ପୋଷଣ ସଖୀଙ୍କୁ ତାଲିମ ପ୍ରଦାନ

ଜୟପୁର, ୨୨/୧୧ (ନି.ପ୍ର): ଜୟପୁର ବ୍ଲକ ସଭାଗୃହରେ ପୋଷଣ ସଖୀମାନଙ୍କୁ ଦିଆଯାଇଛି ତାଲିମ । ମିଶନ ଶକ୍ତି ଜୟପୁର, ଦ୍ୱାରା ଆୟୋଜିତ ତାଲିମ ଶିବିରରେ ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ ଓ ବିପିଏମ ନମିତା ତ୍ରିପାଠି ଉପସ୍ଥିତ ରହି ତାଲିମ ଦେଇଥିଲେ । ଜୟପୁର ବ୍ଲକରେ ଯୋଜନା ସ୍ୱାଭିମାନ ଆରମ୍ଭ ହୋଇଛି । ଜୟପୁର ବ୍ଲକରେ ୨୨ଟି ପଂଚାୟତ ରେ ୧୬୮ଟି ପୋଷଣ ସଖୀମାନଙ୍କୁ ୪ଟି ପର୍ଯ୍ୟାୟରେ ତାଲିମ ଦିଆଯିବ । ଜୟପୁର ବ୍ଲକର ପ୍ରତ୍ୟେକ ଗ୍ରାମକୁ କୁପୋଷଣ ମୁକ୍ତ ପାଇଁ ପୋଷଣ ସଖୀମାନେ ଯାଇ ସଚେତନ କରିବେ ।

# ୰ ସରୋଜିନୀ ପଣ୍ଡାଙ୍କ ସ୍ମୃତିରେ 'ସରୋୟନ' ସ୍ମରଣିକା ଉନ୍ମୋଚନ

କସିପଦା, ୨୨/୧୧ (ନି.ପ୍ର): ସଦର ବ୍ଲକ୍ ଅନ୍ତର୍ଗତ କସିପଦା ପଞ୍ଚାୟତ ର କସିପଦା ଗ୍ରାମର ୰ରଘୁନାଥ ପଣ୍ଡା ଙ୍କ ଧର୍ମ ପରାୟଣା ପତ୍ନୀ ୰ସରୋଜିନୀ ପଣ୍ଡା ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ରଘୁନାଥ ଠାକୁର ବାଡି ସ୍ଥିତ ବାସଭବନରେ ପାଳିତ ହୋଇଯାଇଅଛି । ଦିବଂଗତ ସରୋଜିନୀ ପଣ୍ଡା ଙ୍କ ସୁପୁତ୍ର ମାନବୀୟ ଗୁଣାତ୍ମକ ଶିକ୍ଷା ବିଷୟକ ମୁକ୍ତ ବିଦ୍ୟାଳୟ ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ତାପସ କୁମାର ପଣ୍ଡା ଙ୍କ ସଭାପତିତ୍ୱରେ ମା'ଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ଚାରଣ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଅବସରପ୍ରାପ୍ତ ରେଞ୍ଜର୍ ତଥା ବିଶିଷ୍ଟ ଲେଖକ ଶ୍ରୀଯୁକ୍ତ ସୁକୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ ମୁଖ୍ୟ ବକ୍ତା ଭାବେ ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆଁ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଯୋଗଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସଭାପତି ଶ୍ରୀଯୁକ୍ତ ଯୋଗେନ୍ଦ୍ର ଦାଶ ତଥା ସମ୍ମାନିତ ଭାବେ ଅବସରପ୍ରାପ୍ତ ଏସ୍.ଆଇ . ଶ୍ରୀଯୁକ୍ତ ଶିଶିର୍ ପଣ୍ଡା , ବିଣାପାଣି ଶିଶୁ ମନ୍ଦିର ରୂପ୍ସା ର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକ , କସିପଦା ପଞ୍ଚାୟତ ହାଇସ୍କୁଲ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ,ଯୋଗ ଶିକ୍ଷକ ଶ୍ରୀଯୁକ୍ତ ପରମାନନ୍ଦ ବାରିକ୍ , ଗଛ ମଣିଷ ଶ୍ରୀଯୁକ୍ତ ରବିନ୍ଦ୍ର ବେହେରା, ଅବସରପ୍ରାପ୍ତ ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା ଓ ଶ୍ରୀଯୁକ୍ତ ହରେକୃଷ୍ଣ ଗିରି ପ୍ରମୁଖ ଅତିଥିଗଣ ଯୋଗଦାନ କରିଥିଲେ।



ପ୍ରାରମ୍ଭରେ ତାପସ କୁମାର ପଣ୍ଡା ଙ୍କ ତିନି ଝିଅ ରାଜେଶ୍ୱରୀ , ମାହେଶ୍ୱରୀ ଓ ବିଶ୍ୱେଶ୍ୱରୀ ପଣ୍ଡା ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ଚନ୍ଦନ ଦ୍ୱାରା ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ । ସମସ୍ତ ଅତିଥିଗଣ ଦିବଂଗତ ସରୋଜିନୀ ପଣ୍ଡା ଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସ୍ନେହମୟୀ , କରୁଣାମୟୀ , ବନ୍ଧୁ ବତ୍ସଳା ତଥା ଧର୍ମ ପରାୟଣା ୰ ସରୋଜିନୀ ପଣ୍ଡା ଙ୍କ ସ୍ମୃତି ଉପଲକ୍ଷେ ସରୋୟନ ନାମକ ସ୍ମୃତି ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇ ବିତରଣ କରାଯାଇଥିଲା ଓ ଅମର ଆତ୍ମାର ସଦ୍ଗତି ପାଇଁ ବାସଭବନରେ ନାମ ସଂକୀର୍ତ୍ତନ ର ଆୟୋଜନ କରାଯାଇଥିଲା । ପରିଶେଷରେ ୰ସରୋଜିନୀ ପଣ୍ଡା ଙ୍କ ଆଦର୍ଶ ପୁତ୍ରବଧୂ ଶ୍ରୀମତୀ ସ୍ୱର୍ଣ୍ଣଲତା ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱବିଦ୍ୟାଳୟରେ ନୂତନ ଶିକ୍ଷାନୀତି ଉପରେ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ

ବାରିପଦା , ୨୨/୧୧ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନୂତନ ଶିକ୍ଷାନୀତି ୨୦୨୦ ଅନ୍ତରାଳରେ ଓଡ଼ିଶା ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ମାନଙ୍କ ଭୂମିକା ଓ ଦାୟିତ୍ୱ ଶୀର୍ଷକ ଏକ ଗୁଣାତ୍ମକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ଶିକ୍ଷକ ମାନଙ୍କ ଦାୟିତ୍ୱବୋଧ ସମ୍ପର୍କରେ ବକ୍ତବ୍ୟ ରଖି ଶିକ୍ଷକ ହିଁ ଗୋଟିଏ ଜାତିକୁ ଗଢ଼ିପାରେ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ଆନୁଷ୍ଠାନିକ ବିକାଶ କାର୍ଯ୍ୟକ୍ରମର ନିର୍ଦ୍ଦେଶିକା ପ୍ରଫେସର ଏମ. ହିମବିନ୍ଦୁ ସମ୍ମାନିତ ଅତିଥିରୂପେ ଯୋଗଦେଇ ଶିକ୍ଷକମାନଙ୍କର ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିବା ବେଳେ କାର୍ଯ୍ୟକ୍ରମ ଆବାହକ ସହଯୋଗୀ ପ୍ରଫେସର ଡ. ସୁକାନ୍ତ କୁମାର ନାୟକ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର କାର୍ଯ୍ୟକାରୀ ସଂଯୋଜକ ସହଯୋଗୀ ପ୍ରଫେସର ଡ. ପୁଷ୍ପାଞ୍ଜଳି ପରିଡ଼ା ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ପୁସ୍ତିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।


G20 भारत 2023 INDIA वसुधैव कुटुम्बकम् ONE EARTH • ONE FAMILY • ONE FUTURE

75 Azadi Ka Amrit Mahotsav

## କରଦାତା ଧ୍ୟାନ ଦିଅନ୍ତୁ

ସମୟ ସୀମାର ଧ୍ୟାନ ରଖନ୍ତୁ

ନିର୍ଧାର୍ଯ୍ୟ ବର୍ଷ ୨୦୨୧-୨୨ ପାଇଁ ୩୧ ମାର୍ଚ୍ଚ, ୨୦୨୪ ପର୍ଯ୍ୟନ୍ତ ଅପଟେଡେଡ ଆୟକର ରିଟର୍ଣ୍ଣ ଦାଖଲ କରନ୍ତୁ

## ଅପଟେଡେଡ ଆଇ.ଟି.ଆର କେବେ ଫାଇଲ କରିବେ ?

- ଯେଉଁ କରଦାତାମାନେ ମୂଳ ଏବଂ ସଂଶୋଧିତ ରିଟର୍ଣ୍ଣ ଦାଖଲ କରିନାହାନ୍ତି
- ଯେଉଁ କରଦାତା ଆୟକୁ ଉପଯୁକ୍ତ ଢଙ୍ଗରେ ଘୋଷଣା ନକରିଥିବାରୁ ମୂଳ ବିବରଣୀକୁ ସଂଶୋଧିତ କରିବାକୁ ଚାହାନ୍ତି
  - ଆୟର ଭୁଲ ଶୀର୍ଷ ଚୟନ କରାଯାଇଛି କିମ୍ବା ଭୁଲ ଭାବରେ ଜମା କରାଯାଇଛି
  - କ୍ୟାରିଡ ଫରୱାର୍ଡ କ୍ଷତିର ହ୍ରାସ କିମ୍ବା ଅବ୍ୟବହୃତ ମୂଲ୍ୟହ୍ରାସର ଆବଶ୍ୟକତା
  - **MAT/ AMT** କ୍ରେଡିଟର ହ୍ରାସ ଆବଶ୍ୟକ

| ଅଦ୍ୟତିତ ଆଇଟିଆର- ୟୁ ର ୩୧.୩.୨୦୨୪ ପର୍ଯ୍ୟନ୍ତ ଦାଖଲ | ଅତିରିକ୍ତ ଆୟକର ଦେୟ |
|---|---|
| ନିର୍ଦ୍ଧାରଣ ବର୍ଷ ୨୦୨୧-୨୨ ପାଇଁ | ଆୟକର ଅଧିନିୟମ ଧାରା ୧୪୦ ବି(୩) ଅନୁସାରେ ସମୁଦାୟ କର ଏବଂ ସୁଧ ଦେୟର ୫୦% |
| ନିର୍ଦ୍ଧାରଣ ବର୍ଷ ୨୦୨୨-୨୩ ପାଇଁ | ଆୟକର ଅଧିନିୟମ ଧାରା ୧୪୦ ବି(୩) ଅନୁସାରେ ସମୁଦାୟ କର ଏବଂ ସୁଧ ଦେୟର ୨୫% |

ଅଧିକ ସୂଚନା ପାଇଁ ଆୟକର ଅଧିନିୟମ, ୧୯୬୧ର ଧାରା ୧୩୯(୮ଏ) ଏବଂ ୧୪୦ ବି(୩) ଦେଖନ୍ତୁ

cbc15401/13/0017/2324

INCOME TAX DEPARTMENT

## ଆୟକର ବିଭାଗ

ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ

ଅଧିକ ସୂଚନା ପାଇଁ ଦୟାକରି ପରିଦର୍ଶନ କରନ୍ତୁ www.incometax.gov.in

@IncomeTaxIndia @IncomeTaxIndia.Official @IncomeTaxIndiaofficial @IncomeTaxIndia.Official Incometaxindia.gov.in


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ସୁଜାତା କାର୍ତ୍ତିକେୟନଙ୍କୁ ...

ଆଜି ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସୁଜାତା ରାଉତ କାର୍ତ୍ତିକେୟନଙ୍କ କାର୍ଯ୍ୟ ଦକ୍ଷତା ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଫୋକସ ବିଭାଗ ମିଶନ ଶକ୍ତି ବିଭାଗ ଦାୟିତ୍ୱ ଦେଇଥିଲେ। ଏହାକୁ ଶ୍ରୀମତୀ କାର୍ତ୍ତିକେୟନ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବାରେ ସକ୍ଷମ ହୋଇଥିଲେ। ୭୦ ଲକ୍ଷ ମହିଳା ଏବେ ମିଶନ ଶକ୍ତି ଆନ୍ଦୋଳନ ସଦସ୍ୟା ଅଛନ୍ତି। ଗତବର୍ଷ ଏସଏଚଜି ମହିଳାମାନଙ୍କୁ ୧୧ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଥିଲା। ଆଉ ଏ ବର୍ଷ ଏହି ସଂଖ୍ୟା ୧୫ ହଜାର କୋଟି ଟଙ୍କାକୁ ଛୁଇଁପାରେ। ଯାହାକି ଗ୍ରାମାଞ୍ଚଳ ମହିଳାଙ୍କ ସଶକ୍ତ କରିବାରେ ସହାୟକ ହୋଇପାରିଛି ଏବଂ ମିଶନ ଶକ୍ତି ପ୍ରତି ଘରର ଏକ ଆପଣାର ଶବ୍ଦ ହୋଇପାରିଛି। ଏବେ ରାଜ୍ୟ ସରକାର କଳା ସଂସ୍କୃତି ଓ ଭାଷାର ଉନ୍ନତି ଉପରେ ମଧ ଫୋକସ କରୁଛନ୍ତି।

## କ୍ୟାବିନେଟ୍ ନିଷ୍ପତ୍ତିକୁ ....

ବିଜେପି ସଦସ୍ୟମାନେ ଆଜି ପାରମ୍ପରିକ ଆଦିବାସୀଙ୍କ ପୋଷାକରେ ଗୃହକୁ ଆସିଥିଲେ । ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ ମଧ ତାହା ଫେଲ୍ ମାରିଥିଲା । ଆଦିବାସୀଙ୍କ ଜମି ହସ୍ତାନ୍ତର ପ୍ରସଙ୍ଗରେ କ୍ୟାବିନେଟ୍ ନେଇଥିବା ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ଉଭୟ ବିଜେପି ଓ କଂଗ୍ରେସ ଦାବି କରିଛନ୍ତି । ଏହାସହିତ ଆଦିବାସୀଙ୍କ ଜମିକୁ ହଡ଼ପ କରିବାକୁ ସରକାରଙ୍କ ଏଭଳି ଷଡ଼ଯନ୍ତ୍ର ବୋଲି ବିଜେପି ଅଭିଯୋଗ କରିଛି । କଂଗ୍ରେସ ମଧ ଅନୁରୂପ ଅଭିଯୋଗ କରିଛି । ତେବେ ଆଦିବାସୀମାନେ ନିଜର ସୁବିଧା ଅନୁସାରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯେକୌଣସି କାର୍ଯ୍ୟ ପାଇଁ ଜମିକୁ ବନ୍ଧକ ରଖି ଋଣ ନେବାର ଆଇନଗତ ପ୍ରାବଧାନ ସରକାରଙ୍କ ଦ୍ୱାରା କରାଗଲେ ତାକୁ କଂଗ୍ରେସ ସ୍ୱାଗତ କରିବ । ମାତ୍ର ଆଦିବାସୀଙ୍କ ଜମି ହସ୍ତାନ୍ତରକୁ ସମ୍ପୂର୍ଣ୍ଣ ଭାବେ ବିରୋଧ କରୁଛି । ଯଦି ସରକାର ବାସ୍ତବରେ ଆଦିବାସୀଙ୍କ କଲ୍ୟାଣ ଓ ସ୍ୱାର୍ଥରେ କାମ କରିବାକୁ ଚାହାଁନ୍ତି,ତା'ହେଲେ ପେସା ଆଇନକୁ କାର୍ଯ୍ୟକ୍ଷମ କରନ୍ତୁ ବୋଲି କଂଗ୍ରେସ କହିଛି । ଏପଟେ ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ, ଆଦିବାସୀଙ୍କ ଜମି ହସ୍ତାନ୍ତରର କ୍ୟାବିନେଟ୍ ନିଷ୍ପତ୍ତି ସରକାରୀସ୍ତରରେ ପରିପକ୍ୱ ନୁହେଁ । ଏହା ଏବେବି ବିଧାନସଭାର ସମ୍ମତି ହୋଇନାହିଁ । ଏହି ପ୍ରସଙ୍ଗ ଏବେ ବି ଅପରିପକ୍ୱ ରହିଛି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ୟାବିନେଟ୍ ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି । ଆଦିବାସୀଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମାର୍ଣ୍ଡି କହିଛନ୍ତି । ତେବେ ପ୍ରଶ୍ନ ଉଠୁଛି, କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି କିଭଳି ପରିପକ୍ୱ ହେଲାନି ।

## ଶ୍ରୀମନ୍ଦିରରେ ବୟସ୍କଙ୍କ ...

ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ୩ ସିଫ୍ଟରେ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ସ୍ୱେଚ୍ଛାସେବୀମାନେ ସେମାନଙ୍କୁ ନେଇ ଶୃଙ୍ଖଳିତ ଦର୍ଶନ କରାଇ ଆଣିବେ। ବଡ଼ଦାଣ୍ଡର ଦୁଇ କଡ଼ରେ ଅସ୍ଥାୟୀ ଶୌଚାଳୟ ପାଇଁ ମଧ ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ଗତ କିଛି ଦିନ ଧରି ଶ୍ରୀମନ୍ଦିରକୁ ଦର୍ଶନ କରିବାକୁ ଆସି ଭକ୍ତ ହଇରାଣ ହୋଇଥିବା ଖବର ଓଟିଭିରେ ପ୍ରସାରଣ ହୋଇଥିଲା। ଅନେକ ସଂଖ୍ୟାରେ ବୟସ୍କ ଭକ୍ତ ବ୍ୟାରିକେଡ୍ ଭିଡ଼ ଭିତରେ ନାକେଦମ୍ ହୋଇଥିବା ଘଟଣା ସାମ୍ନାକୁ ଆସିଥିଲା। ଏହାପରେ ଏଭଳି ନିଷ୍ପତ୍ତି ନିଆଯାଇଛି।

## କ୍ୟାମେରାରେ ଧରା...

ଏହା ପରେ ବନ ବିଭାଗ ଟ୍ରାପ୍ କ୍ୟାମେରା ଲଗାଇଥିବା ବେଳେ ସେଥିରେ ମହାବଳ ବାଘର ଫଟୋ ଉଠିଛି। ଆନ୍ଧ୍ର ସୀମାନ୍ତ ସହିତ ଏହି ଅଞ୍ଚଳରେ ବାଘଟି ବୁଲୁଥିବାରୁ ଲୋକଙ୍କୁ ସତର୍କ କରିଛି ବନ ବିଭାଗ। ରାତିରେ ଘରୁ ନ ବାହାରିବାକୁ, ପଶୁଙ୍କୁ ବାନ୍ଧି ରଖିବାକୁ ପରାମର୍ଶ ଦିଆଯାଇଛି। ଏନେଇ ଏସିଏଫଓ ଅଶୋକ ବେହେରା କହିଛନ୍ତି, ବନ ବିଭାଗ ପକ୍ଷରୁ ୫ଟି କ୍ୟାମେରା ଲଗା ଯାଇଥିଲା। ଗୋଟିଏ କ୍ୟାମେରାରେ ରାତି ୮ଟାରେ ମହାବଳ ବାଘ ବୁଲୁଥିବା ଦେଖିବାକୁ ମିଳୁଥିଲା। ଉକ୍ତ ବାଘଟି ଆନ୍ଧ୍ରପ୍ରଦେଶ ଚାଲି ଯାଇଥିଲା। ସେହି ବାଘ ଏବେ ଗଜପତି ଜିଲ୍ଲାରେ ଦେଖିବାକୁ ମିଳିଛି।

## ଉଠବସ କରାଇଲେ ଶିକ୍ଷୟିତ୍ରୀ...

ଚେଷ୍ଟା କରିଥିବା ବେଳେ ସେ କିନ୍ତୁ ଆଉ ଉଠି ନ ଥିଲା। ଏନେଇ ତୁରନ୍ତ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ପହଞ୍ଚି ପିଲାଟିକୁ ପ୍ରଥମେ ଯାଜପୁର ଓ ପରେ କଟକ ବଡ଼ ମେଡିକାଲକୁ ନେଇଥିଲେ। ତେବେ ସେଠାରେ ପିଲାଟିର ମୃତ୍ୟୁ ହୋଇଥିବା ଜଣାଯାଇଛି। ଏନେଇ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡା କହିଛନ୍ତି, ପିଲାଟି କ୍ଲାସ୍ ?ରେ ବେହୋସ ହୋଇ ଯାଇଥିବା ବେଳେ ତୁରନ୍ତ ପରିବାର ଲୋକଙ୍କୁ ଖବର ଦେଇଥିଲୁ। ଏହାପରେ ପରିବାର ଲୋକେ ସଙ୍ଗେ ସଙ୍ଗେ ପିଲାଟିକୁ ଯାଜପୁର ଓ ପରେ କଟକ ନେଇ ଯାଇଥିଲେ। ସେଠାରେ ପିଲାଟିର ମୃତ୍ୟୁ ହୋଇ ଯାଇଥିବା ଶୁଣିବାକୁ ପାଇଲୁ। ରସୁଲପୁର ଏବିଇଓ କହିଛନ୍ତି, ଛୁଆଟିର ଦେହ ଖରାପ ରହୁଥିଲା। ଦୁଇ ଦିନ ଆଗରୁ ସେ ପୁରୀ ଯାଇଥିଲା। ଗତକାଲି ଅସୁସ୍ଥତା ହେତୁ ସ୍କୁଲ ଯିବନି ବୋଲି ମା'କୁ କହୁଥିଲା, କିନ୍ତୁ ତା' ମା' ତାକୁ ବାଧ କରି ସ୍କୁଲ ପଠାଇଥିଲେ। ସେ ବିଜ୍ଞାନ ଖାତା ଓ ବହି ଆଣି ନ ଥିବାରୁ ଶିକ୍ଷୟିତ୍ରର ତାକୁ ଉଠବସ କରାଇଥିଲେ।

# ବାସୁଦେବପୁର ବିଜେପି ପକ୍ଷରୁ ବ୍ଲକ ଘେରାଉ

ବାସୁଦେବପୁର, ୨୨/୧୧ (ନି.ପ୍ର): ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନ ମୋହନ ସାମଲ ଙ୍କ ନିର୍ଦ୍ଦେଶ କ୍ରମେ ବାସୁଦେବପୁର ବିଜେପି ପକ୍ଷରୁ ଆଜି ବ୍ଲକ ଘେରାଉ କରାଯାଇଥିଲା । ରାଜ୍ୟ ସରକାର ଙ୍କର ବର୍ତମାନ ଲକ୍ଷ ଲକ୍ଷ କୋଟି ଟଙ୍କା ର ଦୁର୍ନୀତି ବଢ଼ି ଚାଲିଛି ବୋଲି ବିଜେପି ଅଭିଯୋଗ କରିଛି । ଓଡିଶା ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କର ଖୁବ ଶୀଘ୍ର ପତନ ଘଟିବ ଓ ବିଜେପି ଶୀଘ୍ର ସରକାର ଗଠନ କରିବ ବୋଲି ବିଜେପି ନେତା ମତ ପ୍ରକାଶ କରିଥିଲେ । ପ୍ରଧାନ ମନ୍ତ୍ରୀ ଆବାସ, ରେସନ କାର୍ଡ ଓ ପାଇଖାନା ଦୁର୍ନୀତି ଖୁବ ଅଧିକ ହୋଇଛି ବୋଲି ବିଜେପି କହିଛି । ଏହି କାର୍ଯ୍ୟକ୍ରମ ରେ ଇରମ ମଣ୍ଡଳ ସଭାପତି କୈଳାସ ପଣ୍ଡା ସଭାପତିତ୍ୱ କରିଥିଲେ । ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, ଅଭିମନ୍ୟୁ ସେଠି, ବାସୁଦେବପୁର ନିର୍ବାଚନ ମଣ୍ଡଳୀ ନେତା ମାଧବାନନ୍ଦ ମଲ୍ଲିକ, ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ବରିଷ୍ଠ ନେତା ଦୀନବନ୍ଧୁ ପତି, ଅଶୋକ ସାହୁ, ମନୋଜ ନାୟକ, ସବ୍ୟସାଚୀ ମହଲା, ଡ଼କ୍ଟର ପ୍ରତାପ ନାୟକ, ମାନସ ସାହୁ, ଜୟ ପ୍ରକାଶ ମଲ୍ଲିକ, ଅରୁଣ ମହାନ୍ତି, ବିଭୁତି ପାଣିଗ୍ରାହୀ, ମୁକ୍ତିକାନ୍ତ ନାୟକ, ଗଗନ ନାୟକ, ସୁବାସ ପ୍ରଧାନ, ତାଜୁ ଖାଁ, ମହେଶ୍ୱର ଧଳ, ରାଜେନ୍ଦ୍ର ବାରିକ, କନକ ଲତା ପ୍ରଧାନ, ଭରତ ମିଶ୍ର, ମହିଳା ମୋର୍ଚ୍ଚା ର ଗୌରୀ ବେହେରା,ମିନତି ପାତ୍ର, ବାସୁଦେବ ବାରିକ, ତୁଷାର ରଥ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ରାଜ୍ୟ ସରକାର ଙ୍କ ନୀତି ଓ କାର୍ଯ୍ୟ କଳାପ କୁ ସମାଲୋଚନା କରିଥିଲେ।

# ଦୁର୍ନୀତି ଓ ଆର୍ଥିକ ଅନିୟମିତତା ବିରୋଧରେ ସାମ୍ବାଦିକ ସମ୍ମିଳନୀ




ଲଙ୍ଗଲେଶ୍ୱର , ୨୨/୧୧ (ନି.ପ୍ର): ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ପରିଚାଳନା କମିଟିର ଅନିୟମିତତା ଓ ଦୁର୍ନୀତି ବିରୋଧରେ ଆଜି ଅବସରପ୍ରାପ୍ତ କର୍ମଚାରୀ ସଂଘ, ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ଓ ସ୍ଥାନୀୟ ଜନସାଧାରଣ ମହାବିଦ୍ୟାଳୟ ନିକଟରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓ ରାଜ୍ୟ କ୍ରୀଡା ନିର୍ଦ୍ଦେଶକ ଙ୍କ ନିର୍ଦ୍ଦେଶ କୁ ଖାତିର ନ କରି ବେଆଇନ ଭାବେ ଏବେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛି। ଫଳରେ ମହାବିଦ୍ୟାଳୟ ର ଉନ୍ନତି, କର୍ମଚାରୀ ଓ ଛାତ୍ର ଛାତ୍ରୀ ଙ୍କ କୌଣସି ସମସ୍ୟା ର ସମାଧାନ ହେଉ ନାହିଁ।ସଭାପତି ଓ ସଦସ୍ୟ ସଚିବ କୌଣସି ବୈଠକ ନ ଡାକି ମନମୁଖୀ ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। କର୍ମଚାରୀ ଙ୍କୁ ପଦୋନ୍ନତି ଦେଉ ନାହାଁନ୍ତି। କର୍ମଚାରୀ ୬୦ବର୍ଷ ରେ ଅବସର ନେବାକୁ ଥିବା ବେଳେ ସଦସ୍ୟ ସଚିବ ଗତ ଅକ୍ଟୋବର ମାସରେ ତାଙ୍କର କାର୍ଯ୍ୟ କାଳ ସରିଥିଲେ ବି ତାଙ୍କ କ୍ଷେତ୍ରରେ ନିୟମ କୁ ଲାଗୁ କରାଯାଇ ନାହିଁ। ଗତ ମଇ ମାସ ରେ ଏ ଡ଼ି ଏମ କୁ ସଭାପତି ଦାୟିତ୍ୱ ଦେବାକୁ କ୍ରୀଡ଼ା ନିର୍ଦ୍ଦେଶକ ଚିଠି ପଠାଇ ଥିଲେ ବି ତାହାକୁ ପରିଚାଳନା କମିଟି କାର୍ଯ୍ୟକାରୀ କରୁ ନାହିଁ। ପରିଚାଳନା କମିଟି ମହାବିଦ୍ୟାଳୟ କୁ ସରକାରୀ କାରଣ କୁ କରିବାକୁ ଦେଉ ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ଡ଼ଃ ଶକ୍ତି ରଞ୍ଜନ ମିଶ୍ର ,ପ୍ରଶାନ୍ତ କୁମାର ଗିରି, ଅରୁଣ କୁମାର ବେହେରା, ସନ୍ଧ୍ୟା ରାଣୀ ଦାସ ,ପର୍ଶୁରାମ ଗଂଗାଇ, ସୁଦର୍ଶନ ମଣ୍ଡଳ,ମଧୁ ସୂଦନ ପାଣିଗ୍ରାହୀ, ସୃଷ୍ଟିଧର ଗିରି, ଜୟନ୍ତ ମହାନ୍ତି ,ରବୀନ୍ଦ୍ର ଘଡାଇ , ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ର ଆବାହକ ସତ୍ୟକାମ ମହାନ୍ତି ,ଦେବାଶିଷ ପାତ୍ର ,ଜୟକୃଷ୍ଣ ଗଂଗାଇ ପ୍ରମୁଖ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଯୁବ ଓଡ଼ିଶା, ନବିନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟନ ଉତ୍ସବରେ ଭୋଟର ସଚେତନତା ପର୍ବ




ଉଦଳା , ୨୨/୧୧ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା କନିଷ୍ଠ ମହାବିଦ୍ୟାଳୟ ପରିସରରେ ଆଜି ନଭେମ୍ବର ୨୨ ତାରିଖ ବୁଧବାର ଦିନ ଓଡ଼ିଶା ସରକାରଙ୍କର 'ଯୁବ ଓଡ଼ିଶା, ନବିନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇ ଯାଇଛି । ଉକ୍ତ ଉତ୍ସବରେ କପ୍ତିପଦା ପଂଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ର ଛାତ୍ରୀ ମାନଙ୍କ ନିକଟରେ ଲୁଚି ରହିଥିବା ପ୍ରତିଭାର ବିକାଶ ପାଇଁ ସରକାରଙ୍କର ଏହି ଯୋଜନା ବୋଲି ବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଯେଉଁ ଛାତ୍ର ଛାତ୍ରୀ ମାନଙ୍କର ବୟସ ୧୮ ବର୍ଷ ଛୁଇଁଲା ସେମାନେ ଭୋଟର ତାଲିକାରେ ନିଜର ନାମ ପଂଜିକରଣ କରି ଭୋଟ ପରିଚୟପତ୍ର ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ନୋଡ଼ାଲ ଅଫିସର ଅଧ୍ୟାପକ ଡ଼କ୍ଟର ଶ୍ରୀହରି ପଣ୍ଡା ଭାରତ ପରି ପୃଥିବୀରେ ସର୍ବବୃହତମ ଗଣତନ୍ତ୍ର ଦେଶରେ ଭୋଟ ପରିଚୟପତ୍ରଟିଏ ପାଇଲେ ନିଜ ଭିତରେ ଗର୍ବ ଅନୁଭୂତ ହୋଇଥାଏ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି, ଡ଼କ୍ଟର ଧନଞ୍ଜୟ ରାଉତ ଓ ଶଙ୍କର୍ଷଣ ମିଶ୍ର ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଆସନ୍ତା ଡ଼ିସେମ୍ବର ୧୭ ତାରିଖରେ ଉଦ୍‌ଯାପିତ ହେବ ବୋଲି ସୂଚନା ପ୍ରଦାନ କରିବା ସହ ଗଣତନ୍ତ୍ରକୁ ବଂଚାଇ ରଖିବା ପାଇଁ ଭୋଟ ଦେବା କିପରି ଅପରିହାର୍ଯ୍ୟ ସେ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗୋଲି ଓ ସାମୂହିକ ନୃତ୍ୟ ପରିବେଷିତ ହୋଇଥିଲା ।

# ନୂଆଗାଁ କାଳୀପୂଜାରେ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ହେଲା ଜେଏସଡବ୍ଲ୍ୟୁ ପାଭିଲିଅନ




ପାରାଦୀପ , ୨୨/୧୧ (ନି.ପ୍ର): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ନୂଆଗାଁ ପଞ୍ଚାୟତରେ ପ୍ରସିଦ୍ଧ ମା କାଳୀଙ୍କ ପୂଜା ଉତ୍ସବ ସାତ ଦିନ ଧରି ସମ୍ପୂର୍ଣ୍ଣ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା। ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆୟୋଜିତ ଏହି ପୂଜା ମଣ୍ଡପ ନିକଟରେ ଜେ ଏସ ଡ ବ୍ଲୁ ପକ୍ଷରୁ ଏକ ପାଭିଲିଅନ ପ୍ରସ୍ତୁତ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ଜେ ଏସ ଡ ବ୍ଲୁ ସ୍ଥାନୀୟ କାର୍ଯ୍ୟାଳୟର ପ୍ରଶାସନିକ ମୁଖ୍ୟ ଧନଞ୍ଜୟ କୁମାର ସିହ୍ନାଙ୍କ ସହିତ ସମାଜସେବୀ ତମିଲ ପ୍ରଧାନଙ୍କ ଉପସ୍ଥିତିରେ ଏହାର ଉଦଘାଟନ କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ଏହି ପାଭିଲିଅନରେ ଛୋଟ ଛୋଟ ପିଲା ତଥା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଠିକ ଉତ୍ତର ଦେଇଥିବା ଛାତ୍ରଛାତ୍ରୀ ତଥା ଛୋଟ ଛୋଟ ପିଲା ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ସହିତ ଉପହାର ପ୍ରଦାନ କରାଯାଇଥିଲା। ସାତ ଦିନ ଧରି ଏହି ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଉତ୍ସାହର ସହିତ ଯୋଗ ଦେଇଥିଲେ। ଏହାକୁ ସ୍ଥାନୀୟ ଅଞ୍ଚଳର ଛାତ୍ରୀ ଭବାନୀ ବେଉରା ପରିଚାଳନା କରିଥିଲେ। ଏଥି ସହିତ କାଳୀ ପୂଜା କମିଟି ପକ୍ଷରୁ ପାଲା, ଭଜନ ସଂଧ୍ୟା, ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ଏହି କାଳୀପୂଜାରେ ମାଆଙ୍କର ଦର୍ଶନ କରିବା ସହିତ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସାତ ଦିନ ଧରି ଅନୁଷ୍ଠିତ ଏହି କାଳୀପୂଜାର ସମସ୍ତ କାର୍ଯ୍ୟକ୍ରମକୁ କମିଟି ପକ୍ଷରୁ ତମିଲ ପ୍ରଧାନ, ବିଜୟ ମହାନ୍ତି, ଅଜିତ ଦାସ,,ପ୍ରଶାନ୍ତ ଜେନା, ଅଚ୍ୟୁତ ନାୟକ, ମକର ବିଶ୍ୱାଳ, ଅରୁଣ ପରିଡ଼ା ସମେତ ବହୁ ଯୁବଗୋଷ୍ଠୀ ପରିଚାଳନା କରିଥିଲା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଭାଜପା ଯୁବ ମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ




ଖଇରା, ୨୨/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ୫ନମ୍ବର ତୁଡିଗଡିଆ ଜୋନର ଦେଉଳିସ୍ଥିତ ମଣ୍ଡଳ କାର୍ଯ୍ୟାଳୟ ରେ ବୁଧବାର ଦିନ ଭାଜପା ଯୁବ ମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ ଜନତା ପାର୍ଟିକୁ କିଭଳି ଜୋନରେ ଅଧିକ ସୁଦୃଢ କରାଯାଇ ପାରିବ ଏବଂ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣ ଯୋଜନାକୁ ଘରେ ଘରେ ପହଞ୍ଚାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମଣ୍ଡଳ ସବାପତି ମହେଶ୍ୱର ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମଣ୍ଡଳ କୋଷାଧକ୍ଷ ମନୋଜ ପତି,ରାଜ୍ୟ ଯୁବ ମୋର୍ଚ୍ଚା କୋଷାଧକ୍ଷ ଇଂ ରାଜେଶ ମହାକୁଡ, ଜିଲା ଉପସଭାପତି ଅକ୍ଷୟ ବିଶ୍ୱାଳ, ନିର୍ବାଚନ ମଣ୍ଡଳୀ ବିସ୍ତାରକ ଜିତେନ ବେହେରା, ପ୍ରାକ୍ତନ ସରପଞ୍ଚ ସୁଶାନ୍ତ ମହାକୁଡ, ବାବାଜୀ ମହାନ୍ତି, ମଣ୍ଡଳ ସମ୍ପାଦକ ଲକ୍ଷ୍ମୀକାନ୍ତ ସାହୁ, ମହିଳା ମୋର୍ଚ୍ଚା ସଭାପତି ଅହଲ୍ୟା ପାତ୍ର, ଡାଲଙ୍ଗ ସରପଞ୍ଚ ଅଜୟ କୁମାର ନାୟକ ପ୍ରମୁଖ ଦଳର ଆଗାମୀ କାର୍ଯ୍ୟପନ୍ଥା ଉପରେ ଦିଗଦର୍ଶନ ଦେଇଥିଲେ ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଆଲୋଚନାଚକ୍ର




ବାଲେଶ୍ୱର, ୨୨/୧୧ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ପଦୁଆଁପଦାସ୍ଥିତ କାର୍ଯ୍ୟାଳୟରେ ଆଞ୍ଚଳିକ ଭାଷାର ଐକ୍ୟ ସଂପର୍କରେ ଏକ ଆଲୋଚନାଚକ୍ର ସଭାପତି ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ ଡ. ଭାଗବତ ପ୍ରସାଦ ଦାସ ବକ୍ତା ଭାବରେ ଯୋଗ ଦେଇ ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ଆଞ୍ଚଳିକ ଭାଷା ସଂପର୍କରେ ଆଲୋଚନା କରିବା ସହିତ ଭାଷାର ବିବିଧତା ସତ୍ତ୍ୱେ ସମଗ୍ର ଓଡ଼ିଶାବାସୀ ଏକତା ସୂତ୍ରରେ ବାନ୍ଧି ହୋଇ ରହିବା ଲାଗି ଆହ୍ୱାନ ଦେଇଥିଲେ। ଏହି ଅବସରରେ ବାସନ୍ତୀ କର, ଡ. ରତ୍ନାକର ସିଂହ, ଅବନ୍ତୀ ପ୍ରଧାନ, ପ୍ରୀତିଲେଖା ଦାସ, ଇଂ. ବିଜୟ କୁମାର ମହାନ୍ତି ଓ କଲ୍ୟାଣୀ ନନ୍ଦ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସାଧାରଣ ସଂପାଦକ ନିବାରଣ ଜେନା ପ୍ରାକ୍ ବକ୍ତବ୍ୟ ରଖିଥିବାବେଳେ ସଂଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ବୋଷ, ନିରଂଜନ ସାହୁ, ରାଜେନ୍ଦ୍ର ନାରାୟଣ ରାଉତ, କରୁଣାକର ସ, ତପନ ରାୟ, ହିମାଂଶୁ ଦାସ, ନିରଂଜନ ରାଉତ, ମନ୍ମଥ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇରନ ଟ୍ରକ ଦୁର୍ଘଟଣାରେ ଜଣେ ମୃତ

ବାସୁଦେବପୁର, ୨୨/୧୧ (ନି.ପ୍ର): ବାସୁଦେବପୁର ପୌର ପାଳିକାର ୮ ନମ୍ବର ୱାର୍ଡ଼ ପାରା ଗ୍ରାମରେ ରେ ଜଣେ ବ୍ୟକ୍ତି ଙ୍କ ର ଆଇରନ ଟ୍ରକ ଦୁର୍ଘଟଣା ରେ ଆଜି ଦିନ ୧୦ ଟା ୩୦ ମିନିଟ ସମୟ ରେ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଙ୍କ ନାମ ମାଧବାନନ୍ଦ ଦାସ । ବୟସ ୫୦ ବର୍ଷ କ୍ଷ ତାଙ୍କର ପିତା ଙ୍କ ନାମ କୈଳାଶ ଦାସ । ଏହି ଘଟଣା ରେ ଜନ ସାଧାରଣ ଉତ୍ୟକ୍ତ ହୋଇ ବାସୁଦେବପୁର ବଜାର ମେଡିକାଲ ପାଖରେ ରାସ୍ତା ଅବରୋଧ କରିଥିଲେ ଓ ଟାୟାର ଜାଳି ବିକ୍ଷୋଭ କରିଥିଲେ । ଦୁର୍ଘଟଣା ଘଟଇଥିବା ଗାଡି ନମ୍ବର ଓଡ଼୦୯୪ ଇ୧୫୬୯ କ୍ଷ ଦୀର୍ଘ ସମୟ ଧରି ଏହି ଘଟଣା ରେ ଯାନ ବାହନ ବନ୍ଦ ରହିଥିଲା । ପରେ ଏସ ଡି ପି ଓ ସୌରଭ ଓତା ଓ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ଘଟଣା ସ୍ଥଳ କୁ ଆସି ଜନ ସାଧାରଣ କୁ ବୁଝା ସୁଝା କରିଥିଲେ ଓ ମୃତ୍ୟୁ ବରଣ କରିଥିବା ପରିବାର କୁ ସମ ବେଦନା ଜଣାଇଥିଲେ । ଏହି ଘଟଣା ରେ ମୃତ ବ୍ୟକ୍ତି ଙ୍କ ପରିବାର କୁ ୧୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ଜନ ସାଧାରଣ ରେ ଦାବି ହୋଇଛି ।

## ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାର ଶୁଭାରମ୍ଭ

ଖୋର୍ଦ୍ଧା, ୨୨/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଅନୁକୁଲ୍ୟ ରେ ପର୍ଯ୍ୟଟନ ବିଭାଗ ଦ୍ୱାରା ଅନୁଷ୍ଠିତ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ୨୦୨୩-୨୪ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ସମସ୍ତ ଯାତ୍ରୀ ହରିଦ୍ୱାର ରିଶିକେସ ୨୩ ରେ ସ୍ୱତନ୍ତ୍ର ଟ୍ରେନ ରେ ଯିବେ ଓ ୨୮ ରେ ଫେରିବେ । ଏଥିରେ ଖୋର୍ଦ୍ଧା ଜିଲ୍ଲା ରୁ ୨୧୧ ବରିଷ୍ଠ ନାଗରିକ ଓ ୭ଜଣ ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି । ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲ୍ଲାପରିଷଦ ଅଧକ୍ଷା ରୁପଶ୍ରୀରାଣୀ ଗୁମାନସିଂ ଓ ପର୍ଯ୍ୟଟନ ବିଭାଗ ବିଏନଟିୱାଇୱାଇ ର ଉପଦେଷ୍ଟା ଦୁର୍ଗା ସାମନ୍ତରାୟ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହାପରେ ସମସ୍ତ ଯାତ୍ରୀ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ ।

# ଭାଇଚାରାର ମାଧ୍ୟମ ସାଜେ ଆଧ୍ୟାତ୍ମିକ ଭକ୍ତି ଭାବନାର ମହୋତ୍ସବ



ବସ୍ତା, ୨୨/୧୧ (ନି.ପ୍ର): ଆଧ୍ୟାତ୍ମିକ ଭକ୍ତି ଭାବନା ଉଜିବିତକରେ ଏକ ଶାନ୍ତିମୟ ପରିବେଶ। ପରସ୍ପର ମଧ୍ୟରେ ସଦଭାବ ନା ଭାଇଚାରାର ସୃଷ୍ଟିକରିବାର ମାଧ୍ୟମ ସାଜେ ମହୋତ୍ସବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ପୋଡାପୁଡା ଗ୍ରାମରେ କାର୍ତ୍ତିକ ମାସର ପଞ୍ଚୁକ ପୂର୍ଣ୍ଣମି ଉପଲକ୍ଷେ ଅନୁଷ୍ଠିତ ମହୋତ୍ସବରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଥିଲା । ମଣ୍ଡପରେ ବିରାଜମାନ ରାଧା କୃଷ୍ଣଙ୍କ ବିଗ୍ରହ ନିକଟରେ ଭକ୍ତମାନେ କଳସି ସ୍ଥାପନ କରିଥିଲେ । ସନ୍ଧ୍ୟାରେ ଶିକ୍ଷାବିତ ଦିଲ୍ଲୀପ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ବସ୍ତା ପ୍ରେସକ୍ଲବର ସଭାପତି ବିଜୟକୁମାରଭୂୟାଁ ଅତିଥିଙ୍କୁ ମଞ୍ଚ କୁ ଆହ୍ୱାନ କରିଥିଲେ । ଉଦ୍ ଘାଟକ ତଥା ମୁଖ୍ୟ ଅତିଥି ଭାବେ ବସ୍ତା ଉପଖଣ୍ଡ ଅଧିକାରୀ ମାନସ କୁମାରଦେଓ ଯୋଗ ଦେଇ ପଞ୍ଚୁକ ମହୋତ୍ସବ କମିଟିର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇବା ସହିତ ପଞ୍ଚୁକ ବିଷୟରେ ସାର ଗର୍ଭ ବିଷୟ ବର୍ଣ୍ଣନାକରିଥିଲେ । ମୁଖ୍ୟବକ୍ତା ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ସଂଚାଳକ ପଣ୍ଡିତ ବିଜୟଜୀ ଯୋଗ ଦେଇ ପ୍ରବଚନ ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରିଥିଲେ । ସମ୍ମାନୀତ ଅତିଥି ପ୍ରକୃତି ବନ୍ଧୁ ସମାଜସେବୀ ସୁମନ୍ତ କୁମାର ଜେନା , ସମାଜସେବୀ ଅମର କୁମାର ପାଳ, ଯୁବସମାଜସେବୀ ତଥା କଂଗ୍ରେସଜିଲ୍ଲା ମୁଖପାତ୍ର ଇଂ ସୁଧାଂଶୁସେଖର ଯେନା , ରାହାସ କମିଟିର ସ୍ଥାୟି ସଭାପତି ନବକାନ୍ତ ଜେନା ଯୋଗ ଦେଇ ଥିଲେ । ଆବାହନୀ ସଂଗୀତ ବୈଷ୍ଣବୀ ଭୂୟା ଗାନ କରିଥିବାବେଳେ କମିଟିର ସମ୍ପାଦକ ଜୟନ୍ତ ଜେନା କୋଷାଧ୍ୟକ୍ଷ ଶଶିକାନ୍ତ ଜେନା, ପ୍ରଶାନ୍ତ ଦାସ, ପଦ୍ମଲୋଚନ ପାତ୍ର, ଅଜିତ ଦାସ, ଶିବାନନ୍ଦଜେନା, କାହ୍ନୁଦାସ, ସୁଶାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଜଳଙ୍ଗ ଚଣ୍ଡିମାତା ଫୁଟବଲ ଟୁର୍ନାମେଂଟ: ସୋର ଚାମ୍ପିୟନ

ଖଇରା, ୨୨/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଜଳଙ୍ଗ ଗ୍ରାମରେ ମା ଚଣ୍ଡିମାତା ୟୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟରେ ସୋର ଟିମ ଶକ୍ତିଶାଳୀ ବାଉଁଶଗଡିଆ ଏକାଦଶକୁ ୨-୦ରେ ପରାସ୍ତ କରି ୨୦୨୩ ର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି । ମୋଟ ୧୬ଟିମ ଅଂଶ ଗ୍ରହଣ କରିଥିବା ବେଳେ ବାଉଁଶଗଡିଆ, ସୋର,ମୟୁରଭଞ୍ଜ ଓ ବେତଡା ଟିମ ଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା,ସରପଞ୍ଚ ମନ୍ଦାକିନୀ ଦାସ, ଆୟୋଜକ ସଞ୍ଜୟ ତିଆଡି,ଲକ୍ଷ୍ମୀଧର ମୁଣ୍ଡା,ଗୋପିନାଥ ମୁଣ୍ଡା ଓ ସାଧୁଆ ମୁଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଦଳକୁ ୧୫ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ ।

# ଏମ.ସି.ଏ.ଏମ.ରେ ପ୍ରଫେସର ଅଫ ଏକ୍ସିଲେନସ ଭାବେ ପ୍ରଫେସର ସୁଶୀଲ ଦତ୍ତଙ୍କ ଯୋଗଦାନ




ବାରିପଦା , ୨୨/୧୧ (ନି.ପ୍ର): ଅନ୍ତଃରାଷ୍ଟ୍ରୀୟ ଖ୍ୟାତ ସମ୍ପର୍ଣ୍ଣ ବୈଜ୍ଞାନିକ ତଥା ମହାରାଜା ଶ୍ରୀରାମ ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ଡ଼ଃ ସୁଶୀଲ କୁମାର ଦତ୍ତ ବାରିପଦା ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ଅଫ ଏକ୍ସିଲେନ୍ସ ଭାବେ ଯୋଗ ଦେଇଥିବାରୁ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ ଆୟୋଜିତ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ପୁଷ୍ପ ଗୁଚ୍ଛ ପ୍ରଦାନ କରି ପ୍ରଫେସର ଦତ୍ତ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଯୋଗଦେଇ ପ୍ରଫେସର ଦତ୍ତଙ୍କ ଯୋଗଦାନ ମହାବିଦ୍ୟାଳୟର ମାନବୃଦ୍ଧି କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଉପଯୁକ୍ତ ଦିଗଦର୍ଶନ ଦିଗରେ ସାହାଯ୍ୟ କରିବେ ବୋଲି କହିଛନ୍ତି। ପ୍ରଫେସର ଦତ୍ତ ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ପ୍ରେରଣା ଯୋଗାଇବା ସହିତ ଗବେଷଣା ଓ ନିଯୁକ୍ତି କ୍ଷେତ୍ରରେ ଯଥାସମ୍ଭବ ସାହାଯ୍ୟ କରିବେ ବୋଲି କହିଥିଲେ। ଅଧ୍ୟାପିକା ଅଭିପ୍ସା ନାୟକ ଅତିଥି ପରିଚୟ ପ୍ରଦାନ କରିଥିବେ ବେଳେ ଅଧ୍ୟାପକ ଦେବୀଦତ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ରୂପମଞ୍ଜରୀ ବେହେରା, ଅଙ୍କିତା ସାହୁ, ଏଲିନା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଳେଶ୍ୱର ପୁଲିସ୍‌ର ବ୍ରାଉନ୍‌ସୁଗର ଆଡ୍ଡା ଉପରେ ଚଡାଉ

## ଶାସନବାର୍ଡ଼ରୁ ୩୩୮ଗ୍ରାମ ଜବତ୍ : ୬ ମାମଲାରେ ଜଡିତ ଜଣେ ଗିରଫ



ଜଳେଶ୍ୱର, ୨୨/୧୧ (ନି.ପ୍ର): ଦୀର୍ଘଦିନର ବ୍ୟବଧାନପରେ ଜଳେଶ୍ୱର ପୁଲିସ୍‌କୁ ବ୍ରାଉନ୍‌ସୁଗର ଚୋରାବେପାରୀ ଧରିବାରେ ଆଉଏକ ସୁଯୋଗ ମିଳିଛି । ପୌରପରିଷଦର ଶାସନବାର୍ଡ ଗ୍ରାମରୁ ଦୀର୍ଘବର୍ଷ ଧରି ବ୍ରାଉନ୍‌ସୁଗର ଚୋରା ବେପାର କରି ଚଳିଆସୁଥିବା ଏବଂ ରାଜ୍ୟର ବିଭିନ୍ନ ସ୍ଥାନକୁ ଚୋରାରେ ପଠାଉଥିବା ଜଣେ ବ୍ୟକ୍ତିକୁ ପୁଲିସ୍ ଗିରଫ କରିବାରେ ସକ୍ଷମ ହୋଇଛି । ଦେଶରେ ଓଡିଶାର ଜଳେଶ୍ୱର ଏକ ଚୋରାମାଦକଦ୍ରବ୍ୟ କାରବାରର ହବ୍ କୁହାଯାଉଥିବା ବେଳେ ଏହାର ନିରାକରଣ ଅଦ୍ୟାବଧି ହୋଇପାରିନାହିଁ । ଆନ୍ତର୍ଜାତୀୟ ସ୍ତରରେ ଆଫଗାନୀସ୍ଥାନେ, ପଶ୍ଚିମବଂଗ ଓ ବାଂଲାଦେଶରୁ ଧଳାଜହର ଆସି ଜଳେଶ୍ୱରର କେତେକସ୍ଥାନରେ ଗଚ୍ଛିତ ରଖାଯାଇଥାଏ । ପରେ ସେଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ ହୁଏ । ରାଜ୍ୟର ବିଭିନ୍ନ ସ୍ଥାନରେ ଧରାପଡୁଥିବା ଚୋରା ବ୍ରାଉନସୁଗର କାରବାର ସହିତ ଜଳେଶ୍ୱରର ଲିଙ୍କ ରହିଥିବାର ଗୁଇନ୍ଦା ବିଭାଗ ରିପୋର୍ଟରୁ ପ୍ରକାଶ ବୋଲି ଜନୈକ ପଦାଧିକାରୀ ନାମ ଗୋପନ ରଖି କହିଛନ୍ତି । ଗତ ସଂଧ୍ୟାରେ ଜଳେଶ୍ୱର ପୁଲିସ୍ ଆଇଆଇସି ରଂଜନ କୁମାର ସେଠୀ ଏନ୍‌ଡିପିଏସ୍ ନିରୋଧ ଟିମ୍‌କୁ ଧରି ହଠାତ୍ ପୌରପାଳିକାର ଶାସନବାର୍ଡ ଅଂଚଳରେ ଚଡାଉ କରିଥିଲେ । ଏଥିରେ ୩୦ବର୍ଷର ଜଣେ ଯୁବକ ଠାରୁ ୩୩୮ ଗ୍ରାମର ବ୍ରାଉନ୍‌ସୁଗର ଜବତ୍ ହେବା ସହ ଯୁବକକୁ ଗିରଫ କରିଛନ୍ତି । ଏହାର ଆନୁମାନିକ ମୂଲ୍ୟ ୩୪ଲକ୍ଷ ଟଙ୍କା ହେବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁ କହିଛନ୍ତି । ପ୍ରକାଶଯୋଗ୍ୟ ଗିରଫ ଯୁବକ ନାଁରେ ପୂର୍ବର ଅନ୍ୟ ୬ଟି ମାମଲା ରହିଥିବାର ଶ୍ରୀ ସାହୁ ସୂଚନା ଦେଇଛନ୍ତି । ଏଥିରେ ଜଳେଶ୍ୱର ଥାନାରେ ୪ଟି ଏନ୍‌ଡିପିଏସ୍ ଓ ଗୋଟି ବିନା ଅନୁମତିରେ ମାରଣାସ୍ତ୍ର ରଖିବା ତଥା କମର୍ଦ୍ଧା ଥାନାରେ ଅନ୍ୟଏକ ଏନ୍‌ଡିପିଏସ୍ ମାମଲା ରହିଛି । ଯୁବକଙ୍କ ଠାରୁ ମୋଟ ୧୧୭୦୦ ଟଙ୍କା, ଏକ ପ୍ଲାଷ୍ଟିକ ବ୍ୟାଗ୍ ଧଳା ଜହର ଥିବା ୩ଟି ମୋବାଇଲ, ବିଭିନ୍ନ ବ୍ୟାଙ୍କରେ ଥିବା ପାସ୍‌ବୁକ୍, ବିଭିନ୍ନ ବ୍ୟାଙ୍କର ୪ଟି ଏଟିଏମ୍, ୪ଟି ଆର୍‌ସି ସ୍ମାଟକାର୍ଡ, ୨ଟି ଭୋଟର ପରିଚୟପତ୍ର, ୧ଟି ପାନ୍‌କାର୍ଡ ଓ ଅନ୍ୟଏକ ଆଇସିଆଇସିଆଇ ବ୍ୟାଙ୍କର କ୍ୟୁଆର ସ୍କେନର ମିଳିଥିବା କୁହାଯାଇଛି । କିନ୍ତୁ ଯୁବକ ଜଣକ ୨୦୨୦ରୁ ଭୁବନେଶ୍ୱର ଓ ଖୋର୍ଦ୍ଧା ଅଂଚଳକୁ ଧଳାଜହର ପଠାଉଥିବାର ଏସ୍‌ଡିପିଓ କହିଛନ୍ତି । ଅନ୍ୟବହୁ ତଥ୍ୟ ତା ଠାରୁ ମିଳିଥିବାର ପୁଲିସ୍ ସୂଚନା ଦେଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo